- Vol.- 46, Issue No. 65
- Friday, 5 June 2026
- ଶୁକ୍ରବାର, ୫ ଜୁନ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

ପୁରୀ ବ୍ରିକ୍ସ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ

ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ବିଶ୍ୱସ୍ତରୀୟ ମଡେଲ୍

■ ପୂର୍ବ ପ୍ରସ୍ତୁତି, ଦୃଢ଼ ଅନୁଷ୍ଠାନ ଓ କମ୍ୟୁନିଟି ସହଭାଗିତାରେ ହ୍ରାସ ହୋଇପାରିବ ବିପଦ

ପୁରୀ,୪।୬(ନିପ୍ର): ପୁରୀରେ ବ୍ରିକ୍ସ ଦେଶ ସମ୍ମିଳନୀ ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବ। ଭାରତ ସମେତ ବ୍ରାଜିଲ୍, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ଋଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ୟୁଏଇ ଓ ଚାଇନା ଭଳି ଦେଶର ପ୍ରତିନିଧିଗଣ ଏଥିରେ ସାମିଲ୍ ହୋଇଛନ୍ତି। ତେବେ ଦ୍ୱିତୀୟ ଦିନରେ ଏଥିରେ ଯୋଗଦେଇ ବିପର୍ଯ୍ୟୟ ଆଶଙ୍କା ହ୍ରାସ ଗ୍ରୁପର ବୈଷୟିକ ବୈଠକକୁ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ସେ ବିପର୍ଯ୍ୟୟ ପ୍ରତିରୋଧ, ଜଳବାୟୁ ଅନୁକୂଳ ଏବଂ ସ୍ଥାୟୀ ବିକାଶ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ଦୋହରାଇବା ସହ ଜଳବାୟୁ ପରିବର୍ତ୍ତନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ବଢ଼ୁଥିବା ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଅନ୍ତର୍ଜାତୀୟ ଓ ଆନ୍ତଃ-ରାଜ୍ୟ ସହଯୋଗ ବୃଦ୍ଧି କରିବାକୁ ଆହ୍ୱାନ ଦେଇଛନ୍ତି । ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ପ୍ରତିନିଧି, ବିଶେଷଜ୍ଞ ଏବଂ ସଦସ୍ୟମାନଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ଏହି ସମ୍ମିଳନୀକୁ ବିଶ୍ୱସ୍ତରୀୟ ବିପର୍ଯ୍ୟୟ ଆଶଙ୍କା ହ୍ରାସ ପ୍ରୟାସକୁ ଆଗକୁ ନେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ ବର୍ଣ୍ଣନା କରିଛନ୍ତି । ସେ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ଏହି ବୈଠକର ମୂଳ ବିଷୟବସ୍ତୁ ହେଉଛି ବିପର୍ଯ୍ୟୟ ପରିଚାଳନାରେ "ପ୍ରତିରୋଧ, ଅଭିନବତ୍ୱ, ସହଯୋଗ

ଏବଂ ସ୍ଥାୟୀ ବିକାଶ ପାଇଁ ପ୍ରସ୍ତୁତି" । ଜୀବନ, ଜୀବିକା ଏବଂ ଆଗାମୀ ପିଢ଼ିକୁ ସୁରକ୍ଷିତ ରଖିବା ପାଇଁ ଏ କ୍ଷେତ୍ରରେ ଅନ୍ତର୍ଜାତୀୟ ସମୁଦାୟ ଅଧିକ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ମୋହନ ମାଝୀ କହିଛନ୍ତି । ଏହି ଅଧିବେଶନକୁ ସମ୍ବୋଧିତ କରି ସିଏମ୍ କହିଛନ୍ତି ଯେ ବିପର୍ଯ୍ୟୟ ଆଶଙ୍କା ହ୍ରାସ ଏବେ କେବଳ ଏକ ସ୍ୱତନ୍ତ୍ର ସୀମାବଦ୍ଧ ବିଷୟ ହୋଇ ରହିନାହିଁ, ବରଂ ଏହା ସ୍ଥାୟୀ ବିକାଶ, ଅର୍ଥନୈତିକ ସ୍ଥିରତା ଏବଂ ସୁରକ୍ଷାର ମୂଳଦୁଆ ପାଲଟିଛି। ଜଳବାୟୁ ପରିବର୍ତ୍ତନ, ଦ୍ରୁତ ସହରୀକରଣ ଏବଂ ପରିବେଶର ଅବକ୍ଷୟ ଯୋଗୁଁ ସାରା ବିଶ୍ୱରେ ବାରମ୍ବାର ବିପର୍ଯ୍ୟୟ ହେବା ସହିତ ଏହାର ତୀବ୍ରତା ମଧ୍ୟ ବୃଦ୍ଧି ପାଉଛି । ଏଥିପାଇଁ ଦୃଢ଼ ପ୍ରସ୍ତୁତି ଏବଂ ସମନ୍ୱିତ ପଦକ୍ଷେପ ଆବଶ୍ୟକ । ଏହା ସହିତ ମୁଖ୍ୟମନ୍ତ୍ରୀ ସମଗ୍ର ବିଶ୍ୱ ଦ୍ୱାରା ଓଡ଼ିଶାର ସ୍ୱୀକୃତିପ୍ରାପ୍ତ ବିପର୍ଯ୍ୟୟ ପରିଚାଳନା ମଡେଲ ଉପରେ ଆଲୋକପାତ କରିଥିଲେ। ସେ କହିଛନ୍ତି, "ପୂର୍ବ ପ୍ରସ୍ତୁତି, ଦୃଢ଼ ଅନୁଷ୍ଠାନ ଏବଂ କମ୍ୟୁନିଟି ସହଭାଗିତା ଜରିଆରେ ବିପର୍ଯ୍ୟୟର ପ୍ରଭାବକୁ ଯଥେଷ୍ଟ ହ୍ରାସ କରାଯାଇ ପାରିବ। ତେବେ, ଆଗାମୀ ଦିନର ଆହ୍ୱାନଗୁଡ଼ିକ ପାଇଁ ଆହୁରି ଅଧିକ ପ୍ରୟାସ, ସୁଦୃଢ଼ ସହଭାଗିତା ଏବଂ ଉନ୍ନତ ବୈଷୟିକ କ୍ଷମତାର ଆବଶ୍ୟକତା ରହିଛି।" ଭାରତର ବିକାଶ ଏଜେଣ୍ଡାର କେନ୍ଦ୍ରବିନ୍ଦୁରେ ବିପର୍ଯ୍ୟୟ ଆଶଙ୍କା ହ୍ରାସକୁ ସ୍ଥାନିତ କରିଥିବାରୁ ସିଏମ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକୁ ପ୍ରଶଂସା କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ବିପର୍ଯ୍ୟୟ ଆଶଙ୍କା ହ୍ରାସ ପାଇଁ ପ୍ରଧାନମନ୍ତ୍ରୀଙ୍କ ଦଶ-ଦଫା କାର୍ଯ୍ୟସୂଚୀ ଏକ ବିସ୍ତୃତ ରୂପରେଖ ପ୍ରଦାନ କରିଛି। ଏହା ପ୍ରତିରୋଧ, ପ୍ରସ୍ତୁତି, ପ୍ରଯୁକ୍ତିବିଦ୍ୟା ପ୍ରୟୋଗ, ଆଶଙ୍କା-ଭିତ୍ତିକ ବିକାଶ ଏବଂ ଅନ୍ତର୍ଜାତୀୟ ସହଯୋଗ ଉପରେ କେନ୍ଦ୍ରୀଭୂତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି ।

ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ଅଧିକ ପାଠ ପଢ଼ିଥିଲେ ମିଳିବନି ଛୋଟ ଚାକିରି

ନୂଆଦିଲ୍ଲୀ,୪।୬: ବେଳେବେଳେ ଅଧିକ ଶିକ୍ଷିତ ହେବା କୌଣସି ଏକ ନିର୍ଦ୍ଦିଷ୍ଟ ଚାକିରି ପାଇଁ ଅଯୋଗ୍ୟତା ପାଲଟି ଯାଇଥାଏ। ଦେଶରେ ବେକାରଙ୍କ ସଂଖ୍ୟା ବଢ଼ୁଥିବାବେଳେ ପିଏଚ୍‌ଡି ଧାରକଙ୍କ ସମେତ ଉଚ୍ଚ ଯୋଗ୍ୟତାସମ୍ପନ୍ନ ଯୁବବର୍ଗ ଗ୍ରୁପ୍ ଡି ସରକାରୀ ଚାକିରି ପାଇଁ ପ୍ରତିଯୋଗିତା କରୁଛନ୍ତି। ଏହି ସମୟରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରି କହିଛନ୍ତି ଯେ, ଯଦି ଜଣେ ବ୍ୟକ୍ତି କୌଣସି ଏକ ପଦବୀ ପାଇଁ ଏକ ନିର୍ଦ୍ଦିଷ୍ଟ ସର୍ବାଧିକ ଯୋଗ୍ୟତାରୁ ଅଧିକ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥାନ୍ତି, ତେବେ ତାଙ୍କୁ ଚାକିରି ପାଇଁ ଅଯୋଗ୍ୟ ଘୋଷିତ କରାଯାଇପାରିବ। ଜଣେ ନିଯୁକ୍ତିଦାତାଙ୍କର ସଠିକ୍ ଲୋକଙ୍କୁ ସଠିକ୍ ସ୍ଥାନରେ ନିଯୁକ୍ତି ଦେବାର ଆବଶ୍ୟକତା ସର୍ବଦା ଉଚ୍ଚ ଯୋଗ୍ୟତାସମ୍ପନ୍ନ ଲୋକଙ୍କୁ ବୁଝାଏ ନାହିଁ ବୋଲି ବିଚାରପତି ହସନାଇନୁଦ୍ଦିନ୍ ଅମାନୁଲ୍ଲାହ ଏବଂ ଆର ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି। ଏକ ପଦବୀ ପାଇଁ ଯୋଗ୍ୟତା ଏକ ସୀମା ନିର୍ଦ୍ଧାରଣ କରିବା ତଥା ଉଚ୍ଚ ଡିଗ୍ରୀଧାରୀମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ସରକାରଙ୍କ ନିଷ୍ପତ୍ତିରେ କୌଣସି ଭୁଲ୍ ନାହିଁ। କୋର୍ଟ କହିଛନ୍ତି, ଉଚ୍ଚ ଯୋଗ୍ୟତା ସୀମା ସ୍ଥିର କରିବା ଯୁକ୍ତିଯୁକ୍ତ ଏବଂ ନ୍ୟାୟପୂର୍ଣ୍ଣ। ଏହାର ଉଦ୍ଦେଶ୍ୟ ହେଉଛି ଯେଉଁମାନେ ଜୀବନର କୌଣସି ପ୍ରତିକୂଳ ପରିସ୍ଥିତି ଯୋଗୁଁ ଉଚ୍ଚଶିକ୍ଷା ହାସଲ କରିପାରି ନାହାନ୍ତି ସେମାନଙ୍କୁ ନିଯୁକ୍ତି

ସୁଯୋଗ ପ୍ରଦାନ କରିବା। ତେଣୁ, ଯେତେବେଳେ ଏକ ପଦବୀ ନିମ୍ନ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀଙ୍କ ପାଇଁ ନିର୍ଦ୍ଦିଷ୍ଟ ଭାବରେ ସଂରକ୍ଷିତ କରାଯାଏ, ସେତେବେଳେ ଉଚ୍ଚ ଯୋଗ୍ୟତା ଥିବା ବ୍ୟକ୍ତିଙ୍କୁ ସେହି ଚାକିରି ପାଇବାକୁ ଅନୁମତି ଦେବା ନିଶ୍ଚିତ ଭାବରେ ଜଣେ ପ୍ରକୃତ ଯୋଗ୍ୟ ପ୍ରାର୍ଥୀଙ୍କୁ ସେହି ସୁଯୋଗରୁ ବଞ୍ଚିତ କରିବ।

ରାଜ୍ୟରେ ୫୦ରୁ ଅଧିକ ସ୍ଥାନର ବଦଳିବ ନାମ

ଭୁବନେଶ୍ୱର,୪।୬: ରାଜ୍ୟରେ ବିଭିନ୍ନ ଜିଲ୍ଲା, ଜିଲ୍ଲା ସଦର ମହକୁମା, ଉପଖଣ୍ଡ, ବ୍ଲକ ଓ ତହସିଲର ତ୍ରୁଟିପୂର୍ଣ୍ଣ ଇଂରାଜୀ ନାମ ହେବ ସଂଶୋଧନ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନରେ ଗଠିତ ବିଶେଷଜ୍ଞ କମିଟିର ଦ୍ୱିତୀୟ ବୈଠକରେ ୫୦ରୁ ଅଧିକ ସ୍ଥାନର ନାମକୁ ସେମାନଙ୍କର ମୂଳ ଓଡ଼ିଆ ଉଚ୍ଚାରଣ ଓ ଐତିହାସିକ ପରିଚୟ ଅନୁଯାୟୀ ପରିବର୍ତ୍ତନ କରିବାକୁ ସୁପାରିସ କରାଯାଇଛି। ପଦ୍ମଭୂଷଣ ଡ. ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଆ ଭାଷା, ଇତିହାସ, ଭୂଗୋଳ ଓ ପ୍ରଶାସନ କ୍ଷେତ୍ରର ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ସାଧାରଣ ଲୋକ ଓ ଜନପ୍ରତିନିଧିମାନଙ୍କ ପ୍ରସ୍ତାବକୁ ଐତିହାସିକ ଓ ସାଂସ୍କୃତିକ ଭିତ୍ତିରେ ସମୀକ୍ଷା କରି ଏହି ନିଷ୍ପତ୍ତି ନିଆଯାଇଛି। କମିଟିର ସୁପାରିସ ଅନୁଯାୟୀ କଳାହାଣ୍ଡି ଜିଲ୍ଲାର 'ଜୁନାଗଡ଼'କୁ 'ଜୁନାଗଡ଼ା', କନ୍ଧମାଲ୍‌କୁ 'କନ୍ଧମାଳ' ଏବଂ ସୁନ୍ଦରଗଡ଼ ଜିଲ୍ଲାର 'ବଣାଇଗଡ଼'କୁ 'ବଣାଇଗଡ଼ା' ଭାବେ ନାମକରଣ କରିବାକୁ ପ୍ରସ୍ତାବ ରହିଛି। ଏହିପରି ୫୦ରୁ ଉର୍ଦ୍ଧ୍ୱ ସ୍ଥାନର ନାମ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଯାଇଛି।

ସାହିତ୍ୟିକ ଜଗନ୍ନାଥ ପ୍ରସାଦ ଦାସଙ୍କ ପରଲୋକ



ଭୁବନେଶ୍ୱର,୪।୬: ବିଶିଷ୍ଟ ସାହିତ୍ୟିକ ଜଗନ୍ନାଥ ପ୍ରସାଦ ଦାସଙ୍କର ପରଲୋକ ଘଟିଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା। ଓଡ଼ିଶା ସାହିତ୍ୟ ଜଗତରେ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ଥିଲେ ଜଗନ୍ନାଥ ପ୍ରସାଦ ଦାସ। ଭାରତୀୟ ପ୍ରଶାସନିକ ସେବା ଭଳି ଚାକିରି ଛାଡ଼ି ସେ ସାରସ୍ୱତ ସାଧନା କରିଥିଲେ। ସେ ଏକାଧାରରେ ଜଣେ କବି, ନାଟ୍ୟକାର, କଥାକାର, ଔପନ୍ୟାସିକ ଓ ଚିତ୍ରଶିଳ୍ପୀ ଭାବେ ଜଣାଶୁଣା ଥିଲେ। ତାଙ୍କ ଐତିହାସିକ ଉପନ୍ୟାସ 'ଦେଶ କାଳ ପାତ୍ର' ଲେଖି ଖ୍ୟାତି ଅର୍ଜନ କରିଛନ୍ତି। ୧୯୩୬ ମସିହାରେ ପୁରୀ ଜିଲ୍ଲାରେ ଜନ୍ମ ହୋଇଥିବା ଜଗନ୍ନାଥ ପ୍ରସାଦ ଦାସ ସାହିତ୍ୟ ସାଧନା ପାଇଁ ଅନେକ ସମ୍ମାନଜନକ ପୁରସ୍କାର ପାଇଛନ୍ତି। ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମଧ୍ୟ ପାଇଛନ୍ତି। 'ଆହ୍ନିକ' କବିତା ସଂକଳନ ପାଇଁ ୧୯୯୦ ମସିହାରେ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରୀ ଦାସଙ୍କ ପରଲୋକରେ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ତାଙ୍କ 'ଏକ୍ସ'ରେ ଲେଖିଛନ୍ତି, ବିଶିଷ୍ଟ ସାହିତ୍ୟିକ ଡ. ଜଗନ୍ନାଥ ପ୍ରସାଦ ଦାସଙ୍କ ପରଲୋକ ସମ୍ବାଦ ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ । ସେ କେବଳ ଜଣେ ଉଚ୍ଚକୋଟୀର ସାହିତ୍ୟିକ ନଥିଲେ, ବରଂ ଭାରତୀୟ ପ୍ରଶାସନିକ ସେବାର ଜଣେ ଦକ୍ଷ ଅଧିକାରୀ ଭାବେ ସେ ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ରାଜ୍ୟ ଓ ଦେଶର ସେବାରେ ନିଜକୁ ନିୟୋଜିତ କରିଥିଲେ।

ଡିଏମଏଫ୍ ପାଣ୍ଠି ବଣ୍ଟନ ପାଇଁ ନୂଆ ନୀତି ଲାଗୁ

ଖଣି ଅଞ୍ଚଳ ପ୍ରଭାବ ଆଧାରରେ ମିଳିବ ଅର୍ଥ

ଭୁବନେଶ୍ୱର,୪।୬: ଖଣିଜ ସମ୍ପଦରୁ ଆଦାୟ ହେଉଥିବା ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିର ନ୍ୟାୟସଙ୍ଗତ ବଣ୍ଟନ ପାଇଁ ରାଜ୍ୟ ସରକାର ଏକ ନୂତନ ବ୍ୟବସ୍ଥା ଲାଗୁ କରିଛନ୍ତି । ଯଦି କୌଣସି ଖଣିର ପ୍ରଭାବିତ ଅଞ୍ଚଳ ଏକାଧିକ ଜିଲ୍ଲାକୁ ବ୍ୟାପିଥାଏ, ତେବେ ସେହି ଖଣିରୁ ଆଦାୟ ହୋଇଥିବା ଡିଏମଏଫ୍ ପାଣ୍ଠି ପ୍ରଭାବିତ ଅଞ୍ଚଳର ପରିମାଣ ଅନୁସାରେ ସମ୍ପୃକ୍ତ ଜିଲ୍ଲାମାନଙ୍କ ମଧ୍ୟରେ ବଣ୍ଟନ କରାଯିବ । ଏନେଇ ଯୋଜନା ଓ ସମନ୍ୱୟ ବିଭାଗ ପକ୍ଷରୁ ଏକ ପ୍ରସ୍ତାବ ଜାରି କରାଯାଇଛି । ପ୍ରସ୍ତାବ ଅନୁଯାୟୀ, ଖଣି ସୀମାରୁ ୧୫ କିଲୋମିଟର ପର୍ଯ୍ୟନ୍ତ ଅଞ୍ଚଳକୁ 'ପ୍ରତ୍ୟକ୍ଷ ପ୍ରଭାବିତ ଅଞ୍ଚଳ' ଏବଂ ୧୫ରୁ ୨୫ କିଲୋମିଟର ମଧ୍ୟର ଅଞ୍ଚଳକୁ 'ପରୋକ୍ଷ ପ୍ରଭାବିତ ଅଞ୍ଚଳ' ଭାବେ ଗଣନା କରାଯିବ । ପାଣ୍ଠିର ୭୦ ପ୍ରତିଶତ ପ୍ରତ୍ୟକ୍ଷ ପ୍ରଭାବିତ ଅଞ୍ଚଳ ଏବଂ ୩୦ ପ୍ରତିଶତ ପରୋକ୍ଷ ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ବ୍ୟୟ କରାଯିବ । ୨୫ କିଲୋମିଟର ବାହାରେ ଥିବା ଅଞ୍ଚଳରେ ଏହି ପାଣ୍ଠି ବ୍ୟବହାର କରାଯିବ ନାହିଁ । ନୂତନ ନୀତି ଅନୁସାରେ, ଖଣି ଯେଉଁ ଜିଲ୍ଲାରେ ଅବସ୍ଥିତ, ସେହି ଜିଲ୍ଲା ସମସ୍ତ ଉଗର ଅର୍ଥ ସଂଗ୍ରହ କରିବ । ପରେ ଖଣି ପ୍ରଭାବିତ ଅଞ୍ଚଳର ଭୌଗୋଳିକ ପରିସର ଆଧାରରେ ଅନ୍ୟ ଜିଲ୍ଲାଗୁଡ଼ିକୁ ସେମାନଙ୍କ ହକ୍‌ର ଅର୍ଥ ପ୍ରଦାନ କରାଯିବ । ଏଥିପାଇଁ ଓଡ଼ିଶା ସ୍ପେସ୍ ଆପ୍ଲିକେସନ୍ ସେଣ୍ଟର ଖଣି ପ୍ରଭାବିତ ଅଞ୍ଚଳ ଚିହ୍ନଟ କରିବ ଏବଂ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶକ ଏହାର ସମନ୍ୱୟ କରିବେ । ସରକାର ଏହାର ଏକ ଉଦାହରଣ ମଧ୍ୟ ଦେଇଛନ୍ତି। ଯଦି ରାୟଗଡ଼ା ଜିଲ୍ଲାର ଏକ ଖଣିରୁ ୧୦୦ କୋଟି ଟଙ୍କା ଡିଏମ୍ଏଫ୍ ପାଣ୍ଠି ମିଳେ ଏବଂ ତାହାର ପ୍ରଭାବିତ ଅଞ୍ଚଳ କଳାହାଣ୍ଡି ଜିଲ୍ଲାକୁ ବ୍ୟାପିଥାଏ, ତେବେ ପ୍ରଭାବିତ ଅଞ୍ଚଳର ଅନୁପାତ ଅନୁସାରେ ରାୟଗଡ଼ା ୬୬.୫ କୋଟି ଟଙ୍କା ରଖିବ ଏବଂ କଳାହାଣ୍ଡିକୁ ୩୩.୫ କୋଟି ଟଙ୍କା ପ୍ରଦାନ କରିବ । ସେହିପରି ଅନୁଗୁଳ ଜିଲ୍ଲାର ଏକ ଖଣିର ପ୍ରଭାବ ସମ୍ବଲପୁର ଓ ଦେବଗଡ଼ ଜିଲ୍ଲାକୁ ବ୍ୟାପିଲେ, ୧୦୦ କୋଟି ଟଙ୍କାର ପାଣ୍ଠି ମଧ୍ୟରୁ ଅନୁଗୁଳ ୪୪ କୋଟି, ସମ୍ବଲପୁର ୩୩ କୋଟି ଏବଂ ଦେବଗଡ଼ ୨୩ କୋଟି ଟଙ୍କା ପାଇବେ ।

ଦେବାଶିଷ ହେଲେ ବିଜେପିର ରାଜ୍ୟସଭା ପ୍ରାର୍ଥୀ

ଭୁବନେଶ୍ୱର,୪।୬: ରାଜ୍ୟସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି ନିଜର ପ୍ରାର୍ଥୀଙ୍କ ନାମ ଗୁରୁବାର ଘୋଷଣା କରିଛି। ଦେବାଶିଷ ସାମନ୍ତରାୟଙ୍କ ନାମରେ ବିଜେପି ମୋହର ମାରିଛି। ଫଳରେ ଦେବଶିଷ ବିଜେପିର ପ୍ରାର୍ଥୀ ହୋଇଛନ୍ତି। ବିଜେପିରୁ ଟିକଟ ମିଳିବା ପରେ ଦେବାଶିଷ ସାମନ୍ତରାୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, ବିଜେପି ମୋ ଉପରେ ଭରସା ରଖିଛି। ରାଜ୍ୟର ବିକାଶ ପାଇଁ ଯାହା ଦରକାର ତାହା କରିବି। ସୂଚନାଯୋଗ୍ୟ, ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ୨୭ଟି ରାଜ୍ୟସଭା ଆସନ ଓ ୩ଟି ରାଜ୍ୟରେ ବିଧାନ ପରିଷଦ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ସୋମବାର



ଘୋଷଣା ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଜୁନ୍ ୧୮ରେ ମତଦାନ ଅନୁଷ୍ଠିତ ହେବ। ନିର୍ବାଚନ କମିସନ ଅନୁଯାୟୀ, ସମସ୍ତ ନିର୍ବାଚନ ପାଇଁ ମତଦାନ ଜୁନ୍ ୧୮ ତାରିଖ ସକାଳ ୮ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭୋଟ ଗଣତି ସେହି ଦିନ ସନ୍ଧ୍ୟା ୫ଟାରୁ କରାଯିବ। ରାଜ୍ୟସଭା ପାଇଁ ନାମାଙ୍କନ ଦାଖଲ ଜୁନ୍ ୧ ତାରିଖ ସକାଳ ୧୧ ଟାରୁ ଆରମ୍ଭ ହୋଇଯାଇଛି। ନାମାଙ୍କନ ଦାଖଲର ଶେଷ ତାରିଖ ଜୁନ୍ ୮ ତାରିଖ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ରହିଛି। ନାମାଙ୍କନ ଯାଞ୍ଚ ଜୁନ୍ ୯ ତାରିଖ ଓ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଜୁନ୍ ୧୧ ତାରିଖ ରହିଛି। ଭୋଟ୍ ଗ୍ରହଣ ଜୁନ୍ ୧୮ ତାରିଖ ସକାଳ ୮ ଟାରୁ ଅପରାହ୍ଣ ୪ ଟା ପର୍ଯ୍ୟନ୍ତ ଓ ଭୋଟ୍ ଗଣତି ସେହି ଦିନ ସନ୍ଧ୍ୟା ୫ ଟାରୁ ଆରମ୍ଭ ହେବ। ଇସିଆଇ ଆହୁରି କହିଛନ୍ତି ଯେ, ରାଜ୍ୟସଭାର ୧୦ଟି ରାଜ୍ୟର ୨୪ଟି ଆସନରେ ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହେବ। ମହାରାଷ୍ଟ୍ର, ତାମିଲନାଡୁ ଓ ଓଡ଼ିଶାରେ ୩ଟି ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ।

କେରଳ ଛୁଇଁଲା ମୌସୁମୀ

ନୂଆଦିଲ୍ଲୀ,୪।୬: କେରଳ ଛୁଇଁଲା ମୌସୁମୀ। କେରଳରେ ମୌସୁମୀ ପହଞ୍ଚିଛି। ପାଣିପାଗ ବିଭାଗ (ଆଇଏମଡି) କହିଛି ଯେ ମୌସୁମୀ ଭାରତରେ ପ୍ରବେଶ କରିଛି। କେରଳରେ ମୌସୁମୀ ଆସିବାର ଆନୁଷ୍ଠାନିକ ଘୋଷଣା କରି, ଆଇଏମଡି କହିଛି ଯେ ଆଗାମୀ ତିନିରୁ ଚାରି ଦିନ ମଧ୍ୟରେ ମୌସୁମୀ କର୍ଣ୍ଣାଟକ ଉପକୂଳ ଦେଇ ଗୋଆ ଆଡକୁ ଅଗ୍ରସର ହେବ। ପରିସ୍ଥିତି ଅନୁକୂଳ ଅଛି। ଜୁନ୍ ୧୦ ତାରିଖ ପରେ ମୌସୁମୀ ଧୀରେ ଧୀରେ କମିପାରେ। ପାଣିପାଗ ବିଭାଗ ଅନୁଯାୟୀ, ମୌସୁମୀ କେରଳରେ ପହଞ୍ଚିଛି। ଗତକାଲି ରାତିରୁ କେରଳର ଅନେକ ସ୍ଥାନରେ ପ୍ରବଳ ବର୍ଷା ହେଉଛି। ପାଣିପାଗ ବିଭାଗ କହିଛି ଯେ ମୌସୁମୀ ଭାରତରେ ପ୍ରବେଶ କରିଛି। କେରଳରେ ମୌସୁମୀ ଆସିବାର ସରକାରୀ ଘୋଷଣା ସହିତ, ଦିଲ୍ଲୀ-ଏନସିଆର ଏବଂ ଦେଶର ଅନ୍ୟାନ୍ୟ ଅଂଶ କେବେ ଗରମରୁ ଆରାମ ପାଇବେ ତାହା ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି। ପାଣିପାଗ ବିଭାଗ ଆକଳନ କରିଛି ଯେ ଆଗାମୀ ଦୁଇରୁ ଚାରି ଦିନ ମଧ୍ୟରେ ଉତ୍ତର ପ୍ରଦେଶ, ଦିଲ୍ଲୀ ଏବଂ ଦେଶର ଅନ୍ୟାନ୍ୟ ସ୍ଥାନରେ ଗରମରୁ ମୁକ୍ତି ମିଳିବାର ସମ୍ଭାବନା ଅଛି। ଦକ୍ଷିଣ-ପଶ୍ଚିମ ମୌସୁମୀର ଅଗ୍ରଗତି ସମ୍ପର୍କରେ, ପାଣିପାଗ ବିଭାଗ କହିଛି ଯେ ଆଗାମୀ ତିନିରୁ ଚାରି ଦିନ ମଧ୍ୟରେ ମୌସୁମୀ କର୍ଣ୍ଣାଟକ ଉପକୂଳ ଦେଇ ଗୋଆର ଅକ୍ଷାଂଶକୁ ଅଗ୍ରସର ହେବ।

ଅପରାଧମୁକ୍ତ ସମାଜ ଗଠନ ସମସ୍ତଙ୍କର ମିଳିତ ସଂକଳ୍ପ: ମୁଖ୍ୟମନ୍ତ୍ରୀ

- ★ ଶ୍ରୀକ୍ଷେତ୍ରରେ ଅତ୍ୟାଧୁନିକ ତାଳବଣିଆ ଥାନାର ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ
- ★ ରାଜ୍ୟରେ ୧୯୫କୋଟିର ପୋଲିସ ଭିତ୍ତିଭୂମି ଲୋକାର୍ପିତ
- ★ ଭୟମୁକ୍ତ ପରିବେଶ ହିଁ ପ୍ରଗତିଶୀଳ ସମାଜର ମୂଳଦୁଆ
- ★ ଓଡ଼ିଶାକୁ ଦେଶର ଶାନ୍ତିପୂର୍ଣ୍ଣ ଓ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ିତୋଳିବା ଆମର ଲକ୍ଷ୍ୟ

ଭୁବନେଶ୍ୱର,୪।୬: ସାଧାରଣ ଲୋକଙ୍କ ପାଇଁ ବନ୍ଧୁ ହୁଅନ୍ତୁ , ଅପରାଧୀଙ୍କ ପ୍ରତି କଠୋର ହୁଅନ୍ତୁ ବୋଲି ଗୁରୁବାର ପୋଲିସକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ପୁରୀର ତାଳବଣିଆଠାରେ ଏକ ଅତ୍ୟାଧୁନିକ ନୂତନ ଥାନା ଗୃହ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ନବନିର୍ମିତ ପୋଲିସ ଭିତ୍ତିଭୂମିର ଉଦ୍‌ଘାଟନ ସମୟରେ ଏହି ବାର୍ତ୍ତା ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଆଭାସୀ ମାଧ୍ୟମରେ ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁସ୍ଥିତ ଏସଡିପିଓ କାର୍ଯ୍ୟାଳୟ, ଯାଜପୁରର ବ୍ରହ୍ମବରଦା ଥାନା, ତୃତୀୟ ବାଟାଲିୟନ କୋରାପୁଟର ପ୍ରଶାସନିକ ଭବନ ଓ ଅସ୍ତ୍ରାଗାର ଗୃହ ସମେତ ଭୁବନେଶ୍ୱର, କଟକ ଓ ଯାଜପୁରରେ ସର୍ବମୋଟ ୬୫୮ଟି ପୋଲିସ ଆବାସିକ ଗୃହର ମଧ୍ୟ ଲୋକାର୍ପଣ କରାଯାଇଛି। ରାଜ୍ୟରେ ଆଇନଶୃଙ୍ଖଳା, ସୁରକ୍ଷା ଏବଂ ପ୍ରତ୍ୟେକ ନାଗରିକଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ସରକାର ଅହରହ ଉଦ୍ୟମ ଜାରି ରଖିଛନ୍ତି ବୋଲି ତାଳବଣିଆଠାରେ ପୋଲିସ ଷ୍ଟେସନ ଉଦଘାଟନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟ ପୋଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଦ୍ୱାରା ପ୍ରାୟ ୧୯୫କୋଟି ଟଙ୍କା ବିନିଯୋଗରେ ନିର୍ମିତ ଏହି ଯୋଜନାକୁ ବାସ୍ତବ ରୂପ ଦେଇଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୌଣସି ବି ପ୍ରଗତିଶୀଳ ଏବଂ ସମୃଦ୍ଧ ସମାଜର ମୂଳଦୁଆ ହେଉଛି ଏକ ସୁଦୃଢ଼ ଆଇନ ଶୃଙ୍ଖଳା ଏବଂ ଭୟମୁକ୍ତ ପରିବେଶ। ଓଡ଼ିଶାକୁ ଦେଶର ଏକ ଶାନ୍ତିପୂର୍ଣ୍ଣ ଏବଂ ଅଗ୍ରଗାମୀ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ଆମ ପୋଲିସ ବାହିନୀର ସଶକ୍ତୀକରଣ, ଆଧୁନିକୀକରଣ ଏବଂ ଉପଯୁକ୍ତ ଭିତ୍ତିଭୂମିର ବିକାଶ ଅତ୍ୟନ୍ତ ଅପରିହାର୍ଯ୍ୟ। ଏହି ପରିପ୍ରେକ୍ଷୀରେ ସେ କହିଥିଲେ ଯେ, ଆମେ ଆମ ରାଜ୍ୟର ଆଇନ ଶୃଙ୍ଖଳା, ସୁରକ୍ଷା ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ କଲ୍ୟାଣକୁ ସୁନିଶ୍ଚିତ କରିବା ପାଇଁ ଅହରହ ଉଦ୍ୟମ ଜାରି ରଖିଛୁ । ସେ କହିଛନ୍ତି, ଯେ ଆମ ସରକାର ପୋଲିସ ଭିତ୍ତିଭୂମିରେ ଉନ୍ନତି ଆଣିବା ସହିତ ଆଇନର ଶାସନ ପ୍ରତିଷ୍ଠା ପାଇଁ ସର୍ବଦା ତତ୍ପର । ଏହାର ପ୍ରମାଣ ସ୍ୱରୂପ ଆଜି ବ୍ରହ୍ମବରଦା ଓ ତାଳବଣିଆ ଠାରେ ଅତ୍ୟାଧୁନିକ ଥାନାଗୃହକୁ ଲୋକାର୍ପିତ କରାଯାଇଛି। ଏହି ନୂଆ ଥାନା ପୋଲିସ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ତଥା ଜନସାଧାରଣଙ୍କୁ ଉନ୍ନତ ଓ ତ୍ୱରିତ ସେବା ପ୍ରଦାନ କରିବାରେ ସକ୍ଷମ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ପୋଲିସ ବାହିନୀର ନିଷ୍ଠାକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ଆମକୁ ସୁରକ୍ଷା ଦେବା ପାଇଁ ଆମର ପୋଲିସ ଅଧିକାରୀମାନେ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି। ଆଧୁନିକ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ ଏହି ନୂତନ ପୋଲିସ ଷ୍ଟେସନ୍ ସେମାନଙ୍କୁ କାର୍ଯ୍ୟ କରିବା ପାଇଁ ଏକ ସୁନ୍ଦର ଓ ଅନୁକୂଳ ପରିବେଶ ଯୋଗାଇବ। ବର୍ତ୍ତମାନର ବଡ଼ ଆହ୍ୱାନ ସାଇବର ଓ ସଙ୍ଗଠିତ ଅପରାଧ ବିଷୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜିକାଲି ସମଗ୍ର ବିଶ୍ୱରେ ସାଇବର ଅପରାଧ ଏବଂ ସଙ୍ଗଠିତ ଅପରାଧ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଏହାର ସଫଳ ମୁକାବିଲା ପାଇଁ ଆମକୁ ନୂତନ ପ୍ରଯୁକ୍ତିବିଦ୍ୟା ଆପଣେଇ ସକ୍ରିୟ ରହିବାକୁ ହେବ।

ଶିବଙ୍କ ରଙ୍ଗ କାହିଁକି ନୀଳ

ଶିବଙ୍କ ନୀଳ ରଙ୍ଗ ସମୁଦ୍ର ମନ୍ଥନ ସମୟରେ ବିଷ ସେବନ ସହ ଜଡ଼ିତ। ଏହା ବିଶ୍ୱକୁ ରକ୍ଷା କରିବା ପାଇଁ କରାଯାଇଥିବା ବଳିଦାନର ପ୍ରତୀକ। ତାଙ୍କର ନୀଳ ଶରୀର ଧୈର୍ଯ୍ୟ, ନିଃସ୍ୱାର୍ଥପରତା ଏବଂ ପରିବର୍ତ୍ତନର ଏକ ରୂପକ ଭାବରେ କାର୍ଯ୍ୟ କରେ। ଏହା ଭକ୍ତମାନଙ୍କୁ ମନେ ପକାଇ ଦିଏ ଯେ ଦିବ୍ୟ ଶକ୍ତି ପ୍ରାୟତଃ ଦାୟିତ୍ୱ ଏବଂ ଦୁଃଖ ଭୋଗ କରିଥାଏ, ତଥାପି ଅନନ୍ତ ଏବଂ ଅସୀମ ରହିଥାଏ। ଶିବଙ୍କ ନୀଳ ସ୍ୱରୂପର ଦର୍ଶନ, ଆମକୁ ଧୈର୍ଯ୍ୟ ଏବଂ ଜୀବନର ଆହ୍ୱାନ ଗୁଡ଼ିକୁ ଗ୍ରହଣ କରିବାକୁ ପ୍ରେରଣା

ଦିଏ। ସେହିପରି ମା' କାଳୀ ବି ଅସତ୍ୟ ଉପରେ ସତ୍ୟର ବିଜୟ। ଦୁଷ୍ଟର ସଂହାର ଓ କୁପ୍ରବୃତ୍ତି ନାଶର ପ୍ରତୀକ। ଅସୀମ ପ୍ରଭାବର ଦେବୀ ସେ... ସେ ବି ନୀଳ ରଙ୍ଗର... ଅର୍ଥାତ୍ ଏହି ରଙ୍ଗରେ ପ୍ରେମ, ଶକ୍ତି ,ସମୃଦ୍ଧି, ସଂହାର, ଭକ୍ତି ଏବଂ ଇତି ସବୁ କିଛି ନୀହିତ... ନୀଳ ରଙ୍ଗ ଆମକୁ ମନେ ପକାଇ ଦିଏ ଯେ ଅନନ୍ତ ଆମ ଚାରିପାଖରେ ବାସ କରନ୍ତି - ପ୍ରେମ, ତ୍ୟାଗ ଏବଂ ଦାୟିତ୍ୱ ଭାବରେ । ଦିବ୍ୟଶକ୍ତି ମାନବ ସୀମାରେ ଆବଦ୍ଧ ନୁହେଁ; ଏହା ପ୍ରତୀକାତ୍ମକ, ଅନନ୍ତ ଏବଂ ଅସୀମ ଶକ୍ତିଶାଳୀ। ହିନ୍ଦୁ ଧର୍ମରେ, ନୀଳ ରଙ୍ଗ କେବଳ ଏକ ରଙ୍ଗ ନୁହେଁ; ଏହା ଏକ ଦର୍ଶନ। ଆମକୁ ବୁଝିବାକୁ ହେବ ଯେ, କିଛି ସତ୍ୟ କେବଳ ଦେଖା ଯାଇପାରିବ ନାହିଁ, ବରଂ କିଛି ସତ୍ତାକୁ ଅନୁଭବ କରିବାକୁ ପଡିବ।

ସମତ୍ୱ ହେଉଛି ଈଶ୍ୱର ପ୍ରାପ୍ତିର ମାର୍ଗ

ଗୀତା ବାଣୀ

ସୁଖ-ଦୁଃଖ, ଲାଭ-କ୍ଷତି, ଜୟ-ପରାଜୟକୁ ସମାନ ଭାବେ ଗ୍ରହଣ କରିବା ସହ ସକାମ କର୍ମ (ଯେଉଁ କାମ ବିଶେଷ ଫଳ ପାଇବା ଉଦ୍ଦେଶ୍ୟରେ କରାଯାଇଥାଏ) ନକରିବାକୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କୁରୁକ୍ଷେତ୍ର ଯୁଦ୍ଧଭୂମିରେ ପରାମର୍ଶ ଦେଇ ଯୁଦ୍ଧ ପାଇଁ ପ୍ରବର୍ତ୍ତାଇଛନ୍ତି । କିନ୍ତୁ ଏହି ପ୍ରବର୍ତ୍ତାଇବା ସଫଳ ନ ହେବାରୁ ପୁନର୍ବାର ପରାମର୍ଶ ଦେବାକୁ ଆରମ୍ଭ କରିଥିଲେ ଓ କହିଥିଲେ, ''ସମତ୍ୱ' ରୂପକ ବୁଦ୍ଧିଯୋଗ ଅପେକ୍ଷା ସକାମ କର୍ମ ଅତ୍ୟନ୍ତ ନିମ୍ନମାନର'' । ତେଣୁ ହେ, ଧନଞ୍ଜୟ, ନିଜର ସମତ୍ୱ (କର୍ମଫଳ ଉପରେ ସମଭାବ) ରକ୍ଷାକରି କର୍ମ କରିବାର ନିଷ୍ପତ୍ତି ନିଅ । ଯେଉଁମାନେ କର୍ମ ଫଳ ଉପରେ ଆଶା ରଖନ୍ତି ସେହି ଲୋକମାନେ ଅତ୍ୟନ୍ତ ଦୀନ । ସମବୁଦ୍ଧିଯୁକ୍ତ ପୁରୁଷ ପୂଣ୍ୟ ଓ ପାପକୁ ଇହଲୋକରେ ତ୍ୟାଗ କରିଦିଅନ୍ତି । ଅର୍ଥାତ ସମବୁଦ୍ଧିଯୁକ୍ତ ମନୁଷ୍ୟ କର୍ମବନ୍ଧନରୁ ମୁକ୍ତି ପାଇ ପାରିବେ ।

ସମବୁଦ୍ଧିଯୁକ୍ତ ଶ୍ରେଣୀର ବ୍ୟକ୍ତିମାନେ କର୍ମ ଦ୍ୱାରା ଉତ୍ପନ୍ନ ହେଉଥିବା ଫଳକୁ ତ୍ୟାଗ କରି ଜନ୍ମ ବନ୍ଧନରୁ ମୁକ୍ତ ହୋଇ ପରମପଦ ପ୍ରାପ୍ତ ହୁଅନ୍ତି ।

ହେ ପାର୍ଥ, ତୁମେ ମୋହ ତ୍ୟାଗ କରିପାରିଲେ ଇହଲୋକ ଓ ପରଲୋକରେ ପ୍ରାପ୍ତ ହେଉଥିବା ସମସ୍ତ ପ୍ରକାର ଭୋଗ ପ୍ରତି ବୈରାଗ୍ୟ ଆସିଥାଏ । ବିଭିନ୍ନ ପ୍ରକାର କଥା ଶୁଣି ବିଚଳିତ ହେଉଥିବା ମନୁଷ୍ୟର ବୁଦ୍ଧି ଯେତେବେଳେ ପରମାତ୍ମାଙ୍କ ଠାରେ ଅଚଳ ଓ ସ୍ଥିର ହୋଇଯିବ ସେତେବେଳେ ପରମାତ୍ମାଙ୍କ ଠାରେ ମନୁଷ୍ୟର ନିତ୍ୟ ସଂଯୋଗ ହୋଇଯାଏ । ଅର୍ଥାତ କର୍ମଫଳକୁ ଆଶା ନରଖି ନିଷ୍କାମ କର୍ମ କରିଚାଲିଲେ ଈଶ୍ୱର ପ୍ରାପ୍ତି ହୋଇଥାଏ ।

ଭଗବାନଙ୍କର ଏହି ଉପଦେଶ ଶୁଣିବା ପରେ ଅର୍ଜୁନ ଅଧିକ ଜିଜ୍ଞାସୁ ହୋଇ ପରମାତ୍ମାପ୍ରାପ୍ତ ହୋଇଥିବା ସ୍ଥିର ବୁଦ୍ଧିଯୁକ୍ତ ପୁରୁଷଙ୍କ ଲକ୍ଷଣ କ'ଣ ବୋଲି ଅର୍ଜୁନ ଭଗବାନଙ୍କୁ ପଚାରିଥିଲେ । ଅର୍ଜୁନଙ୍କ ପ୍ରଶ୍ନର ଉତ୍ତର ଦେଇ ଭଗବାନ କହିଲେ ଯେତେବେଳେ କୌଣସି ବ୍ୟକ୍ତିର ମନରେ ଥିବା ସମସ୍ତ କାମନା ସମ୍ପୂର୍ଣ୍ଣ ଭାବେ ଦୂର ହୋଇଯାଏ ଓ ଆତ୍ମ ସନ୍ତୁଷ୍ଟି ହୋଇଯାଏ ସେତେବେଳେ ସେ ସ୍ଥିତପ୍ରଜ୍ଞ ହୋଇଯାଏ । ଅର୍ଥାତ କାମନାର ବିନାଶରେ ହିଁ ଦୁଃଖର ବିନାଶ ହୋଇଥାଏ ବୋଲି ଭଗବାନ ଅର୍ଜୁନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ।

ଯୋଗସ୍ଥ କୁରୁ କର୍ମାଣି ସଙ୍ଗମ୍ ତ୍ୟୋତ୍ୱା ଧନଞ୍ଜୟ
ସିଦ୍ଧ୍ୟସଦ୍ଧ୍ୟୋ ସମୋଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ ।।

ସେହିପରି ଯାହାଙ୍କ ମନରେ ଉଦ୍‌ବେଗ ଜାତ ହୁଏନାହିଁ, ସୁଖ ସମୟରେ ନିଃସ୍ପୃହ ରୁହନ୍ତି, କ୍ରୋଧ, ଭୟ ଠାରୁ ଯେ ଦୂରରେ ରହିପାରନ୍ତି, ସେମାନଙ୍କ ବୁଦ୍ଧି ସ୍ଥିର ହୋଇଯାଏ । ଅନ୍ୟ ଅର୍ଥରେ କହିଲେ ଯେଉଁ ବ୍ୟକ୍ତି ଶୁଭ ବସ୍ତୁ ପାଇଲେ ପ୍ରସନ୍ନ ହୁଅନ୍ତି ନାହିଁ କି ଅଶୁଭ ବସ୍ତୁରେ ଦ୍ୱେଷ କରନ୍ତି ନାହିଁ ତାଙ୍କ ବୁଦ୍ଧି ସ୍ଥିର ଥାଏ ବୋଲି ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇଥିଲେ ।

ଚରିତ୍ର

ଗୋ ଟିଏ ଗାଁରେ ଜଣେ ପଣ୍ଡିତ ରହୁଥିଲେ । ସେ ବେଦ ଏବଂ ଶାସ୍ତ୍ରରେ ପାରଙ୍ଗମ ହୋଇଥିଲେ ବି ତାଙ୍କ ନିକଟରେ ଧନର ଅଭାବ ରହିଥିଲା । ସେ ଭିକ୍ଷାଟନ କରି ପେଟ ପୋଷୁଥିଲେ । ଦିନେ ସେହି ପଣ୍ଡିତ ନିକଟସ୍ଥ ଏକ ଗ୍ରାମକୁ ଭିକ୍ଷା ମାଗିବାକୁ ଗଲେ । ସେ ଚିରାଫଟା ପୋଷାକ ପିନ୍ଧିଥିଲେ । ପଣ୍ଡିତ ସେହି ଗାଁର ଜଣେ ବ୍ୟକ୍ତିଙ୍କ କବାଟ ବାଡ଼େଇଲେ । ଶବ୍ଦ ଶୁଣି ଘର ଭିତରୁ ଜଣେ ବ୍ୟକ୍ତି ବାହାରି ଆସିଲେ । ସେ ଚିରାଫଟା ବସ୍ତ୍ର ପିନ୍ଧି ଛିଡ଼ା ହୋଇଥିବା ପଣ୍ଡିତଙ୍କୁ ଦେଖି ଘୃଣା କଲେ ଏବଂ ଧକ୍କା ମାରି ଘରୁ ବାହାର କରିଦେଲେ । ପଣ୍ଡିତ ସେଠାରୁ ଫେରିଆସି ରାସ୍ତାରେ ଆଗେଇ ଚାଲିଲେ । ଏହି ସମୟରେ ଜଣେ ଧନୀବ୍ୟକ୍ତି ତାଙ୍କୁ ଦେଖିଲେ । ଚିରାଫଟା କପଡ଼ା ପିନ୍ଧିଥିବା ପଣ୍ଡିତଙ୍କୁ ଦେଖି ଧନୀବ୍ୟକ୍ତିଙ୍କ ମନରେ ଦୟା ହେଲା । ସେ ତାଙ୍କୁ ନୂତନ ବସ୍ତ୍ର ଦେଲେ । ପରଦିନ ପଣ୍ଡିତ ମହାଶୟ ପୁଣିଥରେ ସେହି ବ୍ୟକ୍ତିଙ୍କ ଘର ସମ୍ମୁଖରେ ଛିଡ଼ା ହୋଇ ଭିକ୍ଷା ମାଗିଲେ । ବ୍ୟକ୍ତି ଜଣକ କବାଟ ଖୋଲି ବାହାରକୁ ଆସି ଦେଖିଲେ ଯେ ନୂତନ ବସ୍ତ୍ର ପିନ୍ଧି ପଣ୍ଡିତ ଜଣେ ଛିଡ଼ା ହୋଇଛନ୍ତି । ସେ ତାଙ୍କୁ ଭିତରକୁ ପାଛୋଟି ନେଲେ ଏବଂ ଭଲ ଭଲ ଜିନିଷ ଖାଇବାକୁ ଦେଲେ । ପଣ୍ଡିତ କିନ୍ତୁ ଥରେ ହେଲେ ସେହି ସବୁ ଜିନିଷ ଖାଇଲେ ନାହିଁ । ଓଲଟି ସବୁତକ ଖାଦ୍ୟ ଦ୍ରବ୍ୟ ନିଜ ନୂଆ କପଡ଼ାରେ ବୋଳିବାକୁ ଲାଗିଲେ । ଏହାଦେଖି ସେହି ବ୍ୟକ୍ତି ଜଣକ ଚକିତ ହୋଇପଡ଼ି ପଣ୍ଡିତଙ୍କୁ ଏହାର କାରଣ ପଚାରିଲେ । ପଣ୍ଡିତ କହିଲେ, କାଲି ତୁମେ ମୋତେ ଚିରାଫଟା ପୋଷାକରେ ଦେଖି ଧକ୍କା ମାରି ବାହାର କରିଦେଇଥିଲ । ଆଜି ତୁମେ ମୋର ନୂଆ ପୋଷାକ ଦେଖି ଖାଇବାକୁ ଦେଇଛ । ତେଣୁ ତୁମେ ମୋତେ ଏହି ଖାଦ୍ୟ ଦେଇନାହଁ, ମୋର ନୂଆ ପୋଷାକକୁ ଦେଇଛ । ଏଥର ବ୍ୟକ୍ତିଜଣକ ନିଜର ଭୁଲ୍ ବୁଝିପାରି ଲଜ୍ଜିତ ହେଲେ । ଏହି କଥାର ସାରମର୍ମ ହେଉଛି, ପୋଷାକ କୌଣସି ବ୍ୟକ୍ତି ପରିଚୟ କିମ୍ବା ସମ୍ମାନ ହୋଇନପାରେ । ବ୍ୟକ୍ତିର ଚରିତ୍ର ଏବଂ ଜ୍ଞାନ ହିଁ ତା'ର ପରିଚୟ ଏବଂ ସମ୍ମାନ ହେବା ଆବଶ୍ୟକ ।

ମା'ବୁଢ଼ୀ ଠାକୁରାଣୀ

ମା ବୁଢ଼ୀ ଠାକୁରାଣୀ ଅନୁଗୋଳର ଅଧିଷ୍ଠାତ୍ରୀ ଦେବୀ । ସେ ସୁନାଶଗଡ଼ ପାହାଡ଼ ଉପରେ ବିରାଜିତା । ମା'ଙ୍କର ଆବିର୍ଭାବ ବିଷୟରେ ସଠିକ ସୂଚନା ନାହିଁ, କିନ୍ତୁ ସେ ପ୍ରାକ୍ ଐତିହାସିକ କାଳରୁ ବିଦ୍ୟମାନ । ଅଷ୍ଟମ ଶତାବ୍ଦୀ ସୁଳକୀ ରାଜତ୍ୱ ସମୟରୁ ହୁଲୁରୁସିଙ୍ଗାର ଦଳପତି ସୁନାଶ ମା ବୁଢ଼ୀଙ୍କର ପୂଜାର୍ଚ୍ଚନା କରୁଥିବାର ଉଲ୍ଲେଖ ରହିଛି । ସୁନାର ପାହାଡ଼ ସୁନା ଶଗଡ଼ । ଏଠାରେ ଥିବା ଗୁମ୍ଫା ଦ୍ୱାରରେ ମା ବୁଢ଼ୀଙ୍କର ଆସ୍ଥାନ । ଗୁମ୍ଫା ଦ୍ୱାରକୁ ଦେବୀଙ୍କ ବାହନ ସିଂହ ଜଗି ରହିଛି । ମୂର୍ତ୍ତି କଳା ବିକାଶର ବହୁ ପୂର୍ବରୁ ଦେବୀ ଷମ୍ବେଶ୍ୱରୀଙ୍କ ଉପାସନା ପ୍ରଚଳିତ ଥିଲା । ନରବପୁ ବିଗ୍ରହ ଉପାସନା ସେତେବେଳେ ପ୍ରଚଳିତ ନଥିଲା । ମା'ଙ୍କର ବିଗ୍ରହରେ ବିଭିନ୍ନ ମୁଖ ଅଳଙ୍କାର ଆରୋପଣ କରି ତାଙ୍କ ମୂର୍ତ୍ତି ବିଗ୍ରହ ପରିକଳ୍ପନା କରାଯାଇଛି । ଭାଦ୍ରବ କୃଷ୍ଣ ଦ୍ୱିତୀୟା ମା ବୁଢ଼ୀଙ୍କର ଆବିର୍ଭାବ ତିଥି । ମା'ଙ୍କର ସେବାପୂଜା ସ୍ଥାନୀୟ ହୁଲୁରୁସିଙ୍ଗାର ଦେହୁରୀମାନେ ବଂଶାନୁକ୍ରମେ କରି ଆସୁଛନ୍ତି ।

ସଂଧ୍ୟାରେ ଚାଲିବା

- ଓଜନ ନିୟନ୍ତ୍ରିତ ହୋଇ ରହିଥାଏ
- ହୃଦୟ ଜନିତ ରୋଗରୁ ଦୂରେଇ ରଖିଥାଏ
- ଆବଶ୍ୟକ ଅମ୍ଳଜାନ ମିଳିଥାଏ।
- କୋଲେଷ୍ଟେରାଲ ନିୟନ୍ତ୍ରଣ ହୋଇ ରହିଥାଏ

ସ୍ୱାସ୍ଥ୍ୟ ପାଇଁ ମିଳେ ଏସବୁ ଲାଭ..

ଦୀର୍ଘାୟୁ,ସୁସ୍ଥ ରହିବା ପାଇଁ, ରୋଗ ଠାରୁ ଦୂରେଇ ରହିବା ପାଇଁ ସବୁଠାରୁ ସହଜ ଉପାୟ ହେଉଛି ନିୟମିତ ଚାଲିବା । ଏହା ଶରୀର ସହ ମସ୍ତିଷ୍କକୁ ସୁସ୍ଥ ରଖିଥାଏ । କିଛି ଲାକେ ପ୍ରାତଃ ଭ୍ରମଣକୁ ତ କିଛି ଲାକେ ସଂଧ୍ୟା ସମୟରେ ଭ୍ରମଣ କରିବାକୁ ପସନ୍ଦ କରିଥାଆନ୍ତି । ମାତ୍ର ସଂଧ୍ୟା ସମୟରେ ଚାଲିବା ଦ୍ୱାରା କି କି ଲାଭ ମିଳିଥାଏ,ଜାଣନ୍ତୁ.. ଏକ ରିପୋର୍ଟ ଅନୁଯାୟୀ, ସଂଧ୍ୟା କିମ୍ବା ରାତିରେ ଚାଲିବା ଦ୍ୱାରା ଶରୀରକୁ ଆଶ୍ଚର୍ଯ୍ୟଜନକ ଲାଭ ମିଳିଥାଏ । ବିଶେଷ କରି ଯେଉଁମାନଙ୍କର ହଜମ ଜନିତ ସମସ୍ୟା ରହିଛି,ସେମାନେ ସଂଧ୍ୟା ସମୟରେ ଚାଲିବା ବେଶ ଉପକାରୀ । ଏହାସହ ରାତ୍ରି ଭୋଜନ କରିବାର କିଛି ସମୟରେ ପରେ ଚାଲିବା ଦ୍ୱାରା ଖାଦ୍ୟ ସଠିକ୍ ଭାବେ ହଜମ ହେବା ସହ ଗ୍ୟାଷ୍ଟ୍ରିକ,ବାନ୍ତି, ବଦହଜମି ସମସ୍ୟା ଦୂର ହାଇଥାଏ । ଦିନ ଯାକର ଥକ୍କାପଣ ପରେ ସଂଧ୍ୟାରେ କିଛି ସମୟ ଚାଲିବା ଦ୍ୱାରା ଖୁବ ଆରାମ ଅନୁଭବ ହାଇଥାଏ । ଏହାଦ୍ୱାରା ଶରୀରର ମାଂସପେଶୀ ସକ୍ରିୟ ହେବା ସହ ଶରୀରକୁ ଆରାମ ମିଳିଥାଏ । ଦିନଯାକର ଥକ୍କାପଣ ପରେ ସଂଧ୍ୟାରେ ଚାଲିବା ଦ୍ୱାରା ଶରୀକୁ ଶକ୍ତି ମିଳିବା ସହ ଖୁବ ଆରାମ ଅନୁଭବ ହୋଇଥାଏ । ମାନସିକ ଶାନ୍ତି ମିଳିଥାଏ । ଚିନ୍ତା ଦୂର ହୋଇଥାଏ । ସଂଧ୍ୟାରେ କିମ୍ବା ରାତ୍ରି ଭୋଜନ ପରେ କିଛି ସମୟ ଚାଲିବା ଦ୍ୱାରା ଉତ୍ତମ ନିଦ ହେବା ସହ ଅନିଦ୍ରା ସମସ୍ୟା ଦୂର ହାଇଥାଏ । ଚାଲିବା ଦ୍ୱାରା ଶରୀରକୁ ଆବଶ୍ୟକୀୟ ଅମ୍ଳଜାନ ମିଳିଥାଏ । ଫଳରେ ରାତିରେ ଶୋଇବା ସମୟରେ ଅଧିକ ଆରାମ ଅନୁଭବ ହେବା ସହ ଭଲ ନିଦ ହୋଇଥାଏ । ସଂଧ୍ୟା ସମୟରେ ଚାଲିବା ଦ୍ୱାରା ମନ ଓ ମସ୍ତିଷ୍କରୁ ନକରାତ୍ମକ ଚିନ୍ତା ଦୂର ହୋଇଥାଏ । ସକରାତ୍ମକ ଶକ୍ତି ଅନୁଭବ ହାଇଥାଏ । ଦୁଃଶ୍ଚିନ୍ତା ସମସ୍ୟାକୁ ଦୂର କରିଥାଏ । ମସ୍ତିଷ୍କ ସୁସ୍ଥ ରହିଥାଏ । ସଂଧ୍ୟାରେ ଚାଲିବା ଦ୍ୱାରା ଓଜନ ନିୟନ୍ତ୍ରିତ ହାଇ ରହିଥାଏ । ସଂଧ୍ୟାରେ ଚାଲିବା ଦ୍ୱାରା ଫ୍ୟାଟ୍ ହ୍ରାସ ହୋଇ ଥାଏ । ସଂଧ୍ୟାରେ ଚାଲିବା ଦ୍ୱାରା କୋଲେଷ୍ଟେରାଲ ନିୟନ୍ତ୍ରଣ ହୋଇ ରହିଥାଏ ।ଏହା ରକ୍ତରେ ଶର୍କରା ଓ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରି ରଖିବାରେ ସହାୟକ ହୋଇଥାଏ । ହୃଦୟ ଜନିତ ରୋଗରୁ ଦୂରେଇ ରଖିଥାଏ । ତେଣୁ ସଂଧ୍ୟାରେ ଚାଲିବା ସ୍ୱାସ୍ଥ୍ୟ ପାଇଁ ଉପକାରୀ ।

ସକରାତ୍ମକ ଶକ୍ତି ଅନୁଭବ ହାଇଥାଏ । ଦୁଃଶ୍ଚିନ୍ତା ସମସ୍ୟାକୁ ଦୂର କରିଥାଏ । ମସ୍ତିଷ୍କ ସୁସ୍ଥ ରହିଥାଏ । ଓଜନ ନିୟନ୍ତ୍ରିତ ହୋଇ ରହିଥାଏ ।

ଶନିବାର ବିଶେଷ କରି ପ୍ରଭୁ ଶନିଦେବଙ୍କୁ ସମର୍ପିତ । ଏହି ଦିନ ପ୍ରଭୁଙ୍କ ପୂଜା-ଉପାସନା କରାଯାଏ । ଶନିଦେବଙ୍କୁ ନ୍ୟାୟର ଦେବତା ଓ କର୍ମଫଳ ଦାତା ବାଲି କୁହାଯାଏ । ଜ୍ୟୋତିଷ ଶାସ୍ତ୍ରର ଅନୁଯାୟୀ, ଶନିଦେବ କର୍ମ ଅନୁଯାୟୀ ଫଳ ପ୍ରଦାନ କରିଥାଆନ୍ତି । ଶନିଦେବଙ୍କ କୃପା ପ୍ରାପ୍ତି ପାଇଁ ଆପଣାନ୍ତୁ ଏହି ଉପାୟ.. ଶନିଦେବଙ୍କୁ ପ୍ରସନ୍ନ କରିବା ପାଇଁ ଶନିବାର ଦିନ କୁକୁରଙ୍କୁ ନିଷ୍ଟୟ ଖାଇବାକୁ ଦିଅନ୍ତୁ । କଳା କୁକୁରକୁ ଖାଇବାକୁ ଦେଲେ ଖୁବ ଭଲ । ନଚେତ୍ ଅନ୍ୟ ରଙ୍ଗର କୁକୁରକୁ ମଧ୍ୟ ଖାଇବାକୁ ଦେଇ ପାରିବେ । ଏହା ଦ୍ୱାରା ଶନିଦେବ ପ୍ରସନ୍ନ ହେବା ସହ ବିଶେଷ କୃପା ମିଳିବ । ଶନିଦେବଙ୍କୁ କର୍ମଫଳ ଦାତା କୁହାଯାଏ । ତେଣୁ ଶନିବାର ଦିନ କୌଣସି ଭୁଲ କାମ ଆଦୌ କରନ୍ତୁ ନାହିଁ । ଏହି ଦିନ ଅସହାୟଙ୍କୁ ନିଶ୍ଚୟ ଭାଜନ ଦାନ କରାନ୍ତୁ । ଔଷଧ ସହ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ମଧ୍ୟ ଦାନ କରି ପାରିବେ । କର୍ମକ୍ଷେତ୍ର ଓ ବ୍ୟବସାୟରେ ଉନ୍ନତି ପାଇଁ ଶନିବାର ଦିନ ସ୍ନାନ ପରେ ଅଶ୍ୱତ୍ଥ ବୃକ୍ଷ ମୂଳରେ କଳା ରାଶି ମିଶ୍ରିତ ଜଳ ଅର୍ପଣ କରନ୍ତୁ । ଏହାସହ ଶୁଦ୍ଧ ଘିଅର ଦୀପ ଲଗାଇ ସୁଖ,ସମୃଦ୍ଧି କାମନା କରନ୍ତୁ । ଶନିଦେବଙ୍କ ମନ୍ତ୍ରର ଜପ କରନ୍ତୁ । ପରିବାର ସଦସ୍ୟଙ୍କ ମଧ୍ୟରେ କଳହ ହେଉଥିଲେ,ଶନିବାର ବିଧିପୂର୍ବକ ପ୍ରଭୁ ହନୁମାନଙ୍କ ପୂଜାର୍ଚ୍ଚନା କରନ୍ତୁ । ଘରେ ସୁନ୍ଦରାକାଣ୍ଡ ମଧ୍ୟ ପାଠ କରାଇ ପାରିବେ । ଶନିବାର ପ୍ରଭୁ ହନୁମାନଙ୍କ ପୂଜାର୍ଚ୍ଚନା କରିବା ଦ୍ୱାରା ଶନି ଦୋଷ ଦୂର ହାଇଥାଏ ।

ଶନିଦେବ

ବଳି

ପଶୁ ହିଂସା ଦ୍ୱାରା ତୁମ ପାପର ବୃଦ୍ଧି ହେବ, ହ୍ରାସ ପାଇବ ନାହିଁ ।

ପଶୁ ଯଜ୍ଞର ବିଶାଳ ଆୟୋଜନ ହେଉଥାଏ । ଚକ୍ ଚକ୍ କରୁଥିବା ଖଣ୍ଡା ଧରି କ୍ରୂର କଂସେଇ ଆଦେଶକୁ ଅପେକ୍ଷା କରିଥାଏ । ଏହି ସମୟରେ ଭଗବାନ ଗୌତମ ବୁଦ୍ଧ ଯଜ୍ଞସ୍ଥଳରେ ପହଞ୍ଚିଲେ । ରାଜା ଅଜାତଶତ୍ରୁ ତାଙ୍କୁ ପ୍ରଣାମ କଲେ । ତଥାଗତ ବୁଦ୍ଧ ତାଙ୍କୁ ଗୋଟିଏ ଭଙ୍ଗା କାଠି ଦେଇ କହିଲେ, ରାଜନ୍- ଏହାକୁ ଦୁଇ ଖଣ୍ଡ କରି ଦିଅନ୍ତୁ । ରାଜା କହିଲେ, ମହାଭାଗ ଏହା କିପରି ସମ୍ଭବ ? ଏଥର ବୁଦ୍ଧ କହିଲେ ଯେପରି ଭଙ୍ଗା କାଠିକୁ ପୁଣି ଥରେ ଭାଙ୍ଗିବା ଅସମ୍ଭବ, ସେପରି ନିରୀହ, ନିର୍ଦ୍ଦୋଷ ଏବଂ ମୂକ ପ୍ରାଣୀଙ୍କୁ ବଳି ଦେଇ ନିଜ ପାପ ମୋଚନ କରିବା ଅସମ୍ଭବ । ପଶୁ ହିଂସା ଦ୍ୱାରା ତୁମ ପାପର ବୃଦ୍ଧି ହେବ, ହ୍ରାସ ପାଇବ ନାହିଁ । ଆମ ଭିତରେ ଯେଉଁ ପ୍ରାଣ ରହିଛି, ଏମାନଙ୍କ ମଧ୍ୟରେ ସେହି ପ୍ରାଣ ରହିଛି । ପ୍ରାଣୀ ମାତ୍ରକେ ସମାନ ଭାବି ବ୍ୟବହାର କରିବା ଆବଶ୍ୟକ । ଏହା ହିଁ ଧର୍ମ । ଯଦି ତୁମେ କାହାକୁ ଜୀବନଦାନ ଦେଇ ନପାରୁଚ, କାହାର ପ୍ରାଣ ନେବାର ଅଧିକାର ତୁମ ନିକଟରେ ନାହିଁ । ଅଜାତଶତ୍ରୁ ପଶୁ ଯଜ୍ଞରେ ବଳି ଦେବା ଲାଗି ଆଣିଥିବା ପଶୁମାନଙ୍କୁ ମୁକ୍ତ କରି ଦେଲେ ।

‘ମୋ ଗାଁ ମୋ ତହସିଲ” ଶିବିର

ଭଦ୍ରକ,(ନିପ୍ର): ବାସୁଦେବପୁର, ବନ୍ତ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ‘ମୋ ଗାଁ ମୋ ତହସିଲ’ କାର୍ଯ୍ୟକ୍ରମ ଅନ୍ତର୍ଗତ ବାସୁଦେବପୁର ତହସିଲ ଅଧୀନ ତେନ୍ତୁଳିଆ ଗ୍ରାମ

ପଞ୍ଚାୟତ ଓ ବନ୍ତ ତହସିଲ୍ ଅଧୀନ ଛୁଆଳସିଂଗ ଗ୍ରାମ ପଂଚାୟତରେ ଏକ ରାଜସ୍ୱ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜନସାଧାରଣଙ୍କୁ ବିଭିନ୍ନ ରାଜସ୍ୱ ସେବା ଯୋଗାଇ ଦିଆଯାଇଥିଲା । ଆର.ଓ.ଆର.ର ୨ ଖାନା ସଂଶୋଧନ ପାଇଁ ଦରଖାସ୍ତ ଗ୍ରହଣ, ସଂଶୋଧିତ ନୂତନ ପଟ୍ଟା ବଣ୍ଟନ, ବସୁନ୍ଧରା ଯୋଜନା ଅଧୀନରେ ଆବେଦନ ଗ୍ରହଣ, ବିଭିନ୍ନ ରାଜସ୍ୱ ସମ୍ବନ୍ଧୀୟ ଅଭିଯୋଗ ଗ୍ରହଣ ଓ ତାହାର ସମାଧାନ କରାଯାଇଥିଲା । ଏହା ସହିତ ଜମିଜମା ସମ୍ବନ୍ଧୀୟ ବିବାଦ, ରାଜସ୍ୱ ମାମଲା ଏବଂ ଅନ୍ୟାନ୍ୟ ଆବେଦନଗୁଡ଼ିକର ଶୁଣାଣି କରାଯାଇ ସମ୍ଭବପର ସ୍ଥଳେ ତୁରନ୍ତ ସମାଧାନ କରାଯାଇଥିଲା । ଶିବିରରେ ବହୁ ସଂଖ୍ୟକ ଲୋକ ଯୋଗଦେଇ ସରକାରଙ୍କ ବିଭିନ୍ନ ରାଜସ୍ୱ ସେବାର ସୁବିଧା ଗ୍ରହଣ କରିଥିଲେ । ସରକାରଙ୍କ ଏହି ଜନମୁଖୀ ପଦକ୍ଷେପ ମାଧ୍ୟମରେ ରାଜସ୍ୱ ସେବାକୁ ଗ୍ରାମାଞ୍ଚଳର ଲୋକଙ୍କ ଦ୍ୱାରପ୍ରାନ୍ତରେ ପହଞ୍ଚାଇବା ସହ ସେମାନଙ୍କ ସମସ୍ୟାର ଶୀଘ୍ର ସମାଧାନ କରାଯାଉଥିବା ବାସୁଦେବପୁର ଓ ବନ୍ତ ତହସିଲ ପକ୍ଷରୁ ପ୍ରକାଶ କରାଯାଇଛି ।

ଆସିକା : ସମୂହ ସଫେଇ କାର୍ଯ୍ୟକ୍ରମ

ଆସିକା,(ନିପ୍ର): ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ ତଥା ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସମୂହ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ପରିଷଦ ଉପାଧକ୍ଷା ଜୟନ୍ତୀ ବିଷୋୟୀ, ଇ. ରଶ୍ମିରାଣୀ ନାହାକ, ଅଜିତ ପଟନାୟକ, ଦୀପ୍ତି ମୟୀ ସାହୁ, ଶୁଚିସ୍ମିତା

ତ୍ରିପାଠୀ, ହରଜିତ ସାଥୁଆ, ମାନସୀ ରାଣୀ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ଆସିକା ତାଲୁକା ରୋଡ ସ୍ଥିତ ବାଲୁଙ୍କେଶ୍ୱର ଶୈବ ମନ୍ଦିରର ଚାରିପଟେ ସଫେଇ କରାଯାଇଥିଲା । ଏଥିରେ ସ୍ୱଚ୍ଛ ସାଥି, ସୁପ୍ରଭାଇଜର, ପୌରପରିଷଦର କର୍ମଚାରୀ, ସ୍ୱୟଂ ସହାୟକଗୋଷ୍ଠିର ସଦସ୍ୟ, ଅଣୁ ଜୈବକ୍ଷତର କର୍ମଚାରୀ ପ୍ରମୁଖ ଯୋଗ ଦେଇ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଶାନ୍ତି ଶକ୍ତି ଭବନରେ ବିଶ୍ୱ ପର୍ଯ୍ୟାବରଣ ଦିବସ

ଆସିକା (ନିପ୍ର): ଆସିକା ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ବିଶ୍ୱ ପର୍ଯ୍ୟାବରଣ ଦିବସ ପାଳିତ ହୋଇଯାଇଛି । ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ଧାରାବାହିକ ଭାବେ ଆୟୋଜିତ ବହୁମୁଖୀ କାର୍ଯ୍ୟକ୍ରମ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପ୍ରଦାନ କରୁଛି ଏବଂ ଏଥିପାଇଁ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସେ ସାଧୁବାଦ ଜଣାଇଥିଲେ । ସେବା କେନ୍ଦ୍ର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ପ୍ରକାଶ କରିଥିଲେ ଯେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ପର୍ଯ୍ୟାବରଣ ସୁରକ୍ଷା, ସମ୍ବଳ ପରିଚାଳନା ଓ ରକ୍ଷଣାବେକ୍ଷଣକୁ ଦୃଷ୍ଟିରେ ରଖି ବିଗତ ନବେ ବର୍ଷ ଧରି ମୁଖ୍ୟାଳୟ ମାଉଣ୍ଟ ଆବୁ ଠାରେ ଯେଉଁ ସବୁ ଯୋଜନା କାର୍ଯ୍ୟକାରୀ ହେଉଛି ।

ବିଶ୍ୱ ପରିବେଶ ଦିବସରେ ଝାଡୁ ଧରିଲେ ବିଡ଼ିଓ

ଶେରଗଡ଼(ନିପ୍ର): ଶେରଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ବିଶ୍ୱର ପରିବେଶ ଦୂଷିତ ହେଉଥିବା ବେଳେ ପରିବେଶ ସଜାଡିବାର ସମୟ ଆସିଛି । ଆଜିର ଦିବସରେ ପ୍ରଶାସନ, ମହିଳା ସ୍ୱୟସହାୟକ ଗୋଷ୍ଠୀ, ମିଶନ ଶକ୍ତି ମହିଳା, ଆଶା ଅଙ୍ଗନବାଡି କର୍ମୀ, ଯୁବକମାନେ ଏକଜୁଟ ପରିବେଶ ସଜାଡ଼ିବାକୁ ପଡିବ । ବିଡ଼ିଓ ତୃପ୍ତିମୟୀ ଜେନା ସଞ୍ଜୋଯନାରେ ଅନୁଷ୍ଠିତ ସଫେଇ କାର୍ଯ୍ୟକ୍ରମ ଜଳପରିମଳ ସହକାରୀ ଯନ୍ତ୍ରୀ ଶଶାଙ୍କ ଶେଖର ପାଢ଼ୀ,ଗ୍ରାମ ସେବକ ଶଙ୍କର ସାବତ ଓ ଶତାଧିକ ମହିଳା ସାମିଲ ପରେ ବିଡ଼ିଓ ନିଜେ ଝାଡୁ ଧରି ସଫେଇକୁ ତ୍ୱରାନ୍ୱିତ କରିଥିଲେ ।

ରେଳ କ୍ରସିଂ ଗେଟ୍ ନିକଟରେ ସଚେତନତା

ପୂର୍ବତଟ ରେଳପଥ ସୁରକ୍ଷା ସଂଗଠନର ପ୍ରୟାସ

ନିରାକାରପୁର,(ନିପ୍ର): ରେଳ ଯାତ୍ରାକୁ ଅଧିକ ସୁରକ୍ଷିତ କରିବା ଏବଂ ଲେଭଲ୍ କ୍ରସିଂ ଗେଟ୍ ନିକଟରେ ଘଟୁଥିବା ଅଘଟଣକୁ ରୋକିବା ଲକ୍ଷ୍ୟରେ ପୂର୍ବତଟ ରେଳପଥ ସୁରକ୍ଷା ସଂଗଠନ, ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ ଏକ ବ୍ୟାପକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ‘ରେଳବାଇକୁ ଆପଣଙ୍କ ଯାତ୍ରା ନିରାପଦ କରିବାରେ ସାହାଯ୍ୟ କରନ୍ତୁ’ ବାର୍ତ୍ତାକୁ ନେଇ ବିଭାଗ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଏହି ସାପ୍ତାହିକ ସଚେତନତା ଅଭିଯାନ ଜାରି ରହିଛି । ଏହି କାର୍ଯ୍ୟକ୍ରମ ଅବସରରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭିନ୍ନ କ୍ରସିଂ ଗେଟ୍ ନିକଟରେ ଉପସ୍ଥିତ ରହି ଯାନବାହନ ଆରୋହୀ ଏବଂ ପଥଚାରୀମାନଙ୍କୁ ସୁରକ୍ଷିତ ଯାତାୟାତ ସମ୍ପର୍କରେ ବୁଝାଇବା ସହ ସଚେତନତା ଧର୍ମୀ ଲିଫ୍ଲେଟ୍ ବଣ୍ଟନ କରିଥିଲେ । ଗେଟ୍ ପଡ଼ିଥିବା ସମୟରେ କିଛି ଲୋକ ଅତି ଦାୟିତ୍ୱହୀନ ଭାବେ ଗେଟ୍ ତଳେ ଗାଡ଼ି ଗଳାଇବାକୁ ଚେଷ୍ଟା କରି ନିଜ ଜୀବନକୁ ବିପଦରେ ପକାଉଥିବାରୁ, ସେମାନଙ୍କୁ ଏଭଳି ବିପଜ୍ଜନକ କାର୍ଯ୍ୟରୁ ନିବୃତ୍ତ ରହିବାକୁ ଅନୁରୋଧ କରାଯାଇଥିଲା । ଯଦି କ୍ରସିଂ ଗେଟ୍ ବନ୍ଦ ଥାଏ, ତେବେ ଗେଟ୍ ନିକଟରେ ସୁରକ୍ଷିତ ଭାବେ ଅପେକ୍ଷା କରନ୍ତୁ ଏବଂ ଅପରିଣାମଦର୍ଶୀ ଭାବେ ଗେଟ୍ ତଳେ ଗାଡ଼ି ଗଳାଇବାକୁ ଚେଷ୍ଟା କରନ୍ତୁ ନାହିଁ । ରେଳ ଧାରଣା ପାର୍ଶ୍ୱରେ ଯାତାୟାତ ବେଳେ ମୋବାଇଲ୍ ଫୋନରେ କଥା ହେବା କିମ୍ବା କାନରେ ଇୟରଫୋନ୍ ଲଗାଇ ରଖିବା ଦ୍ୱାରା ଦୁର୍ଘଟଣାର ଆଶଙ୍କା ରହୁଥିବାରୁ ଏଥିରୁ ଦୂରେଇ ରୁହନ୍ତୁ ବୋଲି ସଚେତନ କରାଯାଇଥିଲା । ଆଜିର ଏହି ସେବା ଏବଂ ସଚେତନତା କାର୍ଯ୍ୟକ୍ରମରେ ବିଭାଗ ପକ୍ଷରୁ ବି. ବିନ୍ଧାଣୀ , ପି. ସି. ସାହୁ , କେ. ରବି କୁମାର , ଏ. ମଣିଦୀପ , ପି. ବି. ରାଓ , ସୀମାଞ୍ଚଳ ରେଡ୍ଡୀ, କେ. ମିଥୁନ ପାତ୍ର ଏବଂ ପି. କେ. ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଯାନବାହନ ଆରୋହୀଙ୍କୁ ସଚେତନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ରେଳବାଇ ସୁରକ୍ଷା ସଂଗଠନର ଏହି ଜନହିତକର ପ୍ରୟାସକୁ ସାଧାରଣ ଜନତା ଏବଂ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି । ଏହି କାର୍ଯ୍ୟକ୍ରମ ନିରାକାରପୁର ରେଳ ଫାଟକ ସମେତ ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ଅନ୍ୟ ରେଳ ଫାଟକ ନିକଟରେ ମଧ କରାଯାଇଛି ।

ଧାମନଗର: ‘ବିଧାୟକ ମେଧା ସମ୍ମାନ-୨୦୨୬’

ଶିକ୍ଷାର ବିକାଶ ପାଇଁ ଗୋଷ୍ଠୀଗତ ଭାଗିଦାରୀ ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

ଧାମନଗର,(ନିପ୍ର): ଧାମନଗର ମହାବିଦ୍ୟାଳୟ ପରିସରରେ ଏକ ଭବ୍ୟ ସମାରୋହରେ ଚଳିତ ବର୍ଷର ସ୍ୱତନ୍ତ୍ର ‘ବିଧାୟକ ମେଧା ସମ୍ମାନ-୨୦୨୬’ ପ୍ରଦାନ କରାଯାଇଛି । ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବ୍ୟକ୍ତିଗତ ଉଦ୍ୟମ ଓ ନିଜ ହାତ ପାଣ୍ଠି ଅନୁଦାନରେ ସାରା ଓଡ଼ିଶାରେ ପ୍ରଥମ ଥର ପାଇଁ ଏଭଳି ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ଶିକ୍ଷକମାନଙ୍କ ସହଯୋଗ ଓ ବଳିଷ୍ଠ ନେତୃତ୍ୱ ଯୋଗୁଁ ମାତ୍ର ୬ ମାସ ମଧ୍ୟରେ ସମଗ୍ର ଅଞ୍ଚଳର ଶିକ୍ଷା କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଦେଖିବାକୁ ମିଳିଛି । ଶିକ୍ଷାର ଉତ୍ତରୋତ୍ତର ବିକାଶ ଲାଗି ମନ୍ତ୍ରୀ ଏହି ଅବସରରେ ଗୋଷ୍ଠୀଗତ ଭାଗିଦାରୀକୁ ପ୍ରୋତ୍ସାହନ ଦେବାକୁ ଆହ୍ୱାନ ଦେଇଛନ୍ତି । ଏଥିସହ ଆଗାମୀ ଦିନରେ ସ୍କୁଲ କ୍ୟାମ୍ପସଗୁଡ଼ିକୁ ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି ।

ଏହି ସାରସ୍ୱତ ସମାରୋହରେ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ମୋଟ ୧୩ ଜଣ ଇ୧ ଗ୍ରେଡ୍ ଛାତ୍ରଛାତ୍ରୀଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଛି । ଏଥିସହିତ ଦେଶବନ୍ଧୁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁରଭି ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ କୃତୀ ଛାତ୍ର ସୌମ୍ୟରଞ୍ଜନ ସାମଲ ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଞ୍ଚଳ ପାଇଁ ଗୌରବ ଆଣିଥିବା ତିହିଡ଼ି ବ୍ଲକ ଦୋଳସାହିସ୍ଥିତ ରାମନାରାୟଣ ଉଚ୍ଚ ବିଦ୍ୟାଳୟର ଛାତ୍ର ଚନ୍ଦନ ଜେନାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଛି । କୃତୀ ସଂସଦର ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ମାନପତ୍ର, ଟ୍ରଫି ସହ ପ୍ରତ୍ୟେକଙ୍କୁ ୫,୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି ।

ସେହିପରି ଅନୁଷ୍ଠାନଗୁଡ଼ିକ ମଧ୍ୟରୁ ଚଳିତ ବର୍ଷ ସମସ୍ତ କ୍ଷେତ୍ରରେ ଉତ୍କୃଷ୍ଟ ଓ ସର୍ବାଙ୍ଗୀନ ପ୍ରଦର୍ଶନ କରି ମହତାବନଗରସ୍ଥିତ ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟ ‘ବେଷ୍ଟ ପରଫର୍ମିଂ ସ୍କୁଲ’ ବା ସର୍ବଶ୍ରେଷ୍ଠ ବିଦ୍ୟାଳୟ ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଛି ।

ବିଦ୍ୟାଳୟସ୍ତରୀୟ ପରିଚାଳନା କ୍ଷେତ୍ରରେ ନିଜ ନିଜ ସ୍କୁଲରୁ ସର୍ବାଧିକ ଛାତ୍ରଛାତ୍ରୀ ଇ୧ ଗ୍ରେଡ୍ ହାସଲ କରାଇ ଧାମନଗର ନିର୍ବାଚନମଣ୍ଡଳୀ ପାଇଁ ସୁନାମ ଆଣିଥିବାରୁ ଶହୀଦନଗର ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟତମା ପାଣିଗ୍ରାହୀ ଏବଂ ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୁପ୍ତେଶ୍ୱର ସିଂହଙ୍କୁ ସମ୍ମାନଜନକ ପୁରସ୍କାର ସ୍ୱରୂପ ୧୦,୦୦୦ ଟଙ୍କାର ଚେକ୍, ଭବ୍ୟ ଟ୍ରଫି ଓ ପ୍ରଶଂସା ପତ୍ର ପ୍ରଦାନ ପୂର୍ବକ ଉଚ୍ଚ ପ୍ରଶଂସିତ କରାଯାଇଛି ।

ଅନ୍ୟପକ୍ଷରେ, ଶିକ୍ଷାର୍ଥୀଙ୍କ ମଧ୍ୟରେ ଡ୍ରପ୍‌ଆଉଟ୍ (ସ୍କୁଲ ଛାଡ଼ିବା ହାର) ହ୍ରାସ କରିବାରେ ଉଲ୍ଲେଖନୀୟ ଏବଂ ଆଦର୍ଶ ସଫଳତା ପାଇଁ ଇନ୍ଦ୍ରଗୋବିନ୍ଦ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଭିତ୍ତିଭୂମିର ଅଧିକ ବିକାଶ ଲାଗି ବିଧାୟକଙ୍କ ହାତ ପାଣ୍ଠିରୁ ୧୫,୦୦,୦୦୦ ଟଙ୍କାର ଅନୁଦାନ ରାଶି ଘୋଷଣା କରାଯାଇଛି । ଏହା ସହିତ ଏହି ବିଦ୍ୟାଳୟର ସଫଳ ଅଧ୍ୟକ୍ଷ ଖଗେଶ୍ୱର ଜେନାଙ୍କୁ ‘ଡ୍ରପ୍ ଆଉଟ୍ ରିଡକ୍ସନ୍ ଆୱାର୍ଡ’ ରୂପେ ୧୦,୦୦୦ ଟଙ୍କାର ଚେକ୍, ଟ୍ରଫି ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି । ସେହିପରି ଚଳିତ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀଙ୍କ ନାମଲେଖା ହାର ଅଭିବୃଦ୍ଧି କ୍ଷେତ୍ରରେ ଅଭୂତପୂର୍ବ ସଫଳତା ଓ ଶିକ୍ଷା ପ୍ରତି ଅତୁଳନୀୟ ସମର୍ପଣ ପାଇଁ ଦହପାଣିଆ ସରକାରୀ ଉଚ୍ଚ ବିଦ୍ୟାଳୟକୁ ମଧ ବିଧାୟକଙ୍କ ହାତ ପାଣ୍ଠିରୁ ୧୫,୦୦,୦୦୦ ଟଙ୍କାର ଚେକ୍, ଟ୍ରଫି ଓ ପ୍ରଶଂସାପତ୍ର ଏବଂ ଏହାର ଦକ୍ଷ ପ୍ରଧାନଶିକ୍ଷକ କାଳୀପଦ ଦାସଙ୍କୁ ‘ଏନରୋଲମେଣ୍ଟ ଇନକ୍ରିଜ୍ ଆୱାର୍ଡ’ ସ୍ୱରୂପ ୧୦,୦୦୦ ଟଙ୍କାର ଚେକ୍, ଟ୍ରଫି ଓ ପ୍ରଶଂସାପତ୍ରରେ ସମ୍ବର୍ଦ୍ଧିତ କରାଯାଇଛି ।

ଏହି ଉଚ୍ଚସ୍ତରୀୟ ସମ୍ମାନ ପ୍ରଦାନ ଉତ୍ସବରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଓ ସାମାଜିକ ସ୍ତରରେ ଶିକ୍ଷକମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଏଥିସହ ପ୍ରତିଷ୍ଠିତ ଶିକ୍ଷାବିତ୍ ରଘୁନାଥ ପଣ୍ଡା ମୁଖ୍ୟ ବକ୍ତା ଭାବେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କୃତୀ ଶିକ୍ଷକ ଓ ଉଦୀୟମାନ ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ଭବିଷ୍ୟତ ପାଇଁ ଉତ୍ସାହିତ କରିଥିଲେ ।

ଉତ୍କର୍ଷ ନିମାପଡ଼ା ଦ୍ୱିତୀୟ ସଂସ୍କରଣ ଉଦ୍‌ଯାପିତ

ପ୍ରତିଭାଙ୍କୁ ଚିହ୍ନଟ ଜାରି ରହିବ: ଉପ-ମୁଖ୍ୟମନ୍ତ୍ରୀ

ନିମାପଡ଼ା,(ନି.ପ୍ର.): ନିମାପଡ଼ାବାସୀଙ୍କ ମଧ୍ୟରେ ହସ ଫୁଟାଇବା, ସୁଖ ଦୁଃଖରେ ସାମିଲ ହେବା ଏବଂ ପ୍ରତି ବିଭାଗରେ ସରକାରୀ କାର୍ଯ୍ୟର ସଫଳତା ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସ୍ଥାନୀୟ ବିଧାୟକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଘୋଷଣା କରିଥିଲେ । ଉତ୍କର୍ଷ ନିମାପଡ଼ା ଦ୍ୱିତୀୟ ସଂସ୍କରଣ ଉଦ୍‌ଯାପନ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିକଶିତ ଭାରତ-ବିକଶିତ ଓଡ଼ିଶା ମଧ୍ୟରେ ନିମାପଡ଼ାର ଏହି ସାଧୁ ଉଦ୍ୟମକୁ ସାଧୁବାଦ ଜଣାଇ ଉପ-ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନାକୁ ନିମାପଡ଼ାର କ୍ରୀଡ଼ା ପ୍ରତିଭା ଚିହ୍ନଟ ସହିତ ଭିତ୍ତିଭୂମି ସୁଦୃଢ଼ ନିମନ୍ତେ ୩୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ସୂଚନା ଦେଇ ନିମାପଡ଼ା ବାରବାଟି ପଡ଼ିଆର ଉନ୍ନତିକରଣ ନିମନ୍ତେ ଆବଶ୍ୟକୀୟ ସହଯୋଗ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ । ନିମାପଡ଼ାର ଯୁବ ସ୍ୱେଚ୍ଛାସେବୀ, କ୍ରୀଡ଼ା ପ୍ରତିଭାଙ୍କୁ ରାଜ୍ୟ ସ୍ତରରେ ପହଞ୍ଚାଇବା ନିମନ୍ତେ ବିଧାୟିକାଙ୍କ ଉଦ୍ୟମକୁ ସ୍ୱୀକୃତି ଜଣାଇ ରଂଜି ଟ୍ରଫି ଟିମ୍‌ରେ ସାମିଲ କରିବା ପାଇଁ ଉଦ୍ୟମ ଆରମ୍ଭ ହେଲା ବୋଲି ମନ୍ତ୍ରୀ ଘୋଷଣା କରିଥିଲେ । ନିମାପଡ଼ା ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ ସ୍ୱାଗତ ସୂଚନା ଦେଇ ଏହି କାର୍ଯ୍ୟକ୍ରମକୁ ସମସ୍ତ ନିମାପଡ଼ାବାସୀ ସହଯୋଗ କରିଥିବାରୁ କୃତଜ୍ଞତା ଜ୍ଞାପନ କରି ସରକାରୀ କର୍ମଚାରୀ, ଜନ ପ୍ରତିନିଧିମାନଙ୍କୁ ସାଧୁବାଦ ଦେଇଥିଲେ । ଉପ-ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ନିମାପଡ଼ାକୁ ସରସ ସୁନ୍ଦର କରିବା ସହିତ ଜନସାଧାରଣଙ୍କ ବିଶ୍ୱାସକୁ ଧୂଳିସାତ ହେବାକୁ ଦିଆଯିବନି ବୋଲି ଦୃଢ଼ତାର ସହ ଘୋଷଣା କରି ଯେଉଁମାନେ ପଦ୍ମଫୁଲ ଉପରେ କଳାଦାଗ ଲଗାଇବାକୁ ଚେଷ୍ଟା କରୁଛନ୍ତି ତାହା ବିଫଳ ହେବ ବୋଲି ପ୍ରକାଶ କରି ଯେତେଦିନ ପର୍ଯ୍ୟନ୍ତ ଦାୟିତ୍ୱରେ ଥିବେ ସେତେଦିନ ପର୍ଯ୍ୟନ୍ତ ନିମାପଡ଼ାର ବିକାଶ କରି ଚାଲିଥିବି ବୋଲି ସର୍ବ ସମ୍ମୁଖରେ ଘୋଷଣା କରିଥିଲେ ।

ପ୍ରଥମ ମଡେଲ୍ ସୌର ଗ୍ରାମ ଭାବେ ନଦିଗାଁ ଘୋଷିତ

ଭଦ୍ରକ,(ନିପ୍ର): ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର: ମୁଫ୍ତ ବିଜୁଳି ଯୋଜନା ଅନ୍ତର୍ଗତ ମଡେଲ୍ ସୌର ଗ୍ରାମ କାର୍ଯ୍ୟକ୍ରମ ଅବସରରେ ଧାମନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଏକ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧାମନଗର ନିର୍ବାଚନ ମଣ୍ଡଳୀର ନଦିଗାଁକୁ ଓଡ଼ିଶାର ପ୍ରଥମ ମଡେଲ୍ ସୌର ଗ୍ରାମ ଭାବେ ଘୋଷଣା କରିଥିଲେ ।ଜିଲ୍ଲାପାଳ ଓ ଜିଲ୍ଲା ଦଣ୍ଡାଧିକାରୀ ଦିଲ୍ଲୀପ ରାଉତରାଏଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେଂଦ୍ର ସାମଲ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ନଦିଗାଁ ସରପଞ୍ଚ ଝରଣା ମାଝୀ, ଟିପିଏନ୍‌ଓଡିଏଲ୍‌ର ମୁଖ୍ୟଯନ୍ତ୍ରୀ ରାଜୀବ ନାୟକ, ଅଧୀକ୍ଷଣ ଯନ୍ତ୍ରୀ ଭୂପେନ୍ଦ୍ର ନାଥ ସାହୁ ଏବଂ ଓରେଡା ଲିମିଟେଡ୍‌ର ସହକାରୀ ନିର୍ଦ୍ଦେଶକ ଅସୀମା ଅରୁଣିମା ପ୍ରମୁଖ ଉପସ୍ଥିତ ଥିଲେ । ମଡେଲ୍ ସୌର ଗ୍ରାମ ଯୋଜନା ହେଉଛି ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାର ଏକ ପ୍ରମୁଖ ପଦକ୍ଷେପ, ଯାହାର ଲକ୍ଷ୍ୟ ସୌର ଶକ୍ତି ଆଧାରିତ ଗ୍ରାମୀଣ ବିକାଶକୁ ପ୍ରୋତ୍ସାହିତ କରିବା । ଦେଶର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଆଦର୍ଶ ସୌର ଗ୍ରାମ ଗଢ଼ି ତୋଳାଯିବ । ଏହି ଯୋଜନାର କାର୍ଯ୍ୟାନ୍ୱୟନ ଓ ତଦାରଖ ପାଇଁ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଏକ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଥିଲା । ଗତ ତିନି ମାସ ଧରି ଭଦ୍ରକ ଜିଲ୍ଲାର ୫,୦୦୦ରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୧୨ଟି ଗ୍ରାମରେ ସୌର ପ୍ରକଳ୍ପ ସ୍ଥାପନ ସମ୍ପର୍କିତ ଆକଳନ କରାଯାଇଥିଲା ।ଏଥିରେ ନଦିଗାଁ ଗ୍ରାମ ୧୧୯ କିଲୋୱାଟ୍ ସୌର କ୍ଷମତା ସ୍ଥାପନ କରି ପ୍ରଥମ ସ୍ଥାନ ଅଧିକାର କରିଛି ।ଏହି ସଫଳତା ଆଧାରରେ କେନ୍ଦ୍ର ସରକାରଙ୍କ ଅନୁମୋଦନ ଓ ଅନୁଦାନ ସହାୟତାରେ ଗ୍ରାମର ବିଭିନ୍ନ ସାର୍ବଜନୀନ ସ୍ଥାନରେ ସୌର ଭିତ୍ତିକ ପ୍ରକଳ୍ପ ସ୍ଥାପନ କରାଯିବ । ଗ୍ରାମର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓରେଡା ଲିମିଟେଡ୍ ମାଧ୍ୟମରେ ସୌର ଷ୍ଟ୍ରିଟ୍ ଲାଇଟ୍, ସୌର ଜଳ ଯୋଗାଣ ବ୍ୟବସ୍ଥା, ସୌର ଶୀତତାପ ନିୟନ୍ତ୍ରିତ ସଂରକ୍ଷଣ କୋଠରୀ ସହ ଅନ୍ୟାନ୍ୟ ସୌରଚାଳିତ ଭିତ୍ତିଭୂମି ପ୍ରକଳ୍ପ ସ୍ଥାପନ କରାଯିବ ।ନଦିଗାଁ ଗ୍ରାମରେ ଟଖଇ ମଡେଲ୍ ସୋଲାରାଇଜେସନ୍ ପାଇଁ ମୋଟ ୧୯୫ଟି ପରିବାର ଯୋଗ୍ୟ ଥିବାବେଳେ ୧୧୫ଟି ପରିବାରରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି । ସୋଲାରାଇଜେସନ୍‌କୁ ଅଧିକ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଧାମନଗର ବ୍ଲକ୍ କାର୍ଯ୍ୟାଳୟରେ ଏକ ସ୍ପଟ୍ ରେଜିଷ୍ଟ୍ରେସନ୍ ଡେସ୍କ ମଧ ଖୋଲାଯାଇଥିଲା, ଯେଉଁଠାରେ ଲୋକମାନେ ସିଧାସଳଖ ପଞ୍ଜୀକରଣ କରି ଯୋଜନାର ସୁବିଧା ପାଇପାରିବେ ।

ବିଷଧର ସାପ କାମୁଡ଼ାରେ ମହିଳା ମୃତ

ଆସିକା,(ନିପ୍ର): ଗଞ୍ଜାମ ଜିଲ୍ଲା ଆସିକା ଥାନା ଦେବଭୂମି ଗ୍ରାମ ଆଡୁଆ ସାହିରେ ଜଣେ ମହିଳା ବିଷାକ୍ତ ସାପ କାମୁଡାରେ ମୃତ୍ୟୁ ବରଣ କରିଛନ୍ତି । ମହିଳା ଜଣକ କନ୍ଧୁଣି ମୁନି (୪୨) ହୋଇଥିବା ଜଣାପଡିଛି । ପ୍ରକାଶ ଥାଉକି କନ୍ଧୁଣି ନିଜ ଘର ବାରିପଟେ ଘରେ ଶୋଇଥିବା ସମୟରେ ଏକ ବିଷାକ୍ତ ସାପ ତାଙ୍କ ବାମ ହାତ ଆଙ୍ଗୁଠିକୁ କାମୁଡି ଥିଲା । ସାପ କାମୁଡ଼ିବା ପରେ ସେ ଅଚେତ ହୋଇଯାଇଥିଲେ ସଙ୍ଗେ ସଙ୍ଗେ ତାଙ୍କ ସ୍ୱାମୀ ଗଣେଷ ମୁନି ତାଙ୍କୁ ୧୦୮ଆମ୍ବୁଲାନ୍ସ ଯୋଗେ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ । ଏଠାରେ କାର୍ଯ୍ୟରତ ଡାକ୍ତର କନ୍ଧୁଣିଙ୍କ ମୃତ୍ୟୁ ଘୋଷଣା କରିଥିଲେ । ଥାନାରେ ଏକ ଲିଖିତ ଅଭିଯୋଗ ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରି ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି ।

ବିଶ୍ୱ ବାଇସାଇକେଲ ଦିବସ କାର୍ଯ୍ୟକ୍ରମ ଆୟୋଜିତ

ବଡ଼ସାହି (ନିପ୍ର): ସରକାରଙ୍କର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନରେ ମେରା ଯୁବା ଭାରତ, ମୟୂରଭଞ୍ଜ ଓ ସଂକଳ୍ପ, କୁଳିଅଣାର ମିଳିତ ଆନୁକୂଲ୍ୟରେ କୋଠାବିଲା ମା ଅମ୍ବିକା ଉଚ୍ଚ ବିଦ୍ୟାଳୟ ଠାରେ କୁଳିଅଣା ବ୍ଲକର ୫୬ ଜଣ ଯୁବ ସ୍ୱେଚ୍ଛାସେବୀମାନଙ୍କୁ ନେଇ ବିଶ୍ୱ ସାଇକେଲ ଦିବସ ୨୦୨୬ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସକାଳ ୭.୩୦ରୁ ସକାଳ ୮.୩୦ ପର୍ଯ୍ୟନ୍ତ ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ କୋଠାବିଲା ଗାଁରୁ ସାଇକେଲ ରାଲି ବାହାରି ସବୁଜ ଭବିଷ୍ୟତ ଗଠନ ଉପଲକ୍ଷେ ପାଖ ଗାଁ ଅତିକ୍ରମ କରି ମାଧପୁର ଗ୍ରାମରେ ଥିବା ମା ଅମ୍ବିକା ଉଚ୍ଚ ବିଦ୍ୟାଳୟ ଠାରେ ପହଁଚିଥିଲେ । ଅତିଥି ମାନଙ୍କ ଉପସ୍ଥିତିରେ ସ୍ୱେଚ୍ଛାସେବୀମାନେ ବିଦ୍ୟାଳୟ ପରିସର ସଫାସୁତୁରା, ବୃକ୍ଷ ରୋପଣ କାର୍ଯ୍ୟ ସମାପନ କରିଥିଲେ । ବିଶ୍ୱ ସାଇକେଲ ଦିବସ ଉପଲକ୍ଷେ ବିଦ୍ୟାଳୟ କକ୍ଷରେ ଆୟୋଜିତ ସଭାରେ ସଂକଳ୍ପର ସମ୍ପାଦକ ପ୍ରଦୀପ କୁମାର ଦାସମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ, ମୁଖ ଅତିଥି ଭାବେ ନୋଧନା ଜି ପି ଏଲ ଏଫର ସଭାନେତ୍ରୀ ଇଛାମଣୀ ମହାନାୟକ ଯୋଗ ଦେଇଥଲେ ।

ଏସ୍‌ଆଇଆର କାର୍ଯ୍ୟର ଅନୁଧ୍ୟାନ କଲେ ଉପଜିଲ୍ଲାପାଳ

ନିର୍ଦ୍ଧାରିତ ସମୟ ମଧ୍ୟରେ ତ୍ରୁଟିମୁକ୍ତ କାର୍ଯ୍ୟ ସମ୍ପାଦନ ଉପରେ ଗୁରୁତ୍ୱ

କଟକ(ନିପ୍ର): ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ (ଏସ୍‌ଆଇଆର) କାର୍ଯ୍ୟକ୍ରମ ଅନୁଧାନ କରିବା ନିମନ୍ତେ ବାରବାଟୀ,କଟକ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ କ୍ଷେତ୍ର ପରିଦର୍ଶନ କରିଛନ୍ତି । ପରିଦର୍ଶନ ସମୟରେ ସେ ବୁଥସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା କରାଯାଉଥିବା ମତଦାତାଙ୍କ ତଥ୍ୟ ସଂଗ୍ରହ, ତଥ୍ୟ ଯାଞ୍ଚ, ଫର୍ମ ବଣ୍ଟନ ପ୍ରକ୍ରିୟାର ସମୀକ୍ଷା କରିଛନ୍ତି । ବାରବାଟୀ କଟକ ଅଞ୍ଚଳର ବୁଥ ନଂ ୩୫,୩୬,୪୩,୪୯,୫୩,୧୬୩,୧୭୨ ଅନ୍ତର୍ଗତ ତୁଳସୀପୁର, ଶେଲଟର ଛକ, ଚାନ୍ଦନୀଚୌକ, ରାଧାନାଥ ରୋଡ,ଦେଉଳସାହି ଅଞ୍ଚଳରେ ବୁଥ ସ୍ତରୀୟ ଅଧିକାରୀମାନଙ୍କ କାର୍ଯ୍ୟ ସମ୍ପାଦନ ବେଳେ ଉପଜିଲ୍ଲାପାଳ ପହଞ୍ଚି ତଦାରଖ କରିଛନ୍ତି । ନିର୍ଦ୍ଧାରିତ ସମୟ ମଧ୍ୟରେ

ତ୍ରୁଟିମୁକ୍ତ କାର୍ଯ୍ୟ ସମ୍ପାଦନ ନିମନ୍ତେ ଉପଜିଲ୍ଲାପାଳ ଉପସ୍ଥିତ ବିଏଲଓ ମାନଙ୍କୁ ପରାମର୍ଶ ଦେଇଛନ୍ତି । ବିଶେଷକରି ବାରବାଟୀ ନିର୍ବାଚନ ମଣ୍ଡଳୀର ଭୋଟର ମାନଙ୍କୁ ସଚେତନ କରିବା ପାଇଁ ମଙ୍ଗଳବାର ଏକ ସଚେତନତା ରଥ ଉପଜିଲ୍ଲାପାଳ ଶ୍ରୀ ଦେଓ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ରଥ ବାରବାଟୀର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି ମତଦାତା ମାନଙ୍କୁ ସଘନ ସଂଶୋଧନ ପ୍ରକ୍ରିୟାର ଗୁରୁତ୍ୱ ସମ୍ପର୍କରେ ସଚେତନ କରୁଛି । ଏଠାରେ ସୂଚନାଯୋଗ୍ୟ ,ବାରବାଟୀ ନିର୍ବାଚନ ମଣ୍ଡଳୀରେ ଭୋଟର ସଂଖ୍ୟା ୨,୨୬,୩୫୮ଜଣ ଥିବା ବେଳେ ମ୍ୟାପିଙ୍ଗ ସମୟରେ ୧,୮୦,୧୭୫ ଜଣ ଭୋଟର ଥିବା ଜଣାପଡିଛି । ସେହିପରି ବର୍ତ୍ତମାନ ୨୧୪ ଟି ବୁଥ ଥିବା ବେଳେ ଆଉ ୬୭ଟି ନୂତନ ବୁଥ କରାଯିବ । ଏସ୍‌ଆଇଆର କାର୍ଯ୍ୟରେ ୭ଜଣ ସହକାରୀ ପଞ୍ଜୀକରଣ ଅଧିକାରୀ,୧୭ଜଣ ସୁପରଭାଇଜର ଏବଂ ୨୧୪ ଜଣ ବିଏଲଓ ନିୟୋଜିତ ହୋଇଛନ୍ତି । ଅନ୍ୟପକ୍ଷେ ସ୍ୱତନ୍ତ୍ର ସଘନ ସଂଶୋଧନ - ୨୦୨୬ କାର୍ଯ୍ୟକ୍ରମର ଅଗ୍ରଗତି ପର୍ଯ୍ୟବେକ୍ଷଣ ନିମନ୍ତେ ଆଜି ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି । ସେ ଚୌଦ୍ୱାରର ବିଭିନ୍ନ ଅଞ୍ଚଳକୁ ଯାଇ ବିଏଲଓ ,ସୁପରଭାଇଜରଙ୍କ ସହ ଆଲୋଚନା କରିବା ସହ ଲୋକମାନଙ୍କ ମତାମତ ଗ୍ରହଣ କରିଛନ୍ତି । ଘରକୁ ଘର ଯାଇ ତଥ୍ୟ ସଂଗ୍ରହ ଓ ଯାଞ୍ଚ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ସେ ସମୀକ୍ଷା କରିବା ସହ କ୍ଷେତ୍ରସ୍ତରରେ କାର୍ଯ୍ୟରତ କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି । ଗତ ମଇ ମାସ ୩୦ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଆସନ୍ତା ଜୁନ ୨୮ ସୁଦ୍ଧା ଶେଷ ହେବ ।

ତିଥି :(ପଞ୍ଚମୀ): (ଶ୍ରବଣା ମକର)
ଅମୃତ ବେଳା: ଦିବା ଘ ୧୧।୩୪ ଗତେ ଘ ୧।୫୮ ମଧ୍ୟେ

ଆଜିର ଅନୁଚିନ୍ତନ

ଯେ ନିଜ ଉପରେ ବିଜୟ ପ୍ରାପ୍ତ କରିଛି, ସେହି ଶୀତ-ଉଷ୍ଣ, ସୁଖ-ଦୁଃଖ ତଥା ମାନ-ଅପମାନରେ ପ୍ରଶାନ୍ତ ବା ନିର୍ବିକାର ରହୁଥିବା ମନୁଷ୍ୟଙ୍କୁ ପରମାତ୍ମା ନିତ୍ୟପ୍ରାପ୍ତ ଅଟନ୍ତି।।

- ଶ୍ରୀମଦ୍ ଭଗବଦ୍ ଗୀତା

ହୃଦ୍‌ବୋଧ ହେବ କେବେ ?

ବିଶ୍ୱ ପାଣିପାଗ ସଂଗଠନର ସଦ୍ୟ ଆକଳନ ଯେ ଆସନ୍ତା ୫ ବର୍ଷରେ ବିଶ୍ୱର ତାପମାତ୍ରା ରେକର୍ଡ ଅତିକ୍ରମ କରିବ। ୨୦୨୬ରୁ ୨୦୩୦ ମଧ୍ୟରେ ତାପମାତ୍ରା ୧.୩ରୁ ୧.୯ ଡିଗ୍ରୀ ଅଧିକ ରହିପାରେ। ଏନେଇ ଯେଉଁ କାରଣଟି କୁହାଯାଉଛି ତାହା ହେଉଛି ସାମୁଦ୍ରିକ ବରଫ ପରିମାଣ ହ୍ରାସ ପାଉଛି। ପୁଣି ବଢୁଛି ଚରମ ପାଣିପାଗ ଘଟଣା । ଉତ୍ତାପ ବଢ଼ିବା ଯୋଗୁଁ ପାଣିପାଗ ଆହୁରି ଚରମ ରୂପ ଗ୍ରହଣ କରୁଛି। ବନ୍ୟା, ମରୁଡ଼ି, ଗ୍ରୀଷ୍ମ ଲହରୀ ଓ ବାତ୍ୟା ଅଧିକ ଅନୁଭୂତ ହେଉଛି । ୟୁରୋପରେ ଗତ ମେ' ମାସରେ ରେକର୍ଡ ଗ୍ରୀଷ୍ମପ୍ରବାହ ଅନୁଭୂତ ହୋଇଥିଲା । ଭାରତ, ପାକିସ୍ତାନ ଓ ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି।

ଗ୍ରୀଷ୍ମ ଲହରୀ ସାମ୍ନା କରୁଥିବା ଦେଶମାନଙ୍କ ମଧ୍ୟରେ ଭାରତ । ବୈଜ୍ଞାନିକଙ୍କ ଅନୁସାରେ, ପ୍ରତି ୦.୧ ଡିଗ୍ରୀ ଗରମ ବଢ଼ିବା ଅର୍ଥ ପ୍ରଭାବ ସେହି ଅନୁସାରେ ହୁଏ। ୧.୫ ଡିଗ୍ରୀ ସୀମାଠୁ ଉପରକୁ ଯିବା ଅର୍ଥ ବିପଦପୂର୍ଣ୍ଣ । ଏହା ଦ୍ୱାରା ପ୍ରବାଳ ପ୍ରାଚୀର, ହିମବାହ ଓ ଅନେକ ପରିସଂସ୍ଥାନ ନଷ୍ଟ ଆଶଙ୍କା ବଢ଼ିଥାଏ। ଯେତେବେଳେ ପରିବେଶ ବିଗିଡେ ବା ତାତି ବଢ଼େ ପରବର୍ତ୍ତୀ ବର୍ଷମାନଙ୍କରେ ଗ୍ରୀଷ୍ମ ଲହରୀ ବଢ଼ିବା ଆଶଙ୍କା ବଳବତ୍ତର ରହେ। ରାତି ତାପମାତ୍ରା ଅଧିକ ରହେ। ପୁଣି ସହରଗୁଡ଼ିକରେ ସହରୀକରଣ ତାତି ପ୍ରଭାବ ପକାଏ। ଜାତିସଂଘର ଜଳବାୟୁ ପ୍ରମୁଖ ସାଇମନ ଷ୍ଟିଲ୍ ଏକ ଯଥାର୍ଥ ମତ ରଖିଛନ୍ତି । ତାଙ୍କ କହିବାନୁଯାୟୀ ବିଶ୍ୱ ଉତ୍ତାପନକୁ ରୋକିବାର ପ୍ରୟାସ ଏବେ ଯାହା ଚାଲିଛି ତାହା ଯଥେଷ୍ଟ ନୁହେଁ । କାରଣ ହେଉଛି ଯେ କୋଇଲା, ତେଲ ଓ ଗ୍ୟାସର ଉପଯୋଗ ଏବେ ଯଥେଷ୍ଟ ମାତ୍ରାରେ ବଢ଼ିଛି । ଏହାର ପରିଣତି ହିଁ ଚରମ ପାଣିପାଗ ଘଟଣା । ପ୍ରକାରାନ୍ତେ ସ୍ୱାସ୍ଥ୍ୟ, ଅର୍ଥବ୍ୟବସ୍ଥା ଓ ଖାଦ୍ୟ ସୁରକ୍ଷା ଉପରେ କୁପ୍ରଭାବ ପଡ଼ିବା ଅବଶ୍ୟମ୍ଭାବୀ ।ଉତ୍ତାପ ବଢ଼ିବା ଯୋଗୁଁ ପାଣିପାଗ ଅଧିକ ଚରମ ରୂପ ଗ୍ରହଣ କରୁଛି । ଏହାର ପରିଣାମ ହିଁ ବନ୍ୟା, ମରୁଡ଼ି, ଗ୍ରୀଷ୍ମ ଲହରୀ ଓ ବାତ୍ୟା । ଯାହା ସର୍ବତ୍ର ଊଣାଅଧିକେ ଅନୁଭୂତ ହେଉଛି। ପ୍ରକୃତିର ସୁରକ୍ଷା ଏକ ସାମୂହିକ କର୍ତ୍ତବ୍ୟ । ବୈଦିକ ଋଷିମାନେ ତାହାର ତାତ୍ପର୍ଯ୍ୟ ବୁଝିଥିଲେ ବୋଲି ବେଦରେ ପ୍ରକୃତିର ପୂଜା ତଥା ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ସୁତରାଂ ପୃଥିବୀକୁ ବାସଯୋଗ୍ୟ କରିବା ପାଇଁ ସମସ୍ତ ରାଷ୍ଟ୍ର ଏକାଠି ହୋଇ ଚିନ୍ତା କରନ୍ତୁ। ଯୁଦ୍ଧ ନୁହେଁ ବୁଦ୍ଧ ବା ଜ୍ଞାନର ଆବଶ୍ୟକତା ପୃଥିବୀ ପାଇଁ ଅଧିକ । ଆଜି ପୃଥିବୀ ଯେଉଁ ପାରିବେଶିକ କୁପ୍ରଭାବର ଶିକାର ତାହା ପଛରେ ଯେ ସାମୂହିକ ଜ୍ଞାନ ଓ ସହଯୋଗର ଅଭାବ ଏହା କେବେ ମଣିଷର ହୃଦ୍‌ବୋଧ ହେବ ?

ନିଟ୍-ୟୁଜି ପୁନଃପରୀକ୍ଷା : ସେନା କରିବ ସହାୟତା

ଡକ୍ଟର ପ୍ରମୋଦ କୁମାର ପଣ୍ଡା

"ଆଗାମୀ ନିଟ୍ - ୟୁଜି ପୁନଃପରୀକ୍ଷାରେ ବାୟୁସେନା ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବ। କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଏବଂ ସଞ୍ଚାର ମନ୍ତ୍ରୀଙ୍କ ଏ ସଂକ୍ରାନ୍ତୀୟ ମିଳିତ ଆଲୋଚନା ହୋଇଛି। ନିଷ୍ପତ୍ତି ଓ ରୂପରେଖ ଚୂଡାନ୍ତ ହୋଇନାହିଁ। ଶୃଙ୍ଖଳିତ ପରୀକ୍ଷା ଏବଂ ପ୍ରଶ୍ନପତ୍ର ଲିକ ରୋକିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଉଥିବା ଆଲୋଚନା ହେଉଛି। ଏତଦ୍ୱାରା ପ୍ରଶ୍ନପତ୍ର ପ୍ରଘଟରେ ରୋକ ଲାଗିବା ନିଶ୍ଚିତ। ପଇସାର ପ୍ରଲୋଭନ ଏତେ ପ୍ରଭାବ ବିସ୍ତାର କଲାଣି ଯେ ଲୋକେ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ନଷ୍ଟ କରିବାକୁ ମଧ୍ୟ କୁଣ୍ଠିତ ନୁହନ୍ତି। ଏମିତିରେ ଦେଶ କାହାକୁ ଭରସା କରିବ, କାହା ଉପରେ ଆସ୍ଥା ରଖିବ ? ବ୍ୟବସ୍ଥାର ସଂସ୍କାର ସହିତ ବ୍ୟକ୍ତିର ଦାୟିତ୍ୱ ନିର୍ଦ୍ଧାରଣ ପୂର୍ବକ ଦୋଷୀ ଉପରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ହେଲେ ଆଗାମୀ ପିଢ଼ି ସଶକ୍ତ ଓ ସମୃଦ୍ଧ ହେବ।

ଡାକ୍ତରୀ ପଢ଼ିବାକୁ ପ୍ରବେଶିକା ପରୀକ୍ଷା ଦେବାକୁ ହୁଏ। ଭାରତରେ ଏହା ଜାତୀୟ ସ୍ତରରେ ଆୟୋଜନ କରାଯାଇଥାଏ। ଏହାକୁ ନେସେନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଏକ୍ସାମିନେସନ, ନିଟ୍ - ୟୁଜି କୁହାଯାଏ। ଏହି ପରୀକ୍ଷା ନେସନାଲ ପରୀକ୍ଷା ଏଜେନ୍ସି, ଏନ୍‌ଟିଏ ପରିଚାଳନା କରେ। ସରକାରଙ୍କ ଦ୍ୱାରା ଗଠିତ ଏହା ଏକ ସ୍ୱତନ୍ତ୍ର ସଂସ୍ଥା। ପ୍ରଶ୍ନପତ୍ର ପ୍ରସ୍ତୁତିରୁ ଆରମ୍ଭ କରି ପରିଣାମ ଘୋଷଣା ପର୍ଯ୍ୟନ୍ତ ସବୁକିଛି ଏହାର ଦାୟିତ୍ୱ। ନିଟ୍ - ୟୁଜି ଦେଶର ସବୁଠାରୁ ବଡ଼ ପ୍ରବେଶିକା ପରୀକ୍ଷା। ୨୨ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପରୀକ୍ଷାରେ ବସନ୍ତି। କେବଳ ପରୀକ୍ଷାର୍ଥୀ ନୁହଁ, ତାଙ୍କ ପରିବାରର ଆଶା ଓ ଆକାଂକ୍ଷା ଏହି ପରୀକ୍ଷା ସହିତ ଜଡ଼ିତ। କିନ୍ତୁ ପରିତାପର ବିଷୟ ଏହି ପରୀକ୍ଷାରେ ଅନେକ ବିଭ୍ରାଟ ଓ ଅନିୟମିତତା ପରିଲକ୍ଷିତ ହେଉଛି। ପ୍ରଶ୍ନପତ୍ର ପ୍ରଘଟ ହେଉଛି। ଜାତୀୟ ପରୀକ୍ଷା ଏଜେନ୍ସି, ଏନ୍‌ଟିଏର ବିଶ୍ୱସନୀୟତା ନେଇ ପ୍ରଶ୍ନ ଉଠୁଛି। ବ୍ୟବସ୍ଥା ଉପରୁ ଲୋକେ ଆସ୍ଥା ହରାଉଛନ୍ତି।

ମେ ୩ ତାରିଖ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେହିଦିନ ପରୀକ୍ଷା ପରେ ପ୍ରଶ୍ନପତ୍ର ପ୍ରଘଟ ଘଟଣା ସାମ୍ନାକୁ ଆସିଥିଲା। ପ୍ରାଥମିକ ତଦନ୍ତ ଆରମ୍ଭ

ହୋଇଥିଲା। ପ୍ରଥମ ଦୃଷ୍ଟିରେ ମିଳିଥିବା ପ୍ରମାଣ ଅନୁଯାୟୀ ପ୍ରଶ୍ନ ପତ୍ର ଲିକ୍ ହୋଇଥିବା ଜଣାପଡିଥିଲା। ତାରି ଆଧାରରେ ମେ ୧୨ ତାରିଖ ସମଗ୍ର ପରୀକ୍ଷାକୁ ରଦ୍ଦ କରାଯାଇଥିଲା। ସରକାର କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ, ସିବିଆଇକୁ ତଦନ୍ତ ଦାୟିତ୍ୱ ଅର୍ପଣ କରିଥିଲେ। ଏପର୍ଯ୍ୟନ୍ତ ଏହି ମାମଲାରେ ତେର ଜଣ ବ୍ୟକ୍ତି ଗିରଫ ହୋଇଛନ୍ତି। ଜୁନ ୨୧ ତାରିଖ ପୁନଃପରୀକ୍ଷା ହେବାକୁ ଯାଉଛି।

ଡାକ୍ତରୀ ପ୍ରବେଶିକା ପରୀକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ୨୦୨୪ ମସିହାରେ ସରକାର ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ, ଇସ୍ରୋର ପୂର୍ବତନ ମୁଖ୍ୟ କେ. ରାଧାକୃଷ୍ଣନଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ଏହି କମିଟି ୩୫ ଗୋଟି ଦୀର୍ଘକାଳୀନ ଏବଂ ୬୦ ଗୋଟି ସ୍ୱଳ୍ପକାଳୀନ ସୁପାରିସ ପ୍ରଦାନ କରିଥିଲେ। ଇତିମଧ୍ୟରେ ଫେଡେରେସନ ଅଫ୍ ଅଲ ଇଣ୍ଡିଆ ମେଡିକାଲ ଆସୋସିଏସନ ଓ ୟୁନାଇଟେଡ଼ ଡକ୍ଟର୍ସ ଫ୍ରଣ୍ଟ ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ଏକ ମିଳିତ ଆବେଦନ ପତ୍ର ଦାଖଲ ହୋଇଥିଲା। ଜାତୀୟ ପରୀକ୍ଷା ଏଜେନ୍ସି, ଏନଟିଏ ତାର ବିଶ୍ୱସନୀୟତା ହରାଇ ସାରିଛି, ତେଣୁ ତୁରନ୍ତ ତାକୁ ଉଚ୍ଛେଦ କରାଯାଉ ନ ହେଲେ ତାର ସାଙ୍ଗଠନିକ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ କରାଯାଉ ବୋଲି ଅଭିଯୋଗ ହୋଇଥିଲା। ଆବେଦନକାରୀ ବିକଳ୍ପ ସ୍ୱରୂପ ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମେଡିକାଲ ପରୀକ୍ଷା ପରିଚାଳନା କରିବାକୁ ସ୍ୱତନ୍ତ୍ର ଓ ନୂତନ ସଂସ୍ଥା ଗଠନ ପାଇଁ ପ୍ରସ୍ତାବ ରଖିଥିଲେ। ଅଦାଲତ ଜାତୀୟ ପରୀକ୍ଷା ଏଜେନ୍ସି, ଏନ୍‌ଟିଏର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଥିଲେ। ବ୍ୟବସ୍ଥା ନୁହେଁ, ବ୍ୟକ୍ତିଙ୍କୁ ଦାୟୀ କର, ସଙ୍ଘ ଲୋକ ସେବା ଆୟୋଗ ଠାରୁ ଶିଖ୍ କହିଥିଲେ। ଆଗାମୀ ପୁନଃପରୀକ୍ଷା ପାଇଁ ସରକାରଙ୍କ ତରଫରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଶୃଙ୍ଖଳିତ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ସଂରକ୍ଷଣ ଓ ପରିବହନ ସକାଶେ କଡ଼ା ନିୟମ ଅନୁପାଳନ ଓ ବ୍ୟାପକ ପୁଲିସ ନିୟୋଜନ କରାଯିବ ବୋଲି ଅଦାଲତଙ୍କୁ ପୂର୍ଣ୍ଣ ଆଶ୍ୱାସନା ପ୍ରଦାନ କରାଯାଇଥିଲା।

ବନ୍ୟା, ବାତ୍ୟା, ଭୂମିକମ୍ପ, ଦଙ୍ଗା, ଯୁଦ୍ଧ, ବିଦ୍ରୋହ ଭଳି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ସେନାର ଆବଶ୍ୟକତା ପଡ଼ିଥାଏ। ନିର୍ବାଚନ ପରିଚାଳନା ଓ ଦୁର୍ଗମ ଅଞ୍ଚଳ ପର୍ଯ୍ୟନ୍ତ ଲୋକତନ୍ତ୍ର ପହଞ୍ଚାଇବା ପାଇଁ ସେନାର ସହାୟତା ଦରକାର ହୁଏ। ବାହ୍ୟ ଶତ୍ରୁ ହାତରୁ ସେମାନେ ଦେଶକୁ ରକ୍ଷା କରନ୍ତି। ଜନସାଧାରଣଙ୍କୁ ସୁରକ୍ଷା ପ୍ରଦାନ କରନ୍ତି। ସେମାନଙ୍କ ଯୋଗୁଁ ଆମେ ଶାନ୍ତିରେ ରହୁ। ନିଶ୍ଚିନ୍ତରେ ଶୋଉ। ଆମ ପାଇଁ ସେମାନେ ରାତି ରାତି ଉଜାଗର ରୁହନ୍ତି। ନିଜ ଜୀବନକୁ ବାଜି ଲଗାଇ ଦେଶମାତୃକାର ସେବା କରନ୍ତି। ସୁରକ୍ଷା ଦିଅନ୍ତି। ତାଙ୍କ ପାଇଁ ଧନଜୀବନ, ସଂସାଧନ ନିରାପଦ ରୁହେ। କିନ୍ତୁ ସାଙ୍ଗଠନିକ ବ୍ୟବସ୍ଥା ଏତେ ଦୁର୍ବଳ ଓ କଳଙ୍କିତ ଯେ ପରୀକ୍ଷା ପରିଚାଳନା ପାଇଁ ଏବେ ସେନାର ଆବଶ୍ୟକତା ପଡ଼ିଲାଣି। ପ୍ରଶ୍ନପତ୍ର ସୁରକ୍ଷିତ ପହଞ୍ଚାଇବା ପାଇଁ ସେନାକୁ ଡାକିବାକୁ ପଡ଼ିଲାଣି। କୋଟି କୋଟି କର୍ମଚାରୀ ଥିବା ପ୍ରଶାସନିକ ତନ୍ତ୍ର ଉପରେ ଲୋକଙ୍କ ଭରସା ନାହିଁ। ସେନା ପାଖରେ କେଉଁ ଗୁଣ ଅଛି ଯାହା ଅନ୍ୟ ସଂସ୍ଥାନରେ ନାହିଁ। ଜନତା ସେନା ଓ ସୈନିକଙ୍କୁ ଆଖିବୁଜି ବିଶ୍ୱାସ କରନ୍ତି କାହିଁକି ? ସେନା ପାଖରେ କୌଣସି ଅଲୌକିକ ଶକ୍ତି ନାହିଁ। ସେମାନେ ସେହି ସମାଜର ମଣିଷ ଯେଉଁ ସମାଜରେ ଆମେ ରହୁ। କିନ୍ତୁ ତାଙ୍କ ପାଖେ ସାଧୁତା ରହିଛି। ସେମାନେ ସଚ୍ଚୋଟ, ଚରିତ୍ରବାନ। ସୈନିକ ନିଜ କାମକୁ ଚାକିରୀ ନୁହେଁ, ଦାୟିତ୍ୱ ଭାବେ। କିନ୍ତୁ ଦୁଃଖର କଥା ଏଭଳି ଭାବନା ଅନ୍ୟ ସଂସ୍ଥାନରେ କ୍ୱଚିତ ଦେଖିବାକୁ ମିଳେ। ତାଙ୍କ ପାଇଁ କର୍ତ୍ତବ୍ୟ ସର୍ବୋପରି। ପରୀକ୍ଷା ନିମିତ୍ତ ସୃଷ୍ଟ ସଂସ୍ଥା ଅନ୍ତଃସାରଶୂନ୍ୟ ଏହା ଆମକୁ ସ୍ୱୀକାର କରିବାକୁ ହେବ। ଭ୍ରଷ୍ଟ, ବ୍ୟଭିଚାରୀ କର୍ମଚାରୀଙ୍କୁ ନେଇ ମୁକ୍ତ ଓ ଅବାଧ ପରୀକ୍ଷା ଆୟୋଜନ ସମ୍ଭବ ନ ହେବାରୁ ସମ୍ପ୍ରତି ସେନାର ଆବଶ୍ୟକତା ପଡୁଛି। ପରୀକ୍ଷା କାଗଜ ସୁରକ୍ଷିତ ପାଇଁ ସେନାର ଜାହାଜ ଦରକାର ଯାହା ପ୍ରଶାସନ ଉପରେ ଶକ୍ତ ଚାପୁଡ଼ା। ଆଗାମୀ ନିଟ୍ - ୟୁଜି ପୁନଃପରୀକ୍ଷାରେ ବାୟୁସେନା ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବ। କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଏବଂ ସଞ୍ଚାର ମନ୍ତ୍ରୀଙ୍କ ଏ ସଂକ୍ରାନ୍ତୀୟ ମିଳିତ ଆଲୋଚନା ହୋଇଛି। ନିଷ୍ପତ୍ତି ଓ ରୂପରେଖ ଚୂଡାନ୍ତ ହୋଇନାହିଁ। ଶୃଙ୍ଖଳିତ ପରୀକ୍ଷା ଏବଂ ପ୍ରଶ୍ନପତ୍ର ଲିକ ରୋକିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଉଥିବା ଆଲୋଚନା ହେଉଛି। ଏତଦ୍ୱାରା ପ୍ରଶ୍ନପତ୍ର ପ୍ରଘଟରେ ରୋକ ଲାଗିବା ନିଶ୍ଚିତ। ପଇସାର ପ୍ରଲୋଭନ ଏତେ ପ୍ରଭାବ ବିସ୍ତାର କଲାଣି ଯେ ଲୋକେ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ନଷ୍ଟ କରିବାକୁ ମଧ୍ୟ କୁଣ୍ଠିତ ନୁହନ୍ତି। ଏମିତିରେ ଦେଶ କାହାକୁ ଭରସା କରିବ, କାହା ଉପରେ ଆସ୍ଥା ରଖିବ ? ବ୍ୟବସ୍ଥାର ସଂସ୍କାର ସହିତ ବ୍ୟକ୍ତିର ଦାୟିତ୍ୱ ନିର୍ଦ୍ଧାରଣ ପୂର୍ବକ ଦୋଷୀ ଉପରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ହେଲେ ଆଗାମୀ ପିଢ଼ି ସଶକ୍ତ ଓ ସମୃଦ୍ଧ ହେବ। ଅନ୍ୟଥା ସାମାଜିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସାରଶୂନ୍ୟ ହେବାକୁ ସମୟ ତ ଲାଗିବ ନାହିଁ ସେନା ମଧ୍ୟ ସଂରକ୍ଷଣ ଦେବାକୁ ଅସମର୍ଥ ହେବ। ସଚ୍ଚୋଟତା ପଇସାରୁ ଆସେ ନାହିଁ। କର୍ତ୍ତବ୍ୟରୁ ଆସେ। ଏପରି ବ୍ୟବସ୍ଥା ନିର୍ମିତ ହେବା ଆବଶ୍ୟକ ଯେପରି ବ୍ୟବସ୍ଥାରେ ସମ୍ପୃକ୍ତ ବ୍ୟକ୍ତି ହୃଦୟରୁ ଇମାନଦାର ଥିବ। ଶିକ୍ଷା ବ୍ୟବସ୍ଥା ଏତେ ପାରଦର୍ଶୀ ହେବା ଉଚିତ ଯେମିତି ସେନାର କାମ ରାଷ୍ଟ୍ର ସୁରକ୍ଷାରେ ସୀମିତ ରହିବ। ସୈନିକଙ୍କୁ ପରୀକ୍ଷାର ପ୍ରହରୀ ସାଜିବାକୁ ପଡ଼ିବ ନାହିଁ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ- ୭୯୭୮୨୮୩୧୯୦

ଆମ ପରିବେଶ ଆମ ହାତରେ

ରବିନାରାୟଣ ପଟ୍ଟନାୟକ

ଆଜି ହେଉଛି ବିଶ୍ୱ ପରିବେଶ ଦିବସ ।ମିଳିତ ଜାତିସଂଘ ୧୯୭୨, ଜୁନ୍ ୫ ରେ ବିଶ୍ୱ ପରିବେଶ ଦିବସ ପାଳନ ପାଇଁ ଏକ ବୈଠକ କରିଥିଲା। ବୈଠକ ପରେ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା। ଏହାସହ ପ୍ରତିବର୍ଷ ଜୁନ୍ ୫ରେ ପରିବେଶ ଦିବସ ପାଳନ ଏବଂ ଲୋକଙ୍କୁ ପରିବେଶ ପ୍ରଦୂଷଣ ସମସ୍ୟା ସହ ଅବଗତ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା।

ପରେ ୧୯୭୩ ରେ ପ୍ରଥମ ଥର ପାଇଁ ବିଶ୍ୱ ପରିବେଶ ପାଇଁ ଦିବସ ପାଳନ କରାଯାଇଥିବା ବେଳେ ଏହାର ଥିମ୍ ରଖାଯାଇଥିଲା 'ଓନଲି ୱାନ୍ ଆର୍ଥ'। ତେବେ ଏହି ଦିବସ ସେତେବେଳେ ସଫଳ ହେବ ଯେତେବେଳେ ସମସ୍ତେ ପରିବେଶର ଯତ୍ନ ନେବେ। ପ୍ରତ୍ୟେକ ବ୍ୟକ୍ତିଙ୍କୁ ବୁଝିବାକୁ ପଡ଼ିବ ଯେ ପରିବେଶ ସୁସ୍ଥ ରହିଲେ ମଣିଷ ସୁସ୍ଥ ରହିବ। ଏହି ଦିନ ପାଳନ କରିବାର ମୁଖ୍ୟ କାରଣ ହେଉଛି ଲୋକଙ୍କୁ ପରିବେଶ ବିଷୟରେ ଅବଗତ କରାଇବା। ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଓ ପ୍ରଦୂଷଣ ହ୍ରାସ ପରି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ସଚେତନତା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଓ କର୍ମଶାଳା ଆୟୋଜିତ ହୋଇଥାଏ । କେତେକ ଇଉରୋପୀୟ ରାଷ୍ଟ୍ରଙ୍କୁ ବାଦ୍ ଦେଲେ ଅନ୍ୟ ରାଷ୍ଟ୍ରମାନେ ଏବେ ମଧ୍ୟ ପରିବେଶ ଓ ପ୍ରଦୂଷଣକୁ ନେଇ ସଚେତନ ହୋଇନାହାନ୍ତି। ଭାରତରେ ଦିଲ୍ଲୀ ,ମୁମ୍ବାଇ ପରି ମେଟ୍ରୋ ମାନଙ୍କରେ ପ୍ରଦୂଷଣ ଏତେ ମାତ୍ରରେ ବୃଦ୍ଧି ପାଇଲାଣି ଯେ ନବଜାତ ଶିଶୁ ମଧ୍ୟ ଆସ୍ମା ପରି ଭୟଙ୍କର ରୋଗରେ ପୀଡିତ ହେଉଛନ୍ତି। ଆଜିକାଲିର ପରିସ୍ଥିତିରେ ଆମ ପରିବେଶ ଏତେ ମାତ୍ରାରେ ପ୍ରଦୂଷିତ ହୋଇଛି ଯେ ତାହାର କଳ୍ପନା କରାଯାଇ ନ ପାରେ ।

ପ୍ରତ୍ୟେକ ବ୍ୟକ୍ତିଙ୍କୁ ବୁଝିବାକୁ ପଡ଼ିବ ଯେ ପରିବେଶ ସୁସ୍ଥ ରହିଲେ ମଣିଷ ସୁସ୍ଥ ରହିବ। ଏହି ଦିନ ପାଳନ କରିବାର ମୁଖ୍ୟ କାରଣ ହେଉଛି ଲୋକଙ୍କୁ ପରିବେଶ ବିଷୟରେ ଅବଗତ କରାଇବା। ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଓ ପ୍ରଦୂଷଣ ହ୍ରାସ ପରି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ସଚେତନତା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଓ କର୍ମଶାଳା ଆୟୋଜିତ ହୋଇଥାଏ । କେତେକ ଇଉରୋପୀୟ ରାଷ୍ଟ୍ରଙ୍କୁ ବାଦ୍ ଦେଲେ ଅନ୍ୟ ରାଷ୍ଟ୍ରମାନେ ଏବେ ମଧ୍ୟ ପରିବେଶ ଓ ପ୍ରଦୂଷଣକୁ ନେଇ ସଚେତନ ହୋଇନାହାନ୍ତି। ଭାରତରେ ଦିଲ୍ଲୀ ,ମୁମ୍ବାଇ ପରି ମେଟ୍ରୋ ମାନଙ୍କରେ ପ୍ରଦୂଷଣ ଏତେ ମାତ୍ରରେ ବୃଦ୍ଧି ପାଇଲାଣି ଯେ ନବଜାତ ଶିଶୁ ମଧ୍ୟ ଆସ୍ମା ପରି ଭୟଙ୍କର ରୋଗରେ ପୀଡିତ ହେଉଛନ୍ତି।

କିଛିବର୍ଷ ପୂର୍ବେ ମଣିଷର ପରମାୟୁ ୧୦୦ବର୍ଷରୁ ଉର୍ଦ୍ଧ୍ୱ ଥିବାବେଳେ ବର୍ତ୍ତମାନ ତାହା ୬୫ ରୁ ୭୦ ବର୍ଷକୁ ଖସିଆସିଛି । ମଣିଷ ନିଜର ଉନ୍ନତି ଓ ଜୀବିକା ନିର୍ବାହ ପାଇଁ ଗଛ କାଟିବା ଠାରୁ ଆରମ୍ଭ କରି କଳକାରଖାନା ପ୍ରତିଷ୍ଠା, ଯାନବାହନ ତିଆରି ଆଦି ଅନେକ ଜିନିଷ କରିଥାଏ। ଆଉ ଏଥିରୁ ନିର୍ଗତ ହେଉଥିବା ଧୂଆଁ ପରିବେଶ ପ୍ରଦୂଷଣ କରିଥାଏ। ପ୍ଲାଷ୍ଟିକର ବହୁଳ ବ୍ୟବହାର ପରିବେଶ ପ୍ରଦୂଷଣର ଅନ୍ୟତମ ପ୍ରମୁଖ କାରଣ। ସୁସ୍ଥ ସମାଜ ଗଠନ କରିବାକୁ ହେଲେ ଆମ ପରିବେଶକୁ ସ୍ୱଚ୍ଛ ଏବଂ ନିର୍ମଳ ରଖିବାକୁ ପଡ଼ିବ । ତେଣୁ ନିଜକୁ ସୁସ୍ଥ ରଖିବାକୁ ହେଲେ ପ୍ରଥମେ ପରିବେଶ ପ୍ରତି ସଚେତନ ହେବା ଉଚିତ। ଅହେତୁକ ଭାବେ ଜଙ୍ଗଲ ନଷ୍ଟ, ମାତ୍ରାଧିକ କଳକାରଖାନା, ବହୁଳ ପଲିଥିନ୍‌ର ଉପଯୋଗ, ରାସାୟନିକ ସାମଗ୍ରୀର ବହୁଳ ବ୍ୟବହାର ଆଦି ଯୋଗୁଁ ପୃଥିବୀ ଧୀରେ ଧୀରେ ଯେମିତି ବିନାଶ ଆଡକୁ ଗତି କରୁଛି ।

ପ୍ଲାଷ୍ଟିକର ବ୍ୟବହାର କମ୍ କରିବା ଏବଂ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ଉଚିତ। ଫଳରେ ଏହି ଦିବସର ପ୍ରକୃତ ଉଦ୍ଦେଶ୍ୟ ସଫଳ ହୋଇପାରିବ। ସରକାରୀ ସ୍ତରରେ ହେଉ ଅଥବା ବେସରକାରୀସ୍ତରରେ ହେଉ ଏହି ଦିବସରେ ବୃକ୍ଷରୋପଣ କରିବା ସହିତ ବାୟୁପ୍ରଦୂଷଣ ନ କରିବା ପାଇଁ ସଚେତନତା ସୃଷ୍ଟି କରାଯାଉଛି । ପ୍ରତିବର୍ଷ ନୂଆ ଥିମ୍ ସହ ଏହି ଦିବସକୁ ପାଳନ କରାଯାଇଥାଏ ।ବୃକ୍ଷଲତା ଗହଣରେ ଆମେ ବିତାଉଥିବା ସମୟ କେବେ ଅଯଥା ଯାଏନାହିଁ ।ସେଥିପାଇଁ ଏହି ବିଶ୍ୱ ପରିବେଶ ଦିବସରେ ଆମର ପ୍ରତ୍ୟେକ କାର୍ଯ୍ୟକଳାପ ପରିବେଶ ସୁରକ୍ଷା ଦିଗରେ ସମର୍ପିତ ହେବା ଆବଶ୍ୟକ।

ଭୁବନେଶ୍ୱର , ମୋ-୯୯୩୮୧୧୩୨୨୬

ଜୈବିକ ଖାଦ୍ୟ : ସବୁଜିମାର ପୃଥିବୀ

ବାଦଲ ଭୂୟାଁ

"ଭାରତରେ ଜୈବିକ ଖାଦ୍ୟର ଭଲବଜାର ରହିଛି। ପ୍ରାୟତଃ ଅନେକ ଫଳ ଓ ପନିପରିବା ସହ ତନ୍ତ ଜାତୀୟ ଫସଲ, ଚା', କଫି, ତୁଳା ଭଲ ରୋଜଗାର ଦେଇଥାଏ ଜୈବିକ ଖାଦ୍ୟ ବଜାର ନିମିତ୍ତ। ଭାରତରେ ଜୈବିକ କୃଷି ପାଇଁ ମିଶ୍ରିତ ଚାଷ, ସୋପାନ ଚାଷ ପରି ପଦ୍ଧତି ଅବଲମ୍ବନ କରାଯାଉଥିବା ସମୟରେ ଜୈବିକ ସାର ଓ କୀଟନାଶକ ପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏହା ସହିତ କୃଷକମାନେ କିପରି ଜୈବିକ ଉପାୟରେ ଖାଦ୍ୟ ଉତ୍ପାଦନ ନିମନ୍ତେ ଉତ୍ସାହିତ ହେବେ ଓ ଫସଲରେ ରାସାୟନିକ ସାରର ଯଥା ସମ୍ଭବ ଅଳ୍ପ ପ୍ରୟୋଗ କରିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ପ୍ରତି ବର୍ଷ ଫେବୃଆରୀ ମାସରେ ଜାତୀୟ ଜୈବିକ ଖାଦ୍ୟ ମହୋତ୍ସବ ମେଳା ଅନୁଷ୍ଠିତ ହୋଇଥାଏ। ମହାରାଷ୍ଟ୍ରରେ ଏହି ଜୈବିକ ଖାଦ୍ୟକୁ ନେଇ ଏକ ବିଖ୍ୟାତ ମେଳା ଆୟୋଜନ ହୋଇଥାଏ। ଯାହାର ନାମ ହେଉଛି 'ମହା ଅର୍ଗାନିକ'।

ଆଜିକାଲି ଲୋକଙ୍କ ଭିତରେ ଖାଦ୍ୟ ସଚେତନତା ବଢୁଛି। ରଙ୍ଗୀନ, ଆଖିକୁ ଖୁସି ଦେଲାପରି ଖାଦ୍ୟ ସବୁ ଗ୍ରହଣ କରିବା ବଦଳରେ ଜୈବିକ ଖାଦ୍ୟ ପ୍ରତି ଲୋକମାନଙ୍କ ଆଗ୍ରହ ବଢୁଛି। ଏହା ଆମକୁ ଭଲଭାବେ ଜଣା ଯେ, ରାସାୟନିକ ସାର ଓ ପ୍ରଦୂଷଣ ଦିନକୁ ଦିନ ଖାଦ୍ୟକୁ ଯେଉଁ ବିଷାକ୍ତ କରୁଛି ତାହା ଜହର ସ୍ୱରୂପ ପାଲଟି ଯାଉଛି। ଭାରତରେ ସବୁଜ ବିପ୍ଳବ ପୂର୍ବରୁ ହିଁ ଜୈବିକ ଖାଦ୍ୟ ପ୍ରସ୍ତୁତ ହେଉଥିଲା। ଦିନ ଥିଲା ଗୋବର ଖତ ହିଁ ଶସ୍ୟ କ୍ଷେତ୍ର ପାଇଁ ସବୁ କିଛି ଥିଲା। ଏଥିରେ ଅନେକ ଉପକାରୀ ଅଣୁଜୀବ ଓ ଜିଆମାନେ ରହୁଥିଲେ।

ଭାରତରେ ଅନେକ ରାଜ୍ୟରେ ଜୈବିକ ଫସଲ ଓ ପନିପରିବା ସବୁ ପ୍ରସ୍ତୁତ ହେଲାଣି। ୨୦୨୪ର ଏକ ତଥ୍ୟ ଅନୁଯାୟୀ ଭାରତରେ ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ କୃଷକ ଜୈବିକ କୃଷି କରୁଛନ୍ତି। ଜୈବିକ ଖାଦ୍ୟରେ ବିକଶିତ ତାଲିକାରେ ସିକିମ୍ ଅଗ୍ରଣୀ ରହିଥିବାବେଳେ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରର ନାଁ ରହିଛି। ଭାରତରେ ସିକିମ ହେଉଛି ପ୍ରଥମ ରାଜ୍ୟ ଯେଉଁଠି ୨୦୧୪ ମସିହାରେ ରାସାୟନିକ ସାର ବ୍ୟବହାର ରାଜ୍ୟରେ ନିଷେଧ କରାଯାଇଛି। ପରବର୍ତ୍ତୀ ସମୟରେ ବାହାର ରାଜ୍ୟରୁ ଆସୁଥିବା ଅଣଜୈବିକ ଫଳ ଓ ପନିପରିବା ନିଷିଦ୍ଧ କରାଗଲା। ଭାରତର ଦକ୍ଷିଣ ପୂର୍ବଭାଗରେ ଅପୂର୍ବ ସୌନ୍ଦର୍ଯ୍ୟ ଭରୁଥିବା ଉଚ୍ଚଗିରିଶୃଙ୍ଗର କୋଳ ମଣ୍ଡନ କରିଥିବା ରାଜ୍ୟ ସିକିମ

୨୦୧୬ରେ ସମ୍ପୂର୍ଣ୍ଣ ଜୈବିକ ରାଜ୍ୟ ଭାବେ ନିଜକୁ ଘୋଷଣା କରିଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୮ରେ ମିଳିତ ଜାତିସଂଘ ସିକିମର ଏହି ଜୈବିକ ସମ୍ଭାବନା ପାଇଁ ପ୍ରଶଂସା କରିବା ସହ ସମ୍ମାନିତ କରିଥିଲେ।

ସୂଚନାଥାଉକି ସିକିମର କେବଳ ପ୍ରାକୃତିକ ପରିବେଶ ବା ଅନନ୍ୟ ଜୈବ ବିବିଧତା ନୁହଁ ବରଂ ଜୈବିକ ଖାଦ୍ୟ ଓ ପନିପରିବା ପାଇଁ ଏହାର ବଡ଼ ବଜାର ମଧ୍ୟ ରହିଛି। ଲୋକମାନଙ୍କ ଭିତରେ ଏହି ଜୈବିକ ଖାଦ୍ୟ ପ୍ରତି ଆଗ୍ରହ ବଢ଼ିବାରୁ ଭାରତୀୟ ଜୈବିକ ବଜାର ବେଶ ଲାଭବାନ ହୋଇଛି। ଅନ୍ତର୍ଜାତୀୟ ସ୍ତରରେ ୧୮୭ରୁ ଉର୍ଦ୍ଧ୍ୱ ଦେଶ ଜୈବିକ କୃଷିରେ ସକ୍ରିୟ। ଯେଉଁଥିରେ ଭାରତର ସ୍ଥାନ ପଞ୍ଚମ। ଭାରତୀୟ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଜୈବିକ ଖାଦ୍ୟାର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। ଲୋକମାନଙ୍କ ଭିତରେ ସଚେତନତା ବଢ଼ିବାରୁ ଘରେ ବାହାରେ ଥିବା ଫାଙ୍କା ସ୍ଥାନ କିମ୍ବା ଛାତ ଉପରେ ଜୈବିକ ଉପାୟରେ ସତେଜ ପରିବା ଉତ୍ପାଦନ କରୁଛନ୍ତି। ଜୈବିକ ଖାଦ୍ୟ ଦ୍ୱାରା ଆମେ ବାସ୍ତବିକ ଆମର ପୁରୁଣା ସମୟର ଖାଦ୍ୟ ଓ ପନିପରିବା ଉତ୍ପନ୍ନ କରିପାରିବା। ଏହା ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ଅତ୍ୟନ୍ତ ରୋଗପ୍ରତିଧକ ଶକ୍ତି ଦେଇଥାଏ। ତେବେ ବଜାରରେ ଅର୍ଗାନିକ ବା ଜୈବିକ ଟ୍ୟାଗ ଦେଖାଇ କିଛି କମ୍ପାନୀ ଠକାମୀ କରୁଥିବାର ଖବର ମଧ୍ୟ ଗଣମାଧ୍ୟମରେ ପ୍ରକାଶ ପାଉଛି। ଜୈବିକ ଖାଦ୍ୟର ଏକ ବଡ଼ ଲାଭକ୍ଷେତ୍ର ହେଉଛି ଏହା ସମ୍ପୂର୍ଣ୍ଣ ପ୍ରକୃତିଗତ ଯାହା ଫଳ ଓ ପନିପରିବାକୁ ଦୀର୍ଘଦିନ ପର୍ଯ୍ୟନ୍ତ ସତେଜ ରଖିବାର ଶକ୍ତି ରଖିଥାଏ ଓ ଏହି ଖାଦ୍ୟ ଅତ୍ୟନ୍ତ ସୁସ୍ୱାଦୁ।

ଭାରତରେ ଜୈବିକ ଖାଦ୍ୟର ଭଲବଜାର ରହିଛି। ପ୍ରାୟତଃ ଅନେକ ଫଳ ଓ ପନିପରିବା ସହ ତନ୍ତ ଜାତୀୟ ଫସଲ, ଚା', କଫି, ତୁଳା ଭଲ ରୋଜଗାର ଦେଇଥାଏ ଜୈବିକ ଖାଦ୍ୟ ବଜାର ନିମିତ୍ତ। ଭାରତରେ ଜୈବିକ କୃଷି ପାଇଁ ମିଶ୍ରିତ ଚାଷ, ସୋପାନ ଚାଷ ପରି ପଦ୍ଧତି ଅବଲମ୍ବନ କରାଯାଉଥିବା ସମୟରେ ଜୈବିକ ସାର ଓ କୀଟନାଶକ ପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏହା ସହିତ କୃଷକମାନେ କିପରି ଜୈବିକ ଉପାୟରେ ଖାଦ୍ୟ ଉତ୍ପାଦନ ନିମନ୍ତେ ଉତ୍ସାହିତ ହେବେ ଓ ଫସଲରେ ରାସାୟନିକ ସାରର ଯଥା ସମ୍ଭବ ଅଳ୍ପ ପ୍ରୟୋଗ କରିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ପ୍ରତି ବର୍ଷ ଫେବୃଆରୀ ମାସରେ ଜାତୀୟ ଜୈବିକ ଖାଦ୍ୟ ମହୋତ୍ସବ ମେଳା ଅନୁଷ୍ଠିତ ହୋଇଥାଏ। ମହାରାଷ୍ଟ୍ରରେ ଏହି ଜୈବିକ ଖାଦ୍ୟକୁ ନେଇ ଏକ ବିଖ୍ୟାତ ମେଳା ଆୟୋଜନ ହୋଇଥାଏ। ଯାହାର ନାମ ହେଉଛି 'ମହା ଅର୍ଗାନିକ'।

ସେହିପରି ଅହମ୍ମଦାବାଦରେ 'ସାତ୍ତ୍ୱିକ' ନାମରେ ଜାତୀୟ ଜୈବିକ ଖାଦ୍ୟକୁ ନେଇ ଏକ ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ଓଡ଼ିଶାର ବିଭିନ୍ନ ସ୍ୱୟଂ ସହାୟକ ସଂଗଠନ ଜୈବିକ ଖାଦ୍ୟ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇପାରିବା ସହ ନିଜ ନିଜ ଅଞ୍ଚଳର ସ୍ୱତନ୍ତ୍ରତା ରହିଥିବା ଖାଦ୍ୟ, ପିଠା ଓ ଅନ୍ୟାନ୍ୟ ଖାଦ୍ୟ ସମାଗ୍ରୀ ବାହାରକୁ ରପ୍ତାନୀ କରିପାରୁଛନ୍ତି। ଏହାଦ୍ୱାରା ନିଜ ଅଞ୍ଚଳର ସ୍ୱତନ୍ତ୍ର ଖାଦ୍ୟ ସାମଗ୍ରୀ ଅନ୍ୟ ମାନଙ୍କ ଦୃଷ୍ଟି ଆକର୍ଷଣ କରିପାରୁଛି । ସରକାର ମଧ୍ୟ ରାଜସ୍ୱ ପାଉଛନ୍ତି। ଏକ୍ଷେତ୍ରରେ ସରକାରଙ୍କ ସ୍ୱତନ୍ତ୍ର ସହଯୋଗ ରହିବା ଜରୁରୀ।

ସାଧାରଣ ପ୍ରକ୍ରିୟାରେ ଉତ୍ପାଦିତ ଖାଦ୍ୟ ପଦାର୍ଥ ଅପେକ୍ଷା ଜୈବିକ ଖାଦ୍ୟ ପଦାର୍ଥର ମୂଲ୍ୟ ଅଧିକ ହୋଇଥିବା କାରଣରୁ ଏହା ସମସ୍ତଙ୍କ ପକ୍ଷରେ କିଣିବା ସମ୍ଭବ ହୋଇନଥାଏ। ମୂଲ୍ୟ ଅଧିକ ହୋଇଥିବା ସତ୍ତ୍ୱେ ଏପରି ଖାଦ୍ୟ ବାଛିବାର ଅନେକ କାରଣ ରହିଛି। ଯାହା ମଧ୍ୟରୁ ପରିବେଶ ଚିନ୍ତା ତଥା ସର୍ବୋପରି ସ୍ୱାସ୍ଥ୍ୟ ସଚେତନତା ପ୍ରାଧାନ କାରଣ। ଅତ୍ୟାଧୁନିକ ଉପାୟରେ ଉତ୍ପାଦିତ ଖାଦ୍ୟ ସାମଗ୍ରୀ ଦେଖିବାକୁ ଚିକ୍କଣ ହେଲେ ମଧ୍ୟ ଶରୀର ଉପରେ ଏହାର କୁପ୍ରଭାବ ବହୁ ମାତ୍ରାରେ ପରିଲକ୍ଷିତ ହୁଏ। ସାର ତଥା କୀଟନାଶକରେ ଥିବା କାର୍ସିନୋଜେନ କ୍ୟାନସରର କାରଣ ହେଉଥିବା କୁହାଯାଉଥିବାବେଳେ ରସାୟନ ସାରର ସିଧାସଳଖ ସଂସ୍ପର୍ଶରେ ଆସି ଜଳ ଓ ମୃତ୍ତିକା ସଂପଦ ବହୁମାତ୍ରାରେ ପ୍ରଦୂଷିତ ହୋଇଥାଏ। ଜିନଗତ ରୂପାନ୍ତରିତ ଖାଦ୍ୟପଦାର୍ଥରେ ଅତ୍ୟାଧୁନିକ ପ୍ରଣାଳୀରେ ବିଭିନ୍ନ ଏନଜାଇମ ଓ କୀଟନାଶକ ପ୍ରୟୋଗ କରାଯାଉଛି। ଫଳରେ ଏହି ପ୍ରକାର ଫଳ ଓ ଖାଦ୍ୟ ଶସ୍ୟ ରଙ୍ଗୀନ ଦେଖାଯିବା ସହ ସ୍ୱାଦିଷ୍ଟ ଓ ସତେଜ ଲାଗେ ସତ, ମାତ୍ର ଏଥିରେ କୌଣସି ପୋଷକ ତତ୍ତ୍ୱ ନଥାଏ।

ବର୍ତ୍ତମାନର ପାଣିପାଗର ପରିଣତି ଆମେମାନେ ଦେଖୁଛୁ ଓ ଅନୁଭବ କରୁଛୁ ଅନେକ ଋତୁ ଜାତୀୟ ଫସଲ ଓ ପନିପରିବା ଆଉ ପୂର୍ବପରି ବଜାରରେ ଦିଶୁ ନାହିଁ। ତେବେ ଜୈବିକ ଚାଷ ଓ ଜୈବିକ ଖାଦ୍ୟ କଥା ଉଠିଲେ, ଅନେକଙ୍କର ବେଶ ଭଲ ଭାବେ ମନେଥିବ ଚାଷ କ୍ଷେତକୁ ବା ବାରିରେ ଥିବା ପନିପରିବା କ୍ଷେତ୍ରରେ ପ୍ରତିଦିନ ଏକ ବଡ଼ ଖାତରେ ରଖାଯାଉଥିବା ଗୋବର ହିଁ ବ୍ୟବହାର ହୋଇଥାଏ। ଆଜିକା ପରି ମୋ ପିଲା ଦିନ ସମୟରେ ଯେଉଁ ପୋକଙ୍କ ଫସଲହାନୀ କଥା କୁହାଯାଉଛି ସେତେବେଳେ ଆଜିକା ପରି ପୋକ ମାନଙ୍କ ପରି ପ୍ରାଦୁର୍ଭାବ ନଥିଲା। ଘରର ଅଳିଆ ଚୋପା ହେଉ ବା ସବୁଜ ପନିପରିବାର ଅବ୍ୟବହୃତ ସାମଗ୍ରୀ ଗୋରୁ ଗାଈ ଯଦି ନ ଖାନ୍ତି ତେବେ ଏହା ମଧ୍ୟ ଏକ ଉତ୍କୃଷ୍ଟ ସବୁଜ ସାରର କାମ କରିଥାଏ।

କଥା ହେଉଛି ଆମ ମାନଙ୍କ ପରି ଅନେକଙ୍କର ଛୋଟିଆ ଘରର ଅଗଣାରେ କିଛି ଜାଗା ହେଉ ବା ଘରର ଛାତ ଉପର, ସବୁ ସୁବିଧା ରହୁଛି ପୁରୁଣା ସାମଗ୍ରୀକୁ ନେଇ ସେଇଠି ହିଁ ସବୁଜ ଜୈବିକ ସବୁଜିମା ତିଆରି କରନ୍ତୁ। ଅନ୍ତତଃ ପର୍ଯ୍ୟାପ୍ତ ବିଶୁଦ୍ଧ ଅମ୍ଳଜାନ ପାଇବେ, ମନକୁ ଏକ ଶାନ୍ତିମିଳିବ ଯେ ନିଜ ହାତ ତିଆରିର କିଛିଟା ପନିପରିବା ନିଜ ଘର ପାଇଁ ତୋଳି ପାରୁଛନ୍ତି। ଜୈବିକ ଖାଦ୍ୟ ପାଇଁ ସଚେତନତା ବଢ଼ିବା ଜରୁରୀ। କାରଣ ଏହାର ସ୍ୱତନ୍ତ୍ରତା ହେଉଛି ଏହାର ବିଶୁଦ୍ଧତା ଓ ଉର୍ବର ପ୍ରସ୍ତୁତି କ୍ଷେତ୍ରରେ ଏହାର ସମୃଦ୍ଧି। ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନ ଯାପନ ନିମନ୍ତେ ଜୈବିକ ଖାଦ୍ୟକୁ ଆପଣାଇବା ଆବଶ୍ୟକ।

ପୁରୁଣା ସୋନାରୀ, ଜାମସେଦପୁର

ବିଦେଶରେ ଓଡିଶୀ ନୃତ୍ୟ ଶିଳ୍ପୀ ବୈଶାଳୀଙ୍କ କମାଲ

ପୁରୀ,୪ ।୬ (ନିପ୍ର):ରବୀନ୍ଦ୍ର ନାଥ ଟାଗୋରଙ୍କ ୧୬୫ତମ ଜନ୍ମ ବାର୍ଷିକ ଉତ୍ସବ ଅବସରରେ ଲଣ୍ଡନ ସ୍ଥିତ ସ୍କଟଲାଣ୍ଡ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଓଡିଶୀ ନୃତ୍ୟ ଶିଳ୍ପୀ ବୈଶାଳୀ ମହାନ୍ତି ଯୋଗଦେଇ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ତାଙ୍କ ନୃତ୍ୟର ଭାବ ଭଙ୍ଗି ଓ ଘୁଙ୍ଗୁରର ରୁଣୁଝୁଣୁ ଶବ୍ଦର ତାଳେତାଳେ ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ସେହିପରି ନାରୀଶକ୍ତି ଉପରେ ଯେପରି ନିର୍ଯାତନା ଦିଆଯାଉଛି ତାକୁ ଭିତ୍ତି କରି ଏକକ ନୃତ୍ୟ ପଦର୍ଶନ କରିଥିଲେ। ଉକ୍ତ ନୃତ୍ୟ କିଛି ସମୟ ପାଇଁ ଦର୍ଶକ ମାନଙ୍କୁ ସ୍ତବ୍ଧ କରିଦେଇଥିଲା, ଯେଉଁଥିରେ ଦର୍ଶକ ମାନଙ୍କ ଆଖିରୁ ଅଶ୍ରୁଳ ଧାରା ବାହାରି ଆସିଥିଲା । ଇତି ମଧ୍ୟରେ ୨୨ଟି

ଦେଶରେ ଓଡିଶୀ ନୃତ୍ୟ ପଦର୍ଶନ କରି ଭାରତ ଓ ଓଡିଶା ପାଇଁ ବୈଶାଳୀ ଗୌରବ ଆଣିଦେଇପାରିଛନ୍ତି। ବୈଶାଳୀଙ୍କ ପାଇଁ ଶ୍ରୀକ୍ଷେତ୍ର ମାଟି ଆଜି ଗର୍ବ କରୁଛି । ବୈଶାଳୀ ବର୍ତ୍ତମାନ ୟୁଏନଓରେ ପଲିସି ଅଫିସର ଭାବେ କାର୍ଯ୍ୟରତ, ସେ ବିଶିଷ୍ଟ ସାହିତିକା, ସମାଜ ସେବୀ ମାନସୀ ପ୍ରଧାନ ଓ ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଆର. ବି. ମହାନ୍ତିଙ୍କ କନ୍ୟା ଅଟନ୍ତି। ସମଗ୍ର ବିଶ୍ୱରେ ଓଡିଶୀ ନୃତ୍ୟକୁ ପ୍ରସାର ଓ ପ୍ରଚାର କରିବା ପାଇଁ ସେ ସଂକଳ୍ପ ବଦ୍ଧ ।

ସମବାୟ ସମିତି ସଭାପତିଙ୍କ କାଠ ଫାଳିଆରେ ମରଣାନ୍ତକ

ନୟାଗଡ,୪ ।୬ (ନିପ୍ର): ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ ଚାହାଳି ପଞ୍ଚାୟତ ରାଇପୁର ପ୍ରାଥମିକ କୃଷି ସମବାୟ ସମିତି ସଭାପତିଙ୍କ ଦାଦାଗିରି ଚରମ ସୀମାରେ ପହଞ୍ଚିଛି। ଧାନ କିଣା ଖିଲାପିକୁ ନେଇ କାର୍ଯ୍ୟରୁ ଗତ ୫ଦିନ ତଳେ ନିଲମ୍ବିତ ହୋଇ ଥିଲେ ।ଏଥିପାଇଁ ସେ ରାଗରେ ଜଳୁ ଥିଲେ । ପ୍ୟାକ୍ସ କାର୍ଯ୍ୟାଳୟ ଚାଲୁଥିବା ସମୟରେ କାର୍ଯ୍ୟରତ ଥିବା ରାଇପୁର ପ୍ରାଥମିକ କୃଷି ସମବାୟ ସମ୍ପାଦକ ମଦନ ମୋହନ ପ୍ରଧାନ ଓ ଉପସଭାପତି ଗାୟତ୍ରୀ ପ୍ରଧାନଙ୍କୁ ପୂର୍ବ ଆକ୍ରୋଶ ମନୋଭାବ ରଖି ଅଫିସ ଭିତରେ ପଶି କାଠ ଫାଳିଆ ରେ ମରଣାନ୍ତକ ଆକ୍ରମଣ କରି ଲହୁ ଲୁହାଣ କରିଥିଲେ ପ୍ରେମାନନ୍ଦ ,ଯାହାର ସିସିଟିଭି ଫୁଟେଜ୍ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି । ଉଭୟ ଗୁରୁତର ଆହତ ହୋଇ ନୟାଗଡ଼ ସଦର ଥାନାରେ ଏତଲା ଦେଇଛନ୍ତି । ଏତଲାକୁ ଆଧାର କରି ସଦର ଥାନା ପୋଲିସ ଆକ୍ସନମୁଡ଼ରେ । ଏହି ଘଟଣା ର ତଦନ୍ତ ଜାରି ରଖିଥିବା ସୂଚନା ଦେଇଛନ୍ତି ନୂତନ ଭାବେ ଯୋଗ ଦେଇଥିବା ନୟାଗଡ ଏସ ଡି ପିଓ ସୃଷ୍ଟି ପ୍ରଧାନ ।

ବସ୍ ଭଡ଼ା ବୃଦ୍ଧିକୁ ଏସୟୁସିଆଇର ବିରୋଧ

କଟକ,୪ ।୬ (ନିପ୍ର) : ଡିଜେଲ ଦରବୃଦ୍ଧି ଆଳରେ ରାଜ୍ୟ ସରକାର କରିଥିବା ଦ୍ୱିତୀୟ ଥର ବସ୍ ଭଡ଼ା ବୃଦ୍ଧିକୁ ଏସ ୟୁ ସି ଆଇ (କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ପାର୍ଟି ପକ୍ଷରୁ ଜାରୀ ଏକ ପ୍ରେସ ବିବୃତିରେ କୁହାଯାଇଛି ଯେ – ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ଦର କମି ଚାଲିଥିଲେ ମଧ୍ୟ ତେଲ କମ୍ପାନୀ ମାନଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ବିଜେପି ସରକାର ଆର୍ଥିକ ଭାବରେ ବିପର୍ଯ୍ୟସ୍ତ ସାଧାରଣ ଲୋକଙ୍କ ଉପରେ ମୂଲ୍ୟ ବୃଦ୍ଧିର ବୋଝ କରିଦେଉଛନ୍ତି। ରାଜ୍ୟ ସରକାର ଆଦାୟ କରୁଥିବା ଭ୍ୟାଟ ହ୍ରାସ କରି ପେଟ୍ରୋଲ ଡିଜେଲର ଦର କମାଇ ସାଧାରଣ ଖାଉଟିଙ୍କୁ ଦରବୃଦ୍ଧିରୁ ରିହାତି ଦେବା ପରିବର୍ତ୍ତେ ପୁର୍ନବାର ବସ୍ ଭଡ଼ା ବୃଦ୍ଧି କରିଛନ୍ତି। ଏହା ରାଜ୍ୟର ସଧାରଣ ଲୋକଙ୍କପାଇଁ ସହ୍ୟ କରିବା କଷ୍ଟସାଧ ହେବ। ଏହି ଭଡ଼ା ବୃଦ୍ଧି ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ଜନ ବିରୋଧୀ ବୋଲି ପ୍ରକାଶ କରିବା ସଙ୍ଗେସଙ୍ଗେ କେନ୍ଦ୍ର ଓ ରାଜ୍ୟ ସରକାର ପେଟ୍ରୋଲ ଓ ଡିଜେଲ ଉପରୁ କର ଟିକସ ହ୍ରାସ କରି ଏହାର ଦର କମ୍ କରିବାପାଇଁ ପାର୍ଟି ପକ୍ଷରୁ ଦାବି କରାଯାଇଛି। ବର୍ଦ୍ଧିତ ବସ ଭଡ଼ା ବିରୁଦ୍ଧରେ ଆନ୍ଦୋଳନ ପାଇଁ ଆଗେଇ ଆସିବାକୁ ପାର୍ଟି ପକ୍ଷରୁ ରାଜ୍ୟର ଜନସାଧାରଣଙ୍କୁ ଡାକରା ଦିଆଯାଇଛି।

ସରିଲା କ୍ରିକେଟ ମହାଲଢେଇ
ବିଜୟର ମୁକୁଟ ପିନ୍ଧିଲା ଅଲ୍ ଷ୍ଟାର୍ ଇଲେଭେନ୍

ଖୋର୍ଦ୍ଧା ,୪ ।୬ : ଖୋର୍ଦ୍ଧା ସିସିଏଲ କ୍ଲବ ଆନୁକୂଲ୍ୟରେ କ୍ଲାସ୍ କ୍ରିକେଟ୍ ଲିଗର ୨୬ତମ ସଂସ୍କରଣର ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ମ୍ୟାଚ ଖୋର୍ଦ୍ଧା ସ୍ଥିତ ବିଜେବି ହାଇସ୍କୁଲ ଖେଳ ପଡିଆ ଠାରେ ଆୟୋଜିତ ହୋଇଥିଲା । ଏହି ମ୍ୟାଚରେ ୬ଟି ଟିମ ଖେଳିଥିଲେ । ଅଲ୍ ଷ୍ଟାର୍ ଇଲେଭେନ୍, ମଳୟ ମାର୍ବଲସ୍, ବର୍ମନ ଏମ୍ପୁରାନ୍ସ, ନ୍ୟୁ କ୍ୟାସେଲ ଡେମନସ୍, ଏଲିଟ ଇଲେଭେନ୍, ବର୍ଣ୍ଣଙ୍ଗ ଲେଜେଣ୍ଡସ୍ ପ୍ରମୁଖ ଭାଗ ନେଇଥିଲେ। ଅନୁଷ୍ଠିତ ମ୍ୟାଚକୁ ପନ୍ଦର ଦିନ ବ୍ୟାପି ପ୍ରବଳ ଜନସମର୍ଥନ ମିଳିଥିଲା । ଶେଷ ମ୍ୟାଚ ୧ଜୁନ୍ ରେ ଅନୁଷ୍ଠିତ ହୋଇଥିଲା । ଫାଇନାଲକୁ ମଳୟ ମାର୍ବଲସ୍ ଓ ଅଲ୍ ଷ୍ଟାର୍ ଇଲେଭେନ୍ ଟିମ

ଯାଇଥିବା ବେଳେ ଅଲ୍ ଷ୍ଟାର୍ ଇଲେଭେନ୍ ବିଜୟର ମୁକୁଟ ପିନ୍ଧିଥିଲା । ବିଜେତା ଦଳର କ୍ୟାପଟେନ୍ ଅସଲମ୍ ଖାନ୍ ଓ ଟିମକୁ ଫୟାଜ୍ ଅହମ୍ମଦ ଅନିସ୍ ଟ୍ରଫି ସହ ଟ.୨୨,୨୨୨/-କ୍ୟାଶ ପ୍ରଦାନ କରିଥିବା ବେଳେ ରନର୍ସଅପ ଦଳର ଅଧିନାୟକ ପ୍ରେମ୍ ମାଝୀ ଓ ଦଳକୁ ସିଗମା ପବ୍ଲିକ୍ ସ୍କୁଲର ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ସାମନ୍ତରାୟ ଟ୍ରଫି ସହ ଟ.୧୭,୭୭୭/-କ୍ୟାଶ ପ୍ରଦାନ କରିଥିଲେ । କ୍ଲାସ୍ କ୍ରିକେଟ୍ ଲିଗର ଅଧ୍ୟକ୍ଷ ଡକ୍ଟର ବିଶ୍ୱାସ ସାହୁ, ଡକ୍ଟର ବିଶ୍ୱ ବିକାଶ ସାହୁ, ସୁଚେତ ବର୍ମନ, ଅମର୍ତ୍ତ୍ୟ ସାମନ୍ତରାୟ, ଆଲୋକ ସ୍ୱାଇଁ, ମାନବ ହରିଚନ୍ଦନ, ମଳୟ କୁମାର ବେହେରା, ଆଶିଷ ପ୍ରତିହାରୀ, ବିଭୁତି ବଳିୟାରସିଂ, ଶ୍ରୀଧର ମାନ୍ଧାତା, ବିରଞ୍ଚି ଜେନା ପ୍ରମୁଖ ଉପସ୍ଥିତ ରହି ସମସ୍ତେ ଖେଳାଳିଙ୍କୁ ଉତ୍ସାହିତ କରିବା ସହ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

ଧର୍ମଗଡ଼ ପାଇଁ ଗୌରବ ଆଣିଲେ ପଶ୍ଚିମ ଓଡିଶା ଟପ୍ପର କୌଶିକ ସାହୁ
ଜେଇଇ ଆଡଭାନ୍ସ ପରୀକ୍ଷା ସର୍ବଭାରତୀୟସ୍ତରରେ ରଖିଲେ ୪୩୮ ର୍ୟାଙ୍କ

ଧର୍ମଗଡ,୪ ।୬ (ନିପ୍ର): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସାହୁ ପଡା ର ମେଧାବୀ ଛାତ୍ର କୌଶିକ କୁମାର ସାହୁ ଚଳିତ ୨୦୨୬ ଜେଇଇ ଆଡଭାନ୍ସ ପରୀକ୍ଷା ସର୍ବ ଭାରତୀୟ ସ୍ତର ସାଧାରଣ ବର୍ଗ ରେ ୨୩୪୩ ରାଙ୍କିଙ୍ଗ ସହ ପଛୁଆ ବର୍ଗ ରେ ୪୩୮ ର୍ୟାଙ୍କ ହାସଲ କରି ସମଗ୍ର ପଶ୍ଚିମ ଓଡିଶା ର ଟପ୍ପର ସାଜିବା ସହ ରାଜ୍ୟ ର ପ୍ରଥମ ତିନି ସ୍ଥାନ ମଧ ରେ ରହି ଦେଶର ପ୍ରତିଷ୍ଠିତ ଆଇ ଆଇ ଟି ରେ ପ୍ରବେଶିକା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । କୌଶିକ ଧର୍ମଗଡ଼ ସାହୁ ପଡା କିଶୋର ଚନ୍ଦ୍ର ସାହୁ ଓ ମଞ୍ଜୁଳା ସାହୁ ଙ୍କ ନାତି ତଥା ଜ୍ୟୋଷ୍ଟ ପୁତ୍ର କିରଣ କୁମାର ସାହୁ ଓ ରୀନା ସାହୁଙ୍କ ସୁପୁତ୍ର ଅଟନ୍ତି । ଜଣେ ମେଧାବୀ

ଓ କଠିନ ପରିଶ୍ରମୀ ଛାତ୍ରଭାବେ ସେ ଏ ଅଞ୍ଚଳରେ ବେଶ୍ ଜଣାଶୁଣା ଥିବା ବେଳେ ଧର୍ମଗଡ଼ ଏଲ୍ ନିଶି ମିଶନ ସ୍କୁଲ ରେ ବିଦ୍ୟାରମ୍ଭ କରି କୃତିତ୍ୱ ର ସହ ୯୬,୪୦% ରଖି ଦଶମ ପାସ କରିବା ପରେ ବଲାଙ୍ଗିର ଜିଲ୍ଲା ଯୁବୋଦୟ କଲେଜ ରେ ଯୁକ୍ତ ଦୁଇ ସି ବି ଏସ ଇ ପରୀକ୍ଷା ରେ ୯୪.୨୦% ରଖି ଜେ ଇ ଇ ମେନ୍ ପରୀକ୍ଷା ରେ ୯୯.୯୩ ପାଇଁ ଚର୍ଚ୍ଚିତ ଥିଲେ। କଠିନ ପରିଶ୍ରମ ହିଁ ସବୁ ସଫଳତା ର ଚାବିକାଠି ବୋଲି ମତବ୍ୟକ୍ତ କରୁଥିବା କୌଶିକ ଭବିଷ୍ୟତରେ ଜଣେ ସୁଦକ୍ଷ ଇଞ୍ଜିନିୟର ସାଜି ଦେଶ ସେବା ସହ ଦେଶର ବୈଷୟିକ ବିକାଶ କ୍ଷେତ୍ରରେ ସହଭାଗୀ ହେବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି ।

ବଂଶଧାରାରେ ଆନ୍ଧ୍ରର ନୂଆ ପ୍ରକଳ୍ପ ନିର୍ମାଣ ପାଇଁ ଜୋରଦାର ପ୍ରୟାସ
ଓଡ଼ିଶା ପାଇଁ ବଡ଼ ଜଳ ସଙ୍କଟର ଏକ ପ୍ରମୁଖ କାରଣ ହେବା ନେଇ ଆଶଙ୍କା !

ରାୟଗଡା,୪ ।୬ (ନିପ୍ର): ବଂଶଧାରାରେ ଆନ୍ଧ୍ରର ନୂଆ ପ୍ରକଳ୍ପ ନିର୍ମାଣ ପାଇଁ ଜୋରଦାର ପ୍ରୟାସ, ନୀଳନକ୍ସାର ବଦଳିପାରେ ରୂପରେଖ, ଚାଲିଛି ଉଚ୍ଚ ସ୍ତରୀୟ ଆଲୋଚନା। ବିଗତ ଦିନ ଏପ୍ରିଲ ୯ ତାରିଖରେ ବଂଶଧାରା ଟ୍ରିବ୍ୟୁନାଲ ରାୟ ପ୍ରକାଶ ପାଇବା ପରେ ଆନ୍ଧ୍ର ସରକାର ଏହି ଜଳ ଉପରେ ମନମୁଖୀ କାର୍ଯ୍ୟ କରି ଏକଚାଟିଆ ଭାବେ ନିଜର ଅଧିକାର ଜମେଇବା ପାଇଁ ଉଦ୍ୟମ ଆରମ୍ଭ କରିଛି। ବିବାଦୀୟ ଗୋଟା ବ୍ୟାରେଜ ନିକଟରେ ପମ୍ପ ହାଉସ ନିର୍ମାଣ ସହ ୨୬୫ କୋଟି ଟଙ୍କାର ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଗଲେ ଭବିଷ୍ୟତ ଦିନରେ ଓଡିଶା ପାଇଁ ବଡ଼ ଜଳ ସଙ୍କଟର ଏକ ପ୍ରମୁଖ କାରଣ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ମିଳିଥିବା ସୂଚନା ପ୍ରକାରେ ୫୦ ପ୍ରତିଶତ ପାଣି ବ୍ୟବହାର ସହିତ ଏକ ନିର୍ଦ୍ଧିଷ୍ଟ ଋତୁରେ ୮୦୦ କ୍ୟୁସେକ ଜଳ ବ୍ୟବହାର ନେଇ ଟ୍ରିବ୍ୟୁନାଲ ଯେଉଁ ରାୟ ପ୍ରଦାନ କରିଥିଲେ, ସେହି ରାୟକୁ ଆନ୍ଧ୍ର ଅବମାନନା ବା ଅଣଦେଖା କରୁଛି। ପୂର୍ବତନ। ସରକାରଙ୍କ ଶାସନ କାଳରେ ଅସମ୍ପୂର୍ଣ୍ଣ ଥିବା ବିବାଦୀୟ ଗୋଟା ବ୍ୟାରେଜ ସମୀପରେ ପମ୍ପ ହାଉସ ନିର୍ମାଣ ସହ ୨୬୫ କୋଟି ଟଙ୍କା ବ୍ୟୟ ଅଟକଳରେ ପାନୀୟଜଳ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଛି।ଉଦାନମ ନାମରେ ନାମିତ କରାଯାଇଥିବା ଉକ୍ତ ପ୍ରକଳ୍ପକୁ ମାର୍ଚ୍ଚ ୨୦୨୭ ମଧ୍ୟରେ ସମାପ୍ତ କରିବାପାଇଁ ସମ୍ପୃକ୍ତ କମ୍ପାନୀ ଏକ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିବା ଜଣାଯାଏ। ବର୍ଷରେ ୦. ୨୯ ଟିଏମସି ଜଳ ବ୍ୟବହାର କରିବା ଆଶାରେ ରହିଥିବା ବେଳେ ନିଜ ରାଜ୍ୟର ୭ଗୋଟି ବ୍ଲକର ୫୭୮ ଟି ଗ୍ରାମକୁ ପାନୀୟ ଜଳ ଯୋଗାଣ ସହ କ୍ଷେତକୁ ଜଳ ସେଚନର ସୁବିଧା ଯୋଗାଇବା ପାଇଁ ମସୁଧା କରାଯାଇଛି। ଏଥିପାଇଁ ମେଳିଆପୁଟ ମୁଖ୍ୟ ଅଞ୍ଚଳରୁ ୭୮୮ କିମି ପାଇପ ଲାଇନ ବିଛାଇବା ସହିତ କାଭିଟୀ, କାଞ୍ଚିଳି, ସମ୍ପପେଟା, ଇଛାପୁରମ, ମଞ୍ଜୁଷା,, ଭି. କୋଟୁରୁ ଏବଂ ପଲାସା ବ୍ଲକକୁ ନେଇ ତିନୋଟି କ୍ଲଷ୍ଟର ରେ ବିଭକ୍ତ କରି ପ୍ରତି କ୍ଲଷ୍ଟର ରେ ୧ ଏଚ.ପି ରୁ ୬୦ ଏଚ.ପି କ୍ଷମତା ସମ୍ପନ୍ନ ପମ୍ପ ସ୍ଥାପନ ହେବା ପରେ କ୍ଲଷ୍ଟର ୧ରେ ହୀରମଣ୍ଡଳମ, ଏଲେନପେଟା ଏବଂ ସୀତାମପେଟା ଅଞ୍ଚଳର ୧୯୯ ଟୀ ଗ୍ରାମ, କ୍ଲଷ୍ଟର ୨ରେ ହୀରମଣ୍ଡଳମ, କୋଟୁରୁ, ମେଳିଆପୁଟ ଅଞ୍ଚଳର ୨୦୩ଟି ଗ୍ରାମ ଏବଂ କ୍ଲଷ୍ଟର ୩ରେ ଟେକଲି ଏବଂ ମେଳିଆପୁଟ ଅଞ୍ଚଳର ୧୭୬। ଗ୍ରାମକୁ ଜଳ ଯୋଗାଣ ହୋଇପାରିବ। ଏହି ପ୍ରକଳ୍ପ ନିର୍ମାଣ ପାଇଁ ବଂଶଧାରା ନଦୀ ଏକ ପ୍ରମୁଖ ଉତ୍ସ ଭାବେ ପରିଗଣିତ ହେଉଥିବା ବେଳେ ଏଥିପାଇଁ ଓଡ଼ିଶାର ରାୟଗଡା ଓ ଗଜପତି ଜିଲ୍ଲାରେ ଜଳ ସଙ୍କଟ ଦେଖାଦେବା ନେଇ ଅଞ୍ଚଳବାସୀ ଆଶଙ୍କିତ ରହିଛନ୍ତି। ଏଠାରେ ପ୍ରକାଶଯୋଗ୍ୟ ଯେ, ପୂର୍ବରୁ ବଂଶଧାରା ଓ ନାଗାବଳି ନଦୀର ଜଳ ଉପରେ ଆନ୍ଧ୍ର ନିଜର କର୍ତ୍ତୃତ୍ୱ ଜାହିର କରିଥିବା ବେଳେ ଉକ୍ତ ନୂତନ ଜଳପ୍ରକଳ୍ପ ଓଡ଼ିଶାର ସୀମାନ୍ତ ଜିଲ୍ଲା ଗୁଡିକରେ ଏକ ପ୍ରବଳ ଜଳ ସଙ୍କଟ ସୃଷ୍ଟି କରିବ ବୋଲି ଜନ ସାଧାରଣରେ ଆଲୋଚନା ହେଉଛି। ଆନ୍ଧ୍ରର ଏହି ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଅବଗତ ଥିବା ବଂଶଧାରା ଡିଭିଜନ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ନାୟକ ପ୍ରକାଶ କରିଛନ୍ତି।

ଉତ୍ତର-ପୂର୍ବ ଭାରତୀୟ ଆଇ.ଟି.ଏଫ୍. ତାଏକୋଣ୍ଡୋରେ କଳାହାଣ୍ଡିର ସଫଳତା

ଭବାନୀପାଟଣା, ୪/୬ (ନି.ପ୍ର)- ଗତ ତା.୨୭.୦୫.୨୦୨୬ ରୁ ତା. ୩୦.୦୫.୨୦୨୬ ରିଖ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶର ଡେଲହାଉସିରେ ୩୫ ତମ ଉତ୍ତର-ପୂର୍ବ ଭାରତୀୟ ତାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ସର୍ବମୋଟ ୧୫ ଜଣ ପ୍ରତିଯୋଗି ଓଡ଼ିଶା ତାଏକୋଣ୍ଡୋ ମୁଖ୍ୟ ଶେଖ୍ ମୁନାୱାର୍ ଏବଂ ମହିଳା କୋଚ୍ ରେସ୍ମା ବେଗମ୍‌ଙ୍କ ତତ୍ତ୍ୱାବଧାନରେ ଭାଗ ନେଇ ସର୍ବମୋଟ ୮ଟି ମେଡ଼ାଲ ହାସଲ କରି ଓଡ଼ିଶା ପାଇଁ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସେଥି ମଧ୍ୟରୁ କଳାହାଣ୍ଡିରୁ ୭ ଜଣ ପ୍ରତିଯୋଗି ଅଂଶଗ୍ରହଣ

କରିଥିଲେ। ମେଡ଼ାଲ ତାଲିକାରେ ବାଳିକା ବିଭାଗରେ ୧୦ ବର୍ଷରୁ କମ୍ ଏବଂ ୩୦-୩୫ କେଜି ବର୍ଗରେ ସ୍ପାରିଙ୍ଗ୍ ରେ ସାହିନା ଶେଖ୍ ସିରିନ୍ ବ୍ରୋଞ୍ଜ୍ ମେଡ଼ାଲ ହାସଲ କରିଛନ୍ତି। ସେହିପରି ବାଳକ ବିଭାଗରେ ୧୮-୩୫ ବର୍ଷ ବର୍ଗରେ ଏବଂ ୫୦ ରୁ କମ୍ କେଜି ବର୍ଗରେ ଦୟା ରାଉତ ସ୍ୱର୍ଣ୍ଣ ପଦକ, ପ୍ରିନ୍ସ ତାଣ୍ଡି ରୋପ୍ୟ ପଦକ ଏବଂ ଶୁସାନ୍ତ କୁମାର ନାୟକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ୧୮-୩୫ ବର୍ଷ ବର୍ଗରେ ୬୦-୬୫ କେଜି ବର୍ଗରେ ଇଶାନ ମହାରଣା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ବ୍ୟକ୍ତିଗତ ତୁଲ୍ ବା ପାର୍ଟନ୍ ରେ ପ୍ରିନ୍ସ ତାଣ୍ଡି ସ୍ୱର୍ଣ୍ଣ ପଦକ, ଦୟା ରାଉତ ରୋପ୍ୟ ପଦକ ଏବଂ ଇଶାନ ମହାରଣା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କଳାହାଣ୍ଡିର ଏହି ସଫଳତା ପାଇଁ ଜିଲ୍ଲାବାସୀ ତଥା ଓଡ଼ିଶାବାସୀ ତଥା ବିଭିନ୍ନ କ୍ରୀଡ଼ା ସଂଗଠନ କୃତୀ ପ୍ରତିଯୋଗିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଗଜପତିରେ ଆରମ୍ଭ ହୋଇପାରୁନି ଖରିଫ୍ ଚାଷ: ଆକାଶକୁ ଅନାଇ ରହିଛନ୍ତି ଚାଷୀ

ପାରଳାଖେମୁଣ୍ଡି,୪ ।୬ (ନିପ୍ର): ଚଳିତବର୍ଷ ଗଜପତି ଜିଲ୍ଲାରେ ସ୍ୱାଭାବିକ ତୁଳନାରେ ବର୍ଷାର ପରିମାଣ କମ୍ ରହିଥିବା ବେଳେ ଏପର୍ଯ୍ୟନ୍ତ ଖରିଫ ଚାଷ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ବର୍ଷା ଉପରେ ନିର୍ଭରଶୀଳ ଜିଲ୍ଲାର ହଜାର ହଜାର ଚାଷୀ ଏବେ ଆକାଶକୁ ଚାହିଁ ମୌସୁମୀ ବର୍ଷାକୁ ଅପେକ୍ଷା କରି ରହିଛନ୍ତି। ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ଧାନଚାଷ ପାଇଁ ଆବଶ୍ୟକ ପରିମାଣର ବର୍ଷା ହୋଇନଥିବାରୁ ଜମି ପ୍ରସ୍ତୁତି, ବିହନ ବୁଣା ଓ ତଳି ପକାଇବା କାମ ପ୍ରଭାବିତ ହୋଇଛି। ସରକାରୀ ତଥ୍ୟ ଅନୁସାରେ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ସ୍ୱାଭାବିକ ତୁଳନାରେ ପ୍ରାୟ ୨୫ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି।

ବିଶେଷକରି ପାହାଡ଼ିଆ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ କାଳବୈଶାଖୀ ପ୍ରଭାବରେ କିଛି ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇଥିଲେ ମଧ୍ୟ ତାହା ଚାଷକାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ହୋଇନାହିଁ। ଫଳରେ ଚାଷୀମାନେ ଜମି ପ୍ରସ୍ତୁତ ରଖିଥିଲେ ମଧ୍ୟ ଚାଷକାମ ଆଗକୁ ବଢ଼ାଇ ପାରୁନାହାନ୍ତି । ଠିକ୍ ସମୟରେ ମୌସୁମି ବର୍ଷା ନହେଲେ ଖରିଫ୍ ଚାଷ ବ୍ୟାପକ ଭାବେ ପ୍ରଭାବିତ ହେବା ସହ ଧାନ ଉତ୍ପାଦନ ହ୍ରାସ ପାଇବାର ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ କେତେକ ଚାଷୀ ବର୍ଷା ଆଶାରେ ତଳି ପକାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । କିନ୍ତୁ ପାଣି ଅଭାବରୁ ତଳି ଶୁଖିଯିବା କିମ୍ବା ପୋଡ଼ି ନଷ୍ଟ ହୋଇଯିବାର ଆଶଙ୍କା ମଧ୍ୟ ରହି ରହିଛି। ତେଣୁ ଚାଷୀକୁଳ ଆକାଶକୁ ଚାତକ ଭଳି ଅନାଇ ରହିଛନ୍ତି ।

ରଥଯାତ୍ରା ପାଇଁ ରାଜ୍ୟ ସରକାର ଓ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

ପୁରୀ,୪ ।୬ (ନିପ୍ର): ଆସନ୍ତା ଜୁଲାଇ ୧୬ ତାରିଖରେ ଅନୁଷ୍ଠିତ ହେବ ପବିତ୍ର ରଥଯାତ୍ରା। ଏଥି ପାଇଁ ରାଜ୍ୟ ସରକାର ଓ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଜାରି ରହିଛି। ରଥ ଯାତ୍ରା ରେ ଅଗ୍ନିସମ ବାହିନୀ ର ବଡ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କୌଣସି ଅଘଟଣ, ବିପର୍ଯ୍ୟୟ ଘଟିଲେ ଅଗ୍ନିଶମ ବାହିନୀ ସଙ୍ଗେ ସଙ୍ଗେ ପହଞ୍ଚି ଉଦ୍ଧାର କାର୍ଯ୍ୟ କୁ ତ୍ୱରାନ୍ୱିତ କରିଥାନ୍ତି। ତେବେ ଚଳିତ ରଥଯାତ୍ରା ରେ ଅଗ୍ନିଶମ ବାହିନୀ କିଭଳି ପୁରୀ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରଖି ଲୋକଙ୍କୁ ସେବା ଯୋଗାଇ ଦେବ ସେ ନେଇ ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସହ ଆଲୋଚନା କରିଛନ୍ତି ଅଗ୍ନିଶମ ବିଭାଗ ଡିଜି ସୁଧାଂଶୁ ଷଡ଼ଙ୍ଗୀ। ରଥଯାତ୍ରାରେ ଜରୁରୀକାଳୀନ ପରିସ୍ଥିତି ରେ କିଭଳି ଅଗ୍ନିଶମ ବାହିନୀ କାର୍ଯ୍ୟ କରିବ, ପ୍ରବଳ ବର୍ଷା ଯୋଗୁ ଜଳବନ୍ଦୀ ସ୍ଥିତି ଉପୁଜିଲେ କିଭଳି ଏହାର ପ୍ରତିକାର କରାଯିବ, ସମୁଦ୍ରସ୍ନାନ ବେଳେ ପର୍ଯ୍ୟଟକଙ୍କ ସୁରକ୍ଷାକୁ କିଭଳି ରାଜ୍ୟ ଅଗ୍ନିଶମ ବାହିନୀର ଯୋଜନା ରହିଚି ସେ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା। ବୈଠକ ପରେ ଅଗ୍ନିଶମ ବିଭାଗର ଡିଜି ସୁଧାଂଶୁ ଷଡ଼ଙ୍ଗୀ ନିଜ ପ୍ରତିକ୍ରିୟାରେ କୁହନ୍ତି, ଚଳିତ ରଥଯାତ୍ରା ରେ ଅଗ୍ନିଶମ ବାହିନୀ କିଭଳି କାର୍ଯ୍ୟ ରହିବ ସେ ନେଇ ପୁରୀ ଜିଲାପାଳ, ପୁରୀ ଜିଲ୍ଲା ଅଗ୍ନିଶମ ବାହିନୀ ସହିତ ଆଲୋଚୋନା ହେଲା। ପୁରୀ ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ। ଆମର ମୁଖ୍ୟ ଉଦ୍ଦେଶ୍ୟ ରହିଚି ଜରୁରୀ କାଳୀନ ସେବା କୁ କିଭଳି ସଠିକ୍ ଭାବରେ କରାଯାଇପାରିବ। ଅଗ୍ନିକାଣ୍ଡରୁ ସୁରକ୍ଷା, ସମୁଦ୍ର ସ୍ନାନ ବେଳେ ପର୍ଯ୍ୟଟକଙ୍କ ସୁରକ୍ଷା, ଯାତ୍ରୀଙ୍କ ସୁରକ୍ଷିତ ଯାତାୟାତ, ଭିଡ ଭିତରେ କିଭଳି ଲୋକଙ୍କ ନିକଟରେ ସହାୟତା ପ୍ରଦାନ କରିହେବ ସେ ନେଇ ଆଲୋଚନା ହୋଇଛି। ଯୋଜନା ମଧ୍ୟ ପ୍ରସ୍ତୁତ ହୋଇଛି। ସବୁ କିଛି ସଫଳତାର ସହ ହେବ ବୋଲି ଆମର ଆଶା ରହିଛି। ପ୍ରବଳ ଗରମ ରେ ଭକ୍ତ ଙ୍କ ସୁରକ୍ଷା ପାଇଁ ଭକ୍ତ ଙ୍କ ଉପରେ ଜଳ ସିଞ୍ଚନ କରାଯିବ। ପ୍ରବଳ ବର୍ଷା ହେଲେ ଜଳବନ୍ଦୀ ସ୍ଥିତି ଉପୁଜିଲେ ଜଳ ନିଷ୍କାସନ ପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ ମୋଟର ପମ୍ପର ବ୍ୟବସ୍ଥା ରହିଛି। ଏକ ମିନିଟ୍ ରେ ୪୨୦୦ ଲିଟର ଜଳ ନିଷ୍କାସନ ହୋଇପାରିବ। ଏଣୁ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ଆମର ଆଶା ରହିଛି। ସମୁଦ୍ର ସ୍ନାନ ବେଳେ ପର୍ଯ୍ୟଟକଙ୍କ ସୁରକ୍ଷା ନେଇ ବ୍ୟବସ୍ଥା କରାଯାଇଛି । ବେଳାଭୂମି ରେ ମୁତୟନ ହୋଇଥିବା ଲାଇଫ ଗାର୍ଡ କୁ ଉଚ୍ଚ ସ୍ତରୀୟ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ସମୁଦ୍ର ରେ ବୁଡି ଯାଉଥିବା ପର୍ଯ୍ୟଟକ ଙ୍କୁ କିଭଳି ଉଦ୍ଧାର କରିବେ, ଉଦ୍ଧାର ପରେ ପ୍ରାଥମିକ ଉପଚାର କିଭଳି ଦିଆଯାଇପାରିବ ସେ ନେଇ ପ୍ରଶିକ୍ଷଣ ଦିଆଯାଉଛି। ଯାହାକି ଆଗାମୀ ଦିନରେ ପର୍ଯ୍ୟଟକ ଙ୍କ ସୁରକ୍ଷା ପାଇଁ ବହୁତ୍ କାମରେ ଆସିବ। ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନିଜ ପ୍ରତିକ୍ରିୟାରେ କହିଛନ୍ତି, ଚଳିତ ରଥଯାତ୍ରା ରେ ଅଗ୍ନିଶମ ବିଭାଗ କିଭଳି ଲୋକ ଙ୍କୁ ସେବା ଯୋଗାଇ ଦେବ, ଜରୁରୀ କାଳିନ ସେବା କିଭଳି ଦ୍ରୁତିତ ବେଗରେ ଯୋଗାଇ ହେବ ସେ ନେଇ ଅଗ୍ନିଶମ ବିଭାଗ ର ଡିଜି ଙ୍କ ସହ ଆଲୋଚନା ହୋଇଚି। ପ୍ରବଳ ଖରା ପାଇଁ ଭକ୍ତ ଙ୍କ ଉପରେ ଜଳ ସିଞ୍ଚନ, ପ୍ରବଳ ବର୍ଷା ହେଲେ କିଭଳି ଜଳବନ୍ଦୀ ସମସ୍ୟା ର ପ୍ରତିକାର କରିହେବ ସେ ନେଇ ଆଲୋଚନା ହୋଇଛି । ଅଗ୍ନିକାଣ୍ଡ ଘଟଣାର ମୁକାବିଲା, ସମୁଦ୍ର ରେ ପର୍ଯ୍ୟଟକ ଙ୍କ ସୁରକ୍ଷା ସମ୍ପର୍କିତ ପ୍ରସଙ୍ଗ ଆଲୋଚନା ହୋଇଛି। ସମସ୍ତ ପ୍ରସ୍ତୁତି ସଠିକ୍ ଭାବରେ ଚାଲିଚି। ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବେ ହେବ ବୋଲି ଆମର ଦୃଢ଼ ବିଶ୍ୱାସ ରହିଛି।

ଜିଲ୍ଲାପାଳଙ୍କ ପ୍ରେରଣାଦାୟୀ ସମ୍ବୋଧନ

ଭଦ୍ରକ,୪ ।୬ (ନିପ୍ର): ଭଦ୍ରକ ଜିଲ୍ଲାପାଳ ଓ ଜିଲ୍ଲା ପଣ୍ଡାଧିକାରୀ ଦିଲୀପ ରାଉତରାଏ ଦାହାପାଣିଆସ୍ଥିତ ସରକାରୀ ଏସ୍ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭ ଓଡ଼ିଶା ବାଟାଲିୟନ୍ ଏନ୍‌ସିସି ପକ୍ଷରୁ ଆୟୋଜିତ କମ୍ବାଇନ୍ଡ ଆନୁଆଲ୍ ଟ୍ରେନିଂ କ୍ୟାମ୍ପ (ସିଏଟିସି)ରେ ଯୋଗଦେଇ କ୍ୟାଡେଟମାନଙ୍କୁ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରିଛନ୍ତି। ଜଜିଲ୍ଲାପାଳ କହିଥିଲେ ଯେ, ଏନ୍‌ସିସିର ମୂଳମନ୍ତ୍ର "ଐକ୍ୟ ଓ ଶୃଙ୍ଖଳା" କେବଳ ଏକ ସ୍ଲୋଗାନ୍ ନୁହେଁ, ବରଂ ସଫଳ ଜୀବନର ମୂଳ ଆଧାର। ଦେଶ ଓ ସମାଜର ଉନ୍ନତି ପାଇଁ ଯୁବପିଢ଼ିଙ୍କ ସକ୍ରିୟ ଅବଦାନ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ।କାର୍ଯ୍ୟକ୍ରମରେ କ୍ୟାଡେଟମାନେ ନେତୃତ୍ୱ, ପ୍ରତିଯୋଗିତାମୂଳକ ପରୀକ୍ଷା, ସିଭିଲ୍ ସର୍ଭିସ ଓ ଜିଲ୍ଲା ବିକାଶରେ ଯୁବମାନଙ୍କ ଭୂମିକା ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ଉଠାଇଥିଲେ। ଜିଲ୍ଲାପାଳ ସେଗୁଡ଼ିକର ଉତ୍ତର ଦେଇ କ୍ୟାଡେଟମାନଙ୍କୁ ଉଚ୍ଚ ଲକ୍ଷ୍ୟ ସ୍ଥିର କରି ନିରନ୍ତର ପରିଶ୍ରମ କରିବାକୁ ଆହ୍ୱାନ ଜଣାଇଥିଲେ।ସେ କ୍ୟାଡେଟମାନଙ୍କ ଉତ୍ସାହ, ଶୃଙ୍ଖଳା ଓ ଉଚ୍ଚ ମନୋବଳର ପ୍ରଶଂସା କରି କହିଥିଲେ ଯେ, ଏନ୍‌ସିସି କ୍ୟାଡେଟମାନେ ହେଉଛନ୍ତି ଦେଶର ଭବିଷ୍ୟତ ନେତୃତ୍ୱ। ସିଭିଲ୍ ସର୍ଭିସ ଓ ସଶସ୍ତ୍ର ବାହିନୀରେ ଯୋଗଦାନ କରି ଦେଶସେବା କରିବା ପାଇଁ ସେ ସେମାନଙ୍କୁ ପ୍ରେରିତ କରିଥିଲେ।

ବ୍ରାହ୍ମଣୀରେ ବୁଡିଗଲେ ଛାତ୍ରୀ

ବ୍ରହ୍ମବରଦା, ୪/୬ : ଯାଜପୁର ଜିଲ୍ଲାରେ ଅଘଟଣ। ନଦୀରେ ଗାଧୋଇବା ହେଲା କାଳ । ବ୍ରାହ୍ମଣୀ ନଦୀରେ ବୁଡି ଛାତ୍ରୀ ମୃତ। ଯାଜପୁର ଜିଲ୍ଲା ବରୀ ରାମଚନ୍ଦ୍ରପୁର ଥାନା ଅଧିନ ଚନ୍ଦନପୁର ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ଛାତ୍ରୀ ଜଣଙ୍କ ଚନ୍ଦନପୁର ଗ୍ରାମର ପ୍ରଶାନ୍ତ ବିଶ୍ୱାଳଙ୍କ ଝିଅ ଶୁଭଲକ୍ଷ୍ମୀ ବୋଲି ଜଣାପଡିଛି । ସୂଚନାନୁଯାୟୀ, ଶୁଭଲକ୍ଷ୍ମୀ ତିନି ଜଣ ସାଙ୍ଗଙ୍କ ସହିତ ନଦୀକୁ ଗାଧୋଇବାକୁ ଯାଇଥିଲେ। ଏତିକି ବେଳେ ନଦୀରେ ବୁଡି ଯାଇଥିଲେ। ଖବର ପାଇ ବରୀ ଅଗ୍ନିଶମ ବିଭାଗ ପହଁଚି ନଦୀରୁ ଶୁଭଲକ୍ଷ୍ମୀଙ୍କୁ ଉଦ୍ଧାର କରି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଅନ୍ୟପଟେ ଖବର ପାଇ ବରୀ ରାମଚନ୍ଦ୍ରପୁର ପୁଲିସ ଏକ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ନେଇ ଥାନା ଅଧିକାରିଣୀ ହେମଲତା ଦାସ ସୂଚନା ଦେଇଛନ୍ତି। ଶୁଭଲକ୍ଷ୍ମୀ ନବମ ଶ୍ରେଣୀରେ ପାଠ ପଢୁଥିବା ଜଣାପଡିଛି। ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

କୁମ୍ଭୀର ସହ ଲଢ଼ିଲେ ଜୀବନ ବଞ୍ଚାଇଲେ ଯୁବକ

କେନ୍ଦ୍ରାପଡା,୪ ।୬: କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ରାଜପୁର ପଂଚାୟତ ବାଲିଚନ୍ଦ୍ରପୁର ଗାଁର କ୍ଷମାନିଧି ଦାସ ଆଜି କୁମ୍ଭୀର ସହ ଲଢ଼ି ଜୀବନ ବଞ୍ଚାଇଛନ୍ତି । ବନବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ବାଥିଙ୍ଗ ଘାଟ ଭିତରେ ଗାଧୋଉଥିବାବେଳେ ସେ କୁମ୍ଭୀର ଆକ୍ରମଣର ଶିକାର ହୋଇଥିଲେ । ଆକ୍ରମଣରେ କ୍ଷମାନିଧିଙ୍କ ଦୁଇ ଗୋଡ଼ରେ ୪୦ରୁ ୫୦ଟି କ୍ଷତଚିହ୍ନ ରହିଛି । ବାଥିଙ୍ଗ ଘାଟରେ ଗାଧୋଉଥିବା ଅନ୍ୟ ଲୋକମାନେ ପାଖରେ ଥିବା ବାଉଁଶ ଆଣି କୁମ୍ଭୀରକୁ ବାଡେଇବାରୁ କ୍ଷମାନିଧିଙ୍କ ଜୀବନ ବଞ୍ଚିଯାଇଛି। ଦୀର୍ଘ ୧୫ ମିନିଟ କାଳ କୁମ୍ଭୀର ସହ କ୍ଷମାନିଧି ଓ ଗ୍ରାମବାସୀଙ୍କ ଲଢେଇ ହୋଇଥିଲା । ସୂଚନା ମୁତାବକ ପ୍ରାୟ ୨୫ ଫୁଟ ଲମ୍ବର କୁମ୍ଭୀର ଆକ୍ରମଣ କରିଛି ।

ରାଷ୍ଟ୍ରୀୟ ଯୁବା ସଂଗଠନର ରାଷ୍ଟ୍ରୀୟ ଶିବିର
'ଯୁବ ଆନ୍ଦୋଳନ ହିଁ ଦେଶ ଓ ସମାଜକୁ ଉପଯୁକ୍ତ ଉଚିତ ମାର୍ଗରେ ପରିଚାଳିତ କରିଥାଏ'

କଟକ,୪ ।୬ : ସର୍ବୋଦୟ ବିଚାରର ଯୁବ ବାହିନୀ ରାଷ୍ଟ୍ରୀୟ ଯୁବା ସଂଗଠନର ରାଷ୍ଟ୍ରୀୟ ଶିବିର ତୃତୀୟ ଦିବସରେ ପହଞ୍ଚିଛି . 'କାହିଁକି ଯୁବକଙ୍କ ଉପରେ ସଭିଙ୍କ ଆଶା ' ବିଷୟ ଉପରେ ସଂଗଠନର ପ୍ରାକ୍ତନ ରାଷ୍ଟ୍ରୀୟ ସଂଯୋଜିକା ତଥା ଗାନ୍ଧୀବାଦୀ ଅର୍ଥନୀତିଜ୍ଞା ପ୍ରେରଣା ଦେଶାଇ କହିଲେ ଯେ, ୨୦୧୯ରୁ ୨୦୨୬ ମଧ୍ୟରେ ବିଶ୍ୱରେ ଅନେକ ଯୁବ ଏବଂ ଜନ ଆନ୍ଦୋଳନ ହୋଇଛି । ଯଦି ଜନସାଧାରଣଙ୍କ ଅଂଶଗ୍ରହଣ ଆଧାରରେ ଦେଖାଯାଏ, ତେବେ ଏହି ଦଶନ୍ଧିରେ ସାରା ବିଶ୍ୱରେ ଜନ ଆନ୍ଦୋଳନରେ ଭାଗ ନେଇଥିବା ଯୁବକ ମାନଙ୍କର ସଂଖ୍ୟାକୁ ଦେଖିଲେ ନୂଆ ଇତିହାସ ନିର୍ମାଣ ହେଉଥିବା ଦେଖିବାକୁ ମିଳିଛି . ଗାନ୍ଧୀଜୀ ନିଜ ଜୀବନରେ ଅହିଂସାତ୍ମକ ଗଣଆନ୍ଦୋଳନର ରାସ୍ତା, ଅସହଯୋଗ ଏବଂ ସତ୍ୟାଗ୍ରହ ଭଳି ମାଧ୍ୟମର ପ୍ରୟୋଗ କରିଥିଲେ, ଯାହାକୁ ଆଜି ସାରା ବିଶ୍ୱର ଯୁବପିଢ଼ି ନିଜର କଳ୍ପନାଶୀଳତା ଦ୍ୱାରା ବ୍ୟବହାର କରୁଛନ୍ତି । ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ପରିବେଶ ସଙ୍କଟ ଯୋଗୁଁ ଏହି ଦିଗରେ ଜନ ଆନ୍ଦୋଳନର ଗତି ଆହୁରି ତୀବ୍ର ହେବ ବୋଲି ସେ କହିଥିଲେ . ଏଥିରେ ଜେନଜିର ଅଂଶଗ୍ରହଣ ଓ ନେତୃତ୍ୱ ମଧ୍ୟ ସାମ୍ନାକୁ ଆସିବ। ଦ୍ୱାରା ଏହି ଦଶନ୍ଧି ଏକ ଐତିହାସିକ ଜନ ଆନ୍ଦୋଳନର ଦଶନ୍ଧି ଭାବରେ ପ୍ରତିଷ୍ଠିତ ହେବ । ଏଥିସହ ଯୁବକମାନଙ୍କ ଦ୍ୱାରା ପଡ଼ୋଶୀ ଦେଶଗୁଡ଼ିକରେ ଚାଲିଥିବା ଆନ୍ଦୋଳନ ବିଷୟରେ ସେ ଆଲୋଚନା କରିଥିଲେ ଏବଂ ଇରାନର ଝିଅମାନଙ୍କ ଦ୍ୱାରା କରାଯାଇଥିବା ମହସା ଅମିନୀଙ୍କ ହିଜାବ ଆନ୍ଦୋଳନ ତଥା ଆମେରିକାର 'ଅକ୍ୟୁପାଇ ୱାଲ୍ ଷ୍ଟ୍ରିଟ ବିଷୟରେ ସେ କହିଥିଲେ । ଭାରତରେ ବିଗତ ବର୍ଷ ଦିନରେ ଚାଷୀମାନଙ୍କର ଶକ୍ତିଶାଳୀ ଆନ୍ଦୋଳନ ବାବଦରେ କହିବା ସହ ଆଜିର ଯୁବପିଢ଼ି ଶିକ୍ଷାରେ ଭ୍ରଷ୍ଟାଚାର ପ୍ରସଙ୍ଗରେ ସ୍ୱର ଉଠାଉଥିବା ବାବଦରେ କହିବା ସହ ନ୍ୟାୟପାଳିକା, ନିର୍ବାଚନରେ ଅନିୟମିତତା, ରାଜନୈତିକ ଦୁର୍ନୀତି ଏବଂ ସମ୍ପତ୍ତିର ଲୁଟ୍ ବିରୁଦ୍ଧରେ ମଧ୍ୟ ସକ୍ରିୟ ହେଉଛନ୍ତି ବୋଲି ସେ କହିଥିଲେ ।

ପ୍ରାତଃ ପ୍ରବଚନରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅଧ୍ୟକ୍ଷ କୁମାର ପ୍ରଶାନ୍ତ, ମନର ଆକାଶ କିପରି ବିସ୍ତୃତ ହେବ ସେ ବିଷୟରେ କହି ମନର ଆକାଶକୁ ଖୋଲିକରି ଦେଖି ଆମେ କ'ଣ ହରାଉଛେ ଏବଂ କ'ଣ କ'ଣ ପାଉଛେ ତାହା ଅନୁଧ୍ୟାନ କରିବାକୁ କହିଥିଲେ । ପ୍ରଥମ ଅଧିବେଶନରେ ସେବାଷ୍ଟିଆନା ଲିୟା ମାନସିକ ସ୍ୱାସ୍ଥ୍ୟ ଉପରେ କହିଲେ ଯେ, ଆମକୁ ଆମର ପ୍ରତ୍ୟେକ ଭାବନାକୁ ଚିହ୍ନିବା ଉଚିତ ଏବଂ ରାଗ ହେଉ, ଭୟ ହେଉ, କିମ୍ବା ଉଦାସୀ ହେଉ, ପ୍ରତ୍ୟେକ ଭାବନା ଠିକ୍ ହୋଇଥାଏ ଏବଂ ଖୋଲିକରି ଏହାକୁ ପ୍ରକାଶ କରିବା ଉଚିତ ବୋଲି କହିଥିଲେ । ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ସେ ବୁଝାଇଲେ ଯେ କିପରି ଆମର ଚିନ୍ତା ଓ ବ୍ୟବହାର ଶରୀରକୁ ପ୍ରଭାବିତ କରେ । ତଥା ନିଜର ଅସୁବିଧାକୁ ଚିହ୍ନିବା ଏବଂ ସେହି ଅସୁବିଧାରୁ କିପରି ମୁକ୍ତି ପାଇବା ସେ ବିଷୟରେ ଶିକ୍ଷା ଦେଇଥିଲେ । ସାତଦିନ ଧରି ଚାଲିବାକୁ ଥିବା ଏହି ଶିବିରର ସଂଚାଳନ ମହାରାଷ୍ଟ୍ରର ଅର୍ଚ୍ଚନା ଲୋଢ଼େ ଓ ମଧ୍ୟପ୍ରଦେଶର ସଚିନ ତ୍ରିପାଠୀ କରୁଥିବା ବେଳେ ଜ୍ଞାନେଶ୍ୱର ସୋନୱନେ, ଇସ୍ତାକ ଅହମ୍ମଦ, ମୃଣ୍ମୟୀ ଅଗ୍ରୱାଲ, ଦିବ୍ୟା ସିଂହ ରାଜପୁତ, ସକ୍ଷମ ତିୱାରୀ,ଜୟନାରାୟଣ ସଇନି, ଜେନ ଡ଼ିସୋଜା ପ୍ରମୁଖ ବିଭିନ୍ନ ଦାୟିତ୍ୱରେ ରହିଥିଲେ ।

କୋର୍ଟରେ ଏବେ ଏଆଇରେ ହେବ ସବୁ କାମ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୪।୬: ସୁପ୍ରିମକୋର୍ଟଙ୍କ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କମିଟି 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ୟୁସେଜ ଇନ କୋର୍ଟସ ୨୦୨୬'ର ଏକ ଚିଠା ଜାରି କରିଛନ୍ତି। ଏଥିରେ ରହିଯାଇଥିବା ତ୍ରୁଟିଗୁଡ଼ିକୁ ଦୂର କରି ଏହାକୁ ଲାଗୁ କରିବା ପାଇଁ ଦେଶର ସମସ୍ତ ଓକିଲ, ସାଧାରଣ ଜନତା, ନ୍ୟାୟିକ ଅଧିକାରୀ ଏବଂ ଆଇନ ବିଶେଷଜ୍ଞମାନଙ୍କୁ ଜୁନ ୨୦ ତାରିଖ ସୁଦ୍ଧା ନିଜର ମତାମତ ଓ ପରାମର୍ଶ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଚିଠା ପ୍ରସ୍ତାବ ଅନୁଯାୟୀ, ସାରା ଦେଶର ଅଦାଲତଗୁଡ଼ିକରେ ନ୍ୟାୟିକ ପ୍ରକ୍ରିୟାକୁ ଦ୍ରୁତ ଓ ପ୍ରଭାବଶାଳୀ କରିବା ପାଇଁ ଏଆଇ (ଏଆଇ) ର ବ୍ୟବହାର କରାଯାଇପାରିବ। ଏହା ଦ୍ୱାରା କେସ ମ୍ୟାନେଜମେଣ୍ଟ, କଜ ଲିଷ୍ଟ ପ୍ରସ୍ତୁତ କରିବା, ଶୁଣାଣିର ତାରିଖ ଧାର୍ଯ୍ୟ କରିବା ଏବଂ

ମାମଲାଗୁଡ଼ିକର ପ୍ରାଥମିକତା ସ୍ଥିର କରିବାରେ ସହାୟତା ମିଳିବ। ଏହାସହ କୋର୍ଟ କାର୍ଯ୍ୟଧାରାର ଟ୍ରାନ୍ସକ୍ରିପ୍ସନ , ରାୟ ଏବଂ ଆବେଦନଗୁଡ଼ିକର ଅନୁବାଦ, ଆଇନଗତ ଗବେଷଣା , ସାଇଟେସନ ଭେରିଫିକେସନ ଏବଂ ପ୍ରଶାସନିକ କାର୍ଯ୍ୟ ମଧ୍ୟ ଏଆଇର ସହାୟତାରେ କରାଯାଇପାରିବ। ଏହି ଡ୍ରାଫ୍ଟ ରିଲିଜ କରିବା ସମୟରେ ସୁପ୍ରିମକୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି ଯେ, ଏଆଇ କୌଣସି ବି ମାମଲାର ପରିଣାମ ବିଷୟରେ ଭବିଷ୍ୟବାଣୀ କରିପାରିବ ନାହିଁ କିମ୍ବା ଜଜ (ବିଚାରପତି)ଙ୍କ ଭୂମିକା ଗ୍ରହଣ କରିପାରିବ ନାହିଁ। ଏଭଳି ପରିସ୍ଥିତିରେ ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି ନେବାର ଅଧିକାର କେବଳ ବିଚାରପତିମାନଙ୍କ ପାଖରେ ହିଁ ରହିବ। ଡ୍ରାଫ୍ଟ ଅନୁଯାୟୀ, ଅଦାଲତଗୁଡ଼ିକରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କେବଳ ଏକ ସହାୟକ ଭାବରେ କାର୍ଯ୍ୟ କରିବ। ଏଆଇ ଦ୍ୱାରା ପ୍ରସ୍ତୁତ କରାଯାଇଥିବା କୌଣସି ବି କଣ୍ଟେଣ୍ଟ, ଦିଆଯାଇଥିବା ପରାମର୍ଶ, କରାଯାଇଥିବା ଅନୁବାଦ ଏବଂ ଟ୍ରାନ୍ସକ୍ରିପ୍ସନକୁ ସଠିକ ଭାବେ ଯାଞ୍ଚ କରାଯିବା ପରେ ହିଁ ବ୍ୟବହାର କରାଯିବ, ନଚେତ୍ ବଡ଼ ଧରଣର ଭୁଲ ହେବାର ସମ୍ଭାବନା ରହିଛି। ଏହି ଡ୍ରାଫ୍ଟରେ କେତେକ ନିର୍ଦ୍ଦିଷ୍ଟ ମାମଲାରେ ଏଆଇ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବାର ପ୍ରାବଧାନ ମଧ୍ୟ ରହିଛି। ଯେପରିକି ଜାମିନ ମିଳିବାର ସମ୍ଭାବନା, ଅଭିଯୁକ୍ତର ଭବିଷ୍ୟତର ବ୍ୟବହାର, ପୁନର୍ଓ୍ୱାର ଅପରାଧ କରିବାର ଆଶଙ୍କା, ସାକ୍ଷୀର ବିଶ୍ୱସନୀୟତା କିମ୍ବା କୌଣସି ମୋକଦ୍ଦମାର ସମ୍ଭାବ୍ୟ ପରିଣାମର ଆକଳନ ଏଆଇ ଦ୍ୱାରା କରାଯାଇପାରିବ ନାହିଁ।

ମୁଜାଫରପୁର ହସ୍ପିଟାଲରେ ଅଗ୍ନିକାଣ୍ଡ: ୪ ରୋଗୀଙ୍କ ମୃତ୍ୟୁ

ପାଟନା,୪।୬: ବିହାରର ମୁଜାଫରପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଗୁରୁବାର ଭୀଷଣ ଅଗ୍ନିକାଣ୍ଡ ଘଟି ୪ ଜଣ ରୋଗୀଙ୍କ ମୃତ୍ୟୁ ହୋଇଛି। ନିଆଁ ହସ୍ପିଟାଲର ଇଣ୍ଟେନସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ଲାଗିଥିଲା। ଜିଲ୍ଲା ମାଜିଷ୍ଟ୍ରେଟ୍ ସୁବ୍ରତ କୁମାର ସେନ୍ କହିଛନ୍ତି ଯେ, ୨୪ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ପୋଡ଼ିଯାଇଥିବା ଲୋକଙ୍କ ମଧ୍ୟରେ ଆଇସିୟୁ ଦାୟିତ୍ୱରେ ଥିବା ବ୍ୟକ୍ତି ମଧ୍ୟ ଅଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଅଧିକାଂଶ ରୋଗୀଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରସାଦ ହସ୍ପିଟାଲର ଆଇସିୟୁର ଅକ୍ସିଜେନ୍ ୟୁନିଟ୍ ଓ ମନିଟର ସିଷ୍ଟମରେ ସର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି ବୋଲି ସେନ୍ କହିଛନ୍ତି। ଅଗ୍ନିକାଣ୍ଡର କାରଣ ଜାଣିବାକୁ ତଦନ୍ତ ଚାଲିଛି। ଅଗ୍ନିକାଣ୍ଡ ସମ୍ପର୍କରେ ଅଗ୍ନିଶମ ବିଭାଗକୁ ରାତି ୩ଟା ୫୫ ମିନିଟରେ ଖବର ମିଳିଥିଲା। କବାଟ ଓ ଝରକା ଭାଙ୍ଗି ଆଇସିୟୁ ଓ ଅନ୍ୟ ୱାର୍ଡରେ ପହଞ୍ଚି ଥିଲେ। ରୋଗୀମାନଙ୍କୁ ଧୂଆଁ ଭର୍ତ୍ତି କୋଠାରୁ ବାହାରକୁ ଅଣା ଯାଇଥିଲା। ଅଗ୍ନିଶମ ବିଭାଗ ଅଧିକାରୀ ରାମ ନିଓ୍ୱାସ ପାଣ୍ଡେ କହିଛନ୍ତି, ଆଇସିୟୁର ୧୫-୨୦ ରୋଗୀଙ୍କୁ ଉଦ୍ଧାର କରିଥିଲୁ, ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା।

ସୁଦାନରୁ ହାଇଦ୍ରାବାଦ ଆସିଥିବା ନାଗରିକଙ୍କ ନିକଟରେ ଦେଖାଦେଲା ଇବୋଲା ଭାଇରସ୍: ଆଇସୋଲେସନ କେନ୍ଦ୍ରରେ ଭର୍ତ୍ତି

ନୂଆଦିଲ୍ଲୀ,୪।୬: ହାଇଦ୍ରାବାଦରେ ଜଣେ ସୁଦାନୀ ନାଗରିକଙ୍କୁ ଇବୋଲା ଭାଇରସ୍ ଲକ୍ଷଣ ଦେଖାଯିବା ପରେ ଏକ ଆଇସୋଲେସନ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅଧିକାରୀମାନେ କହିଛନ୍ତି ଯେ, ଆଜି ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିବା ଜଣେ ସୁଦାନୀ ନାଗରିକଙ୍କୁ ଇବୋଲା ଲକ୍ଷଣ ଦେଖାଯିବା ପରେ ଅଧିକ ତଦନ୍ତ ପାଇଁ ଏକ ଆଇସୋଲେସନ କେନ୍ଦ୍ରକୁ ପଠାଯାଇଛି। ଯାତ୍ରୀ ଜଣକ ନିକଟରେ ଦକ୍ଷିଣ ସୁଦାନ ଏବଂ ଉଗାଣ୍ଡା ଯାତ୍ରା କରିଥିଲେ। ଡାକ୍ତରୀ ଦଳ ଏବଂ ଡାକ୍ତରଙ୍କ ଅନୁଯାୟୀ, ରୋଗୀଙ୍କ ଅବସ୍ଥା ବର୍ତ୍ତମାନ ସ୍ଥିର ଅଛି, କିନ୍ତୁ ପ୍ରାରମ୍ଭିକ ଲକ୍ଷଣ ଗମ୍ଭୀର ରହିଛି। ଏହି ମାମଲାକୁ ନେଇ ତେଲେଙ୍ଗାନା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ କହିଛନ୍ତି ଯେ, ଏହି ପଦକ୍ଷେପ ଜରୁରୀକାଳୀନ ପ୍ରତିକ୍ରିୟା ଯୋଜନାର ଅଂଶ ଭାବରେ ନିଆଯାଇଛି। ଡାକ୍ତରୀ ଦଳ ଏବଂ ଅଧିକାରୀମାନେ ତୁରନ୍ତ ରୋଗୀଙ୍କ ଠାରୁ ନମୁନା ସଂଗ୍ରହ କରିଛନ୍ତି। ଏହି ନମୁନା ଗୁଡ଼ିକୁ ନିଦାନ ପରୀକ୍ଷା ପାଇଁ ପୁଣେର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିକୁ ପଠାଯାଇଛି, ଏବଂ ଭାଇରସ୍ ନିଶ୍ଚିତ କରିବା ପାଇଁ ଲ୍ୟାବ ଫଳାଫଳ ଅପେକ୍ଷା କରାଯାଇଛି। ଅନେକ ଆଫ୍ରିକୀୟ ଦେଶରେ ଇବୋଲା ମାମଲା ବୃଦ୍ଧି ପାଇବାକୁ ଦୃଷ୍ଟିରେ ରଖି, ତେଲେଙ୍ଗାନା ସରକାର ସମସ୍ତ ଅନ୍ତର୍ଜାତୀୟ ବିମାନବନ୍ଦରର ପ୍ରବେଶ ସ୍ଥାନ ଗୁଡ଼ିକରେ ନଜର ବୃଦ୍ଧି କରିଛନ୍ତି। ଯାତ୍ରୀମାନଙ୍କୁ ମଧ୍ୟ ଯାଞ୍ଚ କରାଯାଉଛି। ପୂର୍ବରୁ, ଆଫ୍ରିକୀୟ ଦେଶ କଙ୍ଗୋରୁ ଆସିଥିବା ଜଣେ ଯାତ୍ରୀଙ୍କୁ ମଧ୍ୟ ସନ୍ଦେହଜନକ ଲକ୍ଷଣ ଯୋଗୁଁ ଅହମଦାବାଦର ସିଭିଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ରାଜ୍ୟସଭା ନିର୍ବାଚନ ପାଇଁ ୧୧ ପ୍ରାର୍ଥୀଙ୍କ ନାମ ଘୋଷଣା କଲା ବିଜେପି

ନୂଆଦିଲ୍ଲୀ,୪।୬: ଭାଜପା ରାଜ୍ୟ ସଭା ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ଦଳ ଅରୁଣାଚଳ ପ୍ରଦେଶରୁ ତାଇ ତାଗକଙ୍କୁ ପ୍ରାର୍ଥୀ କରିଛି। ଗୁଜୁରାଟରୁ, ରାଜୁଭାଇ ଶୁକ୍ଲା, ମୁକେଶଭାଇ ରାଥୱା, ମାନସିଂହ ପରମାର ଏବଂ ଜିତେନ୍ଦ୍ର ମେଘଜୀଭାଇ କଞ୍ଜାରିଆଙ୍କୁ ଟିକେଟ ଦିଆଯାଇଛି। ଏହା ବ୍ୟତୀତ, ଦଳ ମଧ୍ୟ ପ୍ରଦେଶରୁ ତରୁଣ ଚୁଗ ଏବଂ ରଜନୀଶ ଅଗ୍ରୱାଲଙ୍କୁ ପ୍ରାର୍ଥୀ କରିଛି। ଏହି ସମୟରେ, ମଣିପୁରରୁ ଏ. ଶାରଦା ଦେବୀଙ୍କୁ ପ୍ରାର୍ଥୀ କରାଯାଇଛି, ଯେତେବେଳେ ରାଜସ୍ଥାନରୁ ଡକ୍ଟର ଅଲକା ଗୁର୍ଜର ଏବଂ ସତୀଶ ପୁନିଆଙ୍କୁ ପ୍ରାର୍ଥୀ କରାଯାଇଛି। ଓଡ଼ିଶାରୁ, ଦେବାଶିଷ ସାମନ୍ତରାୟ ଦଳର ପ୍ରାର୍ଥୀ ଭାବରେ କାର୍ଯ୍ୟ କରିବେ। ସତୀଶ ପୁନିଆଙ୍କୁ ସେହି ଭାଜପା ନେତାମାନଙ୍କ ମଧ୍ୟରେ ଗଣନା କରାଯାଏ ଯେଉଁମାନେ ଛାତ୍ର ରାଜନୀତିରୁ ନିଜର କ୍ୟାରିଅର ଆରମ୍ଭ କରିଥିଲେ ଏବଂ ଧୀରେ ଧୀରେ ପଦ ଉପରକୁ ଉଠି ଶେଷରେ ଶୀର୍ଷରେ ପହଞ୍ଚିଥିଲେ। ସେ ପୂର୍ବରୁ ରାଜସ୍ଥାନ ଭାଜପାର ରାଜ୍ୟ ସଭାପତି ଭାବରେ କାର୍ଯ୍ୟ କରିଛନ୍ତି। ଏହା ବ୍ୟତୀତ, ସେ ରାଜସ୍ଥାନ ବିଧାନସଭାରେ ବିରୋଧୀ ଦଳର ଉପନେତା ପଦରେ ଅଛନ୍ତି।

ପଦ୍ମଭୂଷଣ ବିଜେତା ଡକ୍ଟର ସୁଭାଷ କଶ୍ୟପଙ୍କ ପରଲୋକ

ନୂଆଦିଲ୍ଲୀ,୪।୬: ସମ୍ବିଧାନ ବିଶେଷଜ୍ଞ ତଥା ପଦ୍ମଭୂଷଣ ବିଜେତା ଡକ୍ଟର ସୁଭାଷ କଶ୍ୟପଙ୍କ ୯୭ ବର୍ଷ ବୟସରେ ପରଲୋକ। ଲୋକସଭାର ପୂର୍ବତନ ମହାସଚିବଙ୍କ ମୃତ୍ୟୁରେ ରାଜନୈତିକ ଓ ଶିକ୍ଷା ଜଗତରେ ଗଭୀର ଶୋକ। ଭାରତୀୟ ସମ୍ବିଧାନ, ସଂସଦୀୟ ପରମ୍ପରା ଏବଂ ଗଣତାନ୍ତ୍ରିକ ଅନୁଷ୍ଠାନର ଜଣେ ପ୍ରସିଦ୍ଧ ବିଦ୍ୱାନ ତଥା ପଦ୍ମଭୂଷଣ ପୁରସ୍କାର ବିଜେତା ଡକ୍ଟର ସୁଭାଷ କଶ୍ୟପଙ୍କର ୯୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ହୃଦଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ସୂଚନାରୁ ଜଣାପଡ଼ିଛି। ମେ' ମାସ ୧୦ ତାରିଖ ୧୯୨୯ ମସିହାରେ ଜନ୍ମଗ୍ରହଣ କରିଥିବା ଡକ୍ଟର କଶ୍ୟପ ଭାରତୀୟ ସଂସଦୀୟ ବ୍ୟବସ୍ଥାର ଜଣେ ଅତି ସମ୍ମାନିତ ବିଶେଷଜ୍ଞ ଥିଲେ ଏବଂ ତାଙ୍କର ଏହି ବିୟୋଗ ସମଗ୍ର ରାଜନୈତିକ, ସଂସଦୀୟ ତଥା ଶିକ୍ଷା ଜଗତରେ ଏକ ଗଭୀର ଶୋକର ଛାୟା ଖେଳାଇ ଦେଇଛି ।

କ୍ରେନ ଓଲଟି : ୩ ମୃତ

ଫରିଦାବାଦ,୪।୬: ହରିୟାଣାର ଫରିଦାବାଦରେ ଜେୱର ବିମାନବନ୍ଦର ସଂଯୋଗ ନେଟୱାର୍କ ସହିତ ଜଡ଼ିତ ଏକ ପ୍ରମୁଖ ପ୍ରକଳ୍ପ ସହିତ ଜଡ଼ିତ ଏକ ନିର୍ମାଣ ସ୍ଥାନରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ଯେଉଁଠାରେ ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ଏକ ବିରାଟ କ୍ରେନ ହଠାତ ନିୟନ୍ତ୍ରଣ ବାହାରକୁ ଯାଇ ଓଲଟି ପଡ଼ିଛି। ରିପୋର୍ଟ ଅନୁଯାୟୀ କ୍ରେନ ଓଲଟି ପଡ଼ିବା ଫଳରେ ତିନି ଜଣଙ୍କର ମୃତ୍ୟୁ ହୋଇଛି।

ଏକୁଟିଆ ହୋଇଗଲେ ଟ୍ରମ୍ପ: ଯୁଦ୍ଧ ବନ୍ଦ ପାଇଁ ସଂସଦରେ ପ୍ରସ୍ତାବ ପାରିତ

ୱାଶିଂଟନ୍,୪।୬: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବଡ଼ ଝଟକା। ପଦାରେ ପଡ଼ିଲା ରାଷ୍ଟ୍ରପତି ଟ୍ରମ୍ପଙ୍କ ଇରାନ ନୀତି ପ୍ରତି ବଢୁଥିବା ଅସନ୍ତୋଷ। ଇରାନ ବିରୋଧରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନକୁ ରୋକିବା ପାଇଁ ଆମେରିକୀୟ ସଂସଦର ନିମ୍ନ ସଦନ ବା 'ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ'ରେ ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧ କ୍ଷମତା ପ୍ରସ୍ତାବ ପାରିତ ହୋଇଛି। ଟ୍ରମ୍ପଙ୍କ ନିଜ ଦଳ ରିପବ୍ଲିକାନର କିଛି ସାଂସଦ ବିରୋଧୀ ଡେମୋକ୍ରାଟ୍ସଙ୍କ ସହ ମିଶି ଏହି ପ୍ରସ୍ତାବ ସପକ୍ଷରେ ଭୋଟ୍ ଦେଇଛନ୍ତି। ଆମେରିକା ସଂସଦରେ ଆଗତ ହୋଇଥିବା ଏହି ବିଲ୍ ସପକ୍ଷରେ ୨୧୫ଟି ଭୋଟ୍ ପଡ଼ିଥିବା ବେଳେ ବିପକ୍ଷରେ ୨୦୮ଟି ଭୋଟ୍ ପଡ଼ିଥିଲା। ରିପବ୍ଲିକାନ୍ ପାର୍ଟିର ୪ ଜଣ ସାଂସଦ ଥୋମାସ୍ ମାସି, ବ୍ରାଏନ୍ ଫିଟ୍ଜପ୍ୟାଟ୍ରିକ୍, ଟମ୍ ବାରେଟ୍ ଏବଂ ୱାରେନ୍ ଡେଭିଡସନ୍ ଦଳୀୟ ଶୃଙ୍ଖଳା ଭାଙ୍ଗି ଡେମୋକ୍ରାଟ୍ସଙ୍କ ସମର୍ଥନରେ ଆସିଥିଲେ। ଯାହା ଫଳରେ ଏହି ପ୍ରସ୍ତାବଟି ସଂଖ୍ୟାଗରିଷ୍ଠତା ହାସଲ କରି ପାରିତ ହୋଇଥିଲା। ୧୯୭୩ ମସିହାରେ ତିଆରି ହୋଇଥିବା ଏହି ଆଇନ ଅନୁଯାୟୀ, କଂଗ୍ରେସର (ଆମେରିକା ସଂସଦ) ସ୍ୱୀକୃତି ବିନା ରାଷ୍ଟ୍ରପତି ନିଜ ଇଚ୍ଛାରେ ୬୦ ଦିନରୁ ଅଧିକ ସମୟ ଧରି କୌଣସି ବିଦେଶୀ ରାଷ୍ଟ୍ରରେ ସାମରିକ କାର୍ଯ୍ୟାନୁଷ୍ଠାନ ବା ଯୁଦ୍ଧ ଜାରି ରଖିପାରିବେ ନାହିଁ। ଇରାନ ସହ ଚାଲିଥିବା ବିବାଦ ୯୦ ଦିନ ଅତିକ୍ରମ କରିସାରିଥିବାରୁ ଏହି ପ୍ରସ୍ତାବ ଆଗତ କରାଯାଇଥିଲା। ବିରୋଧୀଙ୍କ କହିବା ଅନୁଯାୟୀ, ଏହି ଯୁଦ୍ଧ ଆମେରିକାର ଟିକସଦାତାଙ୍କର ପ୍ରାୟ ୧୦୦ ବିଲିୟନ୍ ଡଲାର ଖର୍ଚ୍ଚ କରାଇସାରିଲାଣି ଏବଂ ଏହାର କୌଣସି ନିର୍ଦ୍ଦିଷ୍ଟ ଅନ୍ତ ଦେଖାଯାଉନାହିଁ। ହାଉସ୍ ସ୍ପିକର୍ (ବାଚସ୍ପତି) ମାଇକ୍ ଜନସନ୍ ଏହି ପ୍ରସ୍ତାବକୁ କଡ଼ା ବିରୋଧ କରିଛନ୍ତି। ତାଙ୍କ ମତରେ ଏଭଳି ପ୍ରସ୍ତାବ ଶାନ୍ତି ଚୁକ୍ତି ପାଇଁ ଚାଲିଥିବା ଆଲୋଚନାକୁ ପ୍ରଭାବିତ କରିବ ଏବଂ ଶତ୍ରୁ ପକ୍ଷ ଆଗରେ ଆମେରିକାକୁ ଦୁର୍ବଳ ପ୍ରମାଣିତ କରିବ।

ମମତା ବାନାର୍ଜୀଙ୍କ ବିରୋଧରେ ଏଫଆଇଆର ରୁଜୁ



କୋଲକାତା,୪।୬: ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ ସୁପ୍ରିମୋ ମମତା ବାନାର୍ଜୀଙ୍କ ଆଇନଗତ ସମସ୍ୟା ବଢ଼ିବାରେ ଲାଗିଛି । ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଆଉ ଏକ ଏଫଆଇଆର ରୁଜୁ ହୋଇଛି । ଦେଶ ବିରୋଧୀ ମନ୍ତବ୍ୟ ଦେବା ଅଭିଯୋଗରେ ମମତା ବାନାର୍ଜୀଙ୍କ ବିରୋଧରେ ପୁଣି ଥରେ ସିଲିଗୁଡ଼ି ସାଇବର କ୍ରାଇମ୍ ଥାନାରେ ଏକ ଏଫଆଇଆର ରୁଜୁ ହୋଇଛି। ଏହି ଦେଶ ବିରୋଧୀ ମନ୍ତବ୍ୟ ସମ୍ପର୍କରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଓକିଲ ରିଙ୍କି ସେନ୍ ଚାଟାର୍ଜୀ ଅଭିଯୋଗ ଦାଖଲ କରିଛନ୍ତି। ତାଙ୍କ ମତରେ, ମମତା ବାନାର୍ଜୀ ବାଂଲାଦେଶରେ ଉସମାନ ହାଦିଙ୍କ ହତ୍ୟା ସମ୍ପର୍କରେ ଦେଶର ଗୃହ ମନ୍ତ୍ରଣାଳୟ ବିରୁଦ୍ଧରେ ଉତ୍ତେଜନାମୂଳକ ମନ୍ତବ୍ୟ ଦେଇଥିଲେ । ସେ ଦୁଇ ରାଷ୍ଟ୍ର ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି କରିଥିଲେ । ପ୍ରକୃତରେ, ଏହି ବିବାଦ ଜୁନ୍ ୨, ୨୦୨୬ରେ କୋଲକାତାର ଧର୍ମତଲାରେ ଟିଏମସିର ଧାରଣା ପ୍ରତିବାଦ ସମୟରେ ଆରମ୍ଭ ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ଭାଷଣରେ ଦାବି କରିଥିଲେ ଯେ ବାଂଲାଦେଶରେ ଘଟିଥିବା ଏକ ବଡ଼ ହତ୍ୟା ପଛରେ ଥିବା ଷଡ଼ଯନ୍ତ୍ର ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ବିଷୟରେ ତାଙ୍କର ସମ୍ପୂର୍ଣ୍ଣ ଜ୍ଞାନ ଅଛି । ତଥାପି, ସେ କହିଥିଲେ ଯେ ସେ ଏହି ସୂଚନା ପ୍ରକାଶ କରିବେ ନାହିଁ, କାରଣ ଏହା କରିବା ଦ୍ୱାରା ପଡ଼ୋଶୀ ଦେଶରେ ଅଶାନ୍ତି ସୃଷ୍ଟି ହୋଇପାରେ। ତାଙ୍କର ମନ୍ତବ୍ୟ ସ୍ପଷ୍ଟ ଭାବରେ ବାଂଲାଦେଶୀ ଛାତ୍ର ନେତା ଉସମାନ ବିନ୍ ହାଦିଙ୍କ ହତ୍ୟା ପ୍ରତି ଉଦ୍ଦିଷ୍ଟ ଥିଲା।

ଖଟତଳୁ ଗିରଫ ହେଲେ ଟିଏମସି ନେତା

କୋଲକାତା,୪।୬: ପଶ୍ଚିମବଙ୍ଗରେ ଟିଏମସି ସରକାର ଯିବା ଦିନଠାରୁ ଗୋଟିଏ ପରେ ଗୋଟିଏ ବଡ଼ ଖବର ସାମ୍ନାକୁ ଆସୁଛି । ଏବେ ଜଣେ ଟିଏମସି ନେତା ଖଟତଳେ ଲୁଚିଥିଲେ । ପୁଲିସ ତାଙ୍କୁ ଖଟୁତଳୁ ଗିରଫ କରିଛି । ଯାହାକୁ ନେଇ ସୋସିଆଲ ମିଡିଆରେ ୟୁଜର୍ସମାନେ ବିଭିନ୍ନ ମଜାଳିଆ ମଜାଳିଆ କମେଣ୍ଟମାନ ଦେଉଥିବା ଦେଖିବାକୁ ମିଳିଛି । କଟ୍-ମନି ବିବାଦରେ ଫସିଥିବା ଟିଏମସି ନେତା ସାହିଦୁଲ ମିୟା ବେଶ ଚର୍ଚ୍ଚାରେ ରହିଥିଲେ । ତେବେ ପୁଲିସ ତାଙ୍କୁ ଗିରଫ କରିଥିବାବେଳେ ଭିଡ଼ ହିଂସାରୁ ବର୍ତ୍ତିବା ପାଇଁ ସେ ଖଟତଳେ ଲୁଚିଥିବା କୁହାଯାଇଛି । ଯାହାର ଭିଡିଓ ବିଜେପି ଆଇଟି ସେଲ୍ ମୁଖ୍ୟ ଅମିତ ମାଲବ୍ୟ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି ।

ବିଜୟ ଦାବି କଲା ଇରାନ, ହର୍ମୁଜ ଅବରୋଧ ଜାରି

ତେହେରାନ/ୱାସିଂଟନ,୪।୬: ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଆମେରିକା-ଇରାନ ସାମରିକ ସଂଘର୍ଷ ମଧ୍ୟରେ ଇରାନର ସର୍ବୋଚ୍ଚ ନେତା ମୋଜତବା ଖେମିନିଙ୍କ ଏକ ବଡ଼ ବୟାନ ସାମ୍ନାକୁ ଆସିଛି, ଯାହା ଭୂ-ରାଜନୈତିକ ସ୍ଥିତିକୁ ଅଧିକ ଜଟିଳ କରିଦେଇଛି। ମୋଜତବା ଏକ ଲିଖିତ ବାର୍ତ୍ତା ମାଧ୍ୟମରେ ଦାବି କରିଛନ୍ତି ଯେ ଆମେରିକା ଓ ଇସ୍ରାଏଲ୍ ସାମରିକ ସ୍ତରରେ ସମ୍ପୂର୍ଣ୍ଣ ଭାବେ ପରାଜିତ ହୋଇଛନ୍ତି। ସାମରିକ କାର୍ଯ୍ୟାନୁଷ୍ଠାନରେ ଇରାନକୁ ଦୁର୍ବଳ କରିବାରେ ବିଫଳ ହେବା ପରେ ଏବେ ବିଦେଶୀ ଶକ୍ତିମାନେ ଦେଶ ଭିତରେ ଭେଦଭାବ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ ଲୋକଙ୍କୁ ସତର୍କ କରାଇଛନ୍ତି। ଚଳିତ ବର୍ଷ ଫେବ୍ରୁଆରି ମାସରେ ଆମେରିକା-ଇସ୍ରାଏଲ ମିଳିତ ଆକ୍ରମଣରେ ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନି ପ୍ରାଣ ହରାଇବା ପରେ ମୋଜତାବା ଇରାନର ନେତୃତ୍ୱ ନେଉଛନ୍ତି। ସୁରକ୍ଷା କାରଣରୁ ସେ ସର୍ବସାଧାରଣ ସାମ୍ନାକୁ ନଆସି କେବଳ ଲିଖିତ ନିର୍ଦ୍ଦେଶନାମା ଜାରି କରୁଛନ୍ତି।

ଶ୍ରୀଲଙ୍କାର ଡାକ୍ତରଖାନାରେ ଅଗ୍ନିକାଣ୍ଡ, ୧୨ ମୃତ

କଲମ୍ବୋ,୪।୬: ଭାରତ ପରେ ପଶ୍ଚିମ ଶ୍ରୀଲଙ୍କାର ଏକ ଡାକ୍ତରଖାନାରେ ଅଗ୍ନିକାଣ୍ଡ ହୋଇଛି। ଶ୍ରୀଲଙ୍କାର ଏକ ନର୍ସିଂହୋମରେ ଅଗ୍ନିକାଣ୍ଡ ଘଟି ୧୨ ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୮ ଜଣ ଆହତ ହୋଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ଅଙ୍ଗୁରୁୱାଟୋଟା ସହରର ଘରେ ନିଆଁ ଲାଗିଥିଲା। ଗୁରୁବାର ପୁଲିସ ମୁଖପାତ୍ର ଫ୍ରେଡ୍ରିକ୍ ଉଟଲର କହିଛନ୍ତି ଯେ, ପଚାଶ ଜଣ ଲୋକଙ୍କୁ ଉଦ୍ଧାର କରାଯାଇଛି। ମାନସିକ ରୋଗରେ ପୀଡିତ ଲୋକଙ୍କୁ ମଧ୍ୟ ସେଠାରେ ରଖାଯାଇଥିଲା। ଅବହେଳା ଯୋଗୁଁ ମୃତ୍ୟୁ ଘଟାଇବା ଅଭିଯୋଗରେ ନର୍ସିଂହୋମର ନିର୍ଦ୍ଦେଶକଙ୍କୁ ଗିରଫ କରାଯାଇ ଘଟଣାର ତଦନ୍ତ ଚାଲିଛି।

ରାସ୍ତାକୁ ଓହ୍ଲାଇ ଛାତ୍ର-ଛାତ୍ରୀଙ୍କ ବିଶାଳ ବିକ୍ଷୋଭ ଖାନ୍ ସାରଙ୍କୁ ଗିରଫ କର, ରୋଶନ୍ ସାରଙ୍କୁ ମୁକ୍ତ କର

ରୋସନ୍ ସାରଙ୍କୁ ମୁକ୍ତ କରିବା ନେଇ ଦାବି ହେଉଛି। ଗୁରୁବାର ସନ୍ଧ୍ୟାରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ତାଙ୍କ ଇନଷ୍ଟିଚ୍ୟୁଟ୍ ବାହାରେ ରାସ୍ତାରେ ଏକାଠି ହୋଇଥିଲେ। ଅନ୍ୟପକ୍ଷେ ଜ୍ଞାନ ବିନ୍ଦୁ ଏକାଡେମୀର ଛାତ୍ରଛାତ୍ରୀ ମଧ୍ୟ

ପାଟନା, ୪।୬: ବିହାରର ରାଜଧାନୀ ପାଟନାର ଦୁଇଟି କୋଚିଂ ସେଣ୍ଟରର ପ୍ରତିଯୋଗିତା ଏବେ ଯୁଦ୍ଧ ପାଲଟିଛି। ଚର୍ଚ୍ଚିତ କୋଚିଂ ଟିଚର ଖାନ୍ ସାର୍ ଓରଫ୍ ଫୈସଲ ଖାନ୍‌ଙ୍କ ଦୁଇ ବଡିଗାର୍ଡଙ୍କୁ ପୋଲିସ ଗିରଫ କରିଛି। ପ୍ରତିଦ୍ୱନ୍ଦ୍ୱୀ କୋଚିଂ ସଂସ୍ଥା ଜ୍ଞାନ ବିନ୍ଦୁ ପକ୍ଷରୁ ଖାନ୍ ସାରଙ୍କ ଗାର୍ଡ ଫାୟାରିଂ କରିବା ବେଳର ଏକ ଭିଡିଓ ଜାରି କରିଛି। ଏହାପରେ ପୋଲିସ ଦୁଇ ଗାର୍ଡଙ୍କୁ ଗିରଫ କରିଛି। ଏବେ ପ୍ରଶ୍ନ ଉଠୁଛି ଯେ, ଏହି ମାମଲାରେ କ'ଣ ଖାନ୍ ସାର ଗିରଫ ହେବେ। ଅନ୍ୟପକ୍ଷେ ଜ୍ଞାନ ବିନ୍ଦୁ ଏକାଡେମୀର ଡାଇରେକ୍ଟର ରୋସନ୍ ଆନନ୍ଦ ଓରଫ ପାଟନାରେ ବହୁ ସଂଖ୍ୟାରେ ଏକଜୁଟ ହୋଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଖାନ୍ ସାରଙ୍କ ବିରୋଧରେ ନାରାବାଜି କରିଛନ୍ତି। କାର୍ଗିଲ ଚୌକ ପାଖରେ ଏକାଠି ହୋଇ ଛାତ୍ରଛାତ୍ରୀ ଖାନ୍ ସାରଙ୍କୁ ବିରୋଧ କରିଛନ୍ତି। ଛାତ୍ରଙ୍କ ହାତରେ ରୋସନ୍ ସାରଙ୍କ ସମର୍ଥନରେ ପୋଷ୍ଟରେ ମଧ ଦେଖିବାକୁ ମିଳିଥିଲା। ତେବେ ପୋଲିସ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରି ବିକ୍ଷୋଭ ପ୍ରଦର୍ଶନକୁ କିଛି ସମୟ ପାଇଁ ବନ୍ଦ କରିଛି। ରୋଶନ ସାରଙ୍କୁ ଗତକାଲି, ବୁଧବାର ପୋଲିସ ଗିରଫ କରି ଜେଲ ପଠାଇ ଦେଇଥିଲା।

ମୁଁ ମମତା ଦିଦିଙ୍କୁ ବିଧାନସଭା ଆସନ ଛାଡ଼ିଦେବି: ହୁମାୟୁନ

କୋଲକାତା,୪।୬: ଏବେ ଟିଏମସିରେ ମଧ୍ୟ ବିଦ୍ରୋହ ଦେଖାଦେଲାଣି । ଏହାରି ମଧ୍ୟରେ 'ଆମ ଜନତା ଉନ୍ନୟନ ପାର୍ଟି'ର ପ୍ରତିଷ୍ଠାତା ହୁମାୟୁନ କବୀର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ପୁଣିଥରେ ବିଧାନସଭାକୁ ଫେରିବା ପାଇଁ ଏକ ବଡ଼ ପ୍ରସ୍ତାବ ଦେଇଛନ୍ତି। କିଛି ମାସ ପୂର୍ବରୁ ତୃଣମୂଳ କଂଗ୍ରେସରୁ ଅଲଗା ହୋଇ ମମତା ସରକାରଙ୍କ ବିରୋଧରେ ପ୍ରଚାର କରୁଥିବା କବୀରଙ୍କର ଏହି ନୂଆ ଆଭିମୁଖ୍ୟ ଏବେ ସମସ୍ତଙ୍କୁ ଚକିତ କରିଛି । ୨୦୨୬ ବିଧାନସଭା ନିର୍ବାଚନରେ ମୁର୍ସିଦାବାଦ ଜିଲ୍ଲାର ଉଭୟ 'ନୌଦା' ଏବଂ 'ରେଜିନଗର' ଆସନରୁ ହୁମାୟୁନ କବୀର ବିଜୟୀ ହୋଇଛନ୍ତି। ସେ କହିଛନ୍ତି ଯେ, ଯଦି ମମତା ବାନାର୍ଜୀ ବିଧାନସଭାକୁ ଫେରିବାକୁ ଚାହାଁନ୍ତି, ତେବେ ସେ ନିଜର ରେଜିନଗର ଆସନରୁ ଇସ୍ତଫା ଦେବାକୁ ପ୍ରସ୍ତୁତ ଅଛନ୍ତି, ମମତା ସେଠାରୁ ଉପ-ନିର୍ବାଚନ ଲଢ଼ି ଜିତିପାରିବେ।

ବାଂଲାଦେଶରେ ମିଳିମିଳା ତାଣ୍ଡବ: ୬୦୦ରୁ ଅଧିକ ମୃତ୍ୟୁ

ନୂଆଦିଲ୍ଲୀ,୪।୬: ବାଂଲାଦେଶରେ ସ୍ୱାସ୍ଥ୍ୟ ସେବା ପରିସ୍ଥିତି ଅତ୍ୟନ୍ତ ଖରାପ ହେବାରେ ଲାଗିଛି। ଫଳରେ ଲୋକଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ମିଳିମିଳା ମହାମାରୀ ସଂକ୍ରମଣ ସାରା ଦେଶରେ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି, ଯାହା ଜନସାଧାରଣଙ୍କୁ ଗଭୀର ଭୟଭୀତ କରିଦେଇଛି। ବୁଧବାର ଦିନ, ଏହି ବିପଦପୂର୍ଣ୍ଣ ରୋଗରେ ଆଉ ସାତ ଜଣ ନିରୀହ ଶିଶୁଙ୍କ ଦୁଃଖଦ ମୃତ୍ୟୁ ଖବର ପ୍ରକାଶ ପାଇଛି। ଏହି ଭୟଙ୍କର ମହାମାରୀରେ ମୁଖ୍ୟତଃ ନିରୀହ ଶିଶୁମାନଙ୍କ ଜୀବନ ଯାଉଛି। ଏହି ମାରାତ୍ମକ ରୋଗରେ ମୃତ୍ୟୁ ସଂଖ୍ୟା ଏବେ ୬୦୧ ଅତିକ୍ରମ କରିଛି। ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟ ଗତ ୨୪ ଘଣ୍ଟା ମଧ୍ୟରେ ଏହି ନୂତନ ମୃତ୍ୟୁ ବିଷୟରେ ଆନୁଷ୍ଠାନିକ ଭାବରେ ବିସ୍ତୃତ ସୂଚନା ଦେଇଛନ୍ତି। ମେ' ମାସରେ ପରିସ୍ଥିତି ଆହୁରି ଭୟଙ୍କର ହୋଇଯାଇଛି। ଶହ ଶହ ଲୋକ ଯନ୍ତ୍ରଣାରେ ପ୍ରାଣ ହରାଇଛନ୍ତି। ସାରା ଦେଶରେ ଏହି ଭୟଙ୍କର ରୋଗକୁ ଶୀଘ୍ର ନିୟନ୍ତ୍ରଣ କରିବା ପାଇଁ ତୁରନ୍ତ, କଠୋର ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ, ଦେଶରେ ୧,୨୧୦ ନୂତନ ସନ୍ଦିଗ୍ଧ ମାମଲା ଚିହ୍ନଟ ହୋଇଛି। ଏହି ବୃଦ୍ଧି ସହିତ ସନ୍ଦିଗ୍ଧ ମାମଲା ସଂଖ୍ୟା ୭୪,୫୭୨ ରେ ପହଞ୍ଚିଛି। ୫୫ ନୂତନ ମାମଲା ଚିହ୍ନଟ ପରେ ଆକ୍ରାନ୍ତଙ୍କ ସଂଖ୍ୟା ୯,୧୯୧ରେ ପହଞ୍ଚିଛି। ସଦ୍ୟତମ ରିପୋର୍ଟ ଏବଂ ତଥ୍ୟ ଅନୁଯାୟୀ, ଏପର୍ଯ୍ୟନ୍ତ ୯୦ ଜଣଙ୍କ ମୃତ୍ୟୁ ସରକାରୀ ଭାବରେ ନିଶ୍ଚିତ କରାଯାଇଛି।

ଡବ୍ଲୁଏଚ୍‌ଓର ଚେତାବନୀ: ବିଶ୍ୱର ଖାଦ୍ୟ ଥାଳିରେ ବିଷ

ଜେନେଭା,୪।୬: ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍‌ଓ)ବିଶ୍ୱବ୍ୟାପୀ ଖାଦ୍ୟ ଅଭ୍ୟାସ ଏବଂ ଖାଦ୍ୟ ସୁରକ୍ଷା ଉପରେ ଏକ ଭୟଙ୍କର ରିପୋର୍ଟ ପ୍ରକାଶ କରିଛି। ଏହି ରିପୋର୍ଟ ଅନୁଯାୟୀ, ଅସୁରକ୍ଷିତ ଖାଦ୍ୟ, ଅର୍ଥାତ୍ ଅସୁରକ୍ଷିତ ଏବଂ ଦୂଷିତ ଖାଦ୍ୟ, ଏକ ବିଶ୍ୱ ସ୍ୱାସ୍ଥ୍ୟ ସଙ୍କଟ ପାଲଟିଛି, ଯାହା ପ୍ରତିବର୍ଷ ପ୍ରାୟ ୧୪ ଲକ୍ଷ ଲୋକଙ୍କ ଜୀବନ ନେଉଛି। ବିଶ୍ୱର ଖାଦ୍ୟ ଥାଳିରେ ଜହର ଥିବା ନେଇ ଏହି ରିପୋର୍ଟରେ ସତର୍କ କରାଯାଇଛି ଯେ, ଦୂଷିତ ଖାଦ୍ୟ କେବଳ ରୋଗ ସୃଷ୍ଟି କରୁନାହିଁ ବରଂ ବିଶ୍ୱ ଅର୍ଥନୀତିକୁ ମଧ୍ୟ ବଡ଼ କ୍ଷତି ପହଞ୍ଚାଉଛି। ୨୦୦୦ ରୁ ୨୦୨୧ ମଧ୍ୟରେ ୧୯୪ ଟି ଦେଶର ତଥ୍ୟର ପୁଙ୍ଖାନୁପୁଙ୍ଖ ଅଧ୍ୟୟନ ପରେ ଡବ୍ଲୁଏଚ୍‌ଓ ଦ୍ୱାରା ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ତଥ୍ୟ ଅନୁଯାୟୀ, ପ୍ରତିବର୍ଷ ବିଶ୍ୱରେ ପ୍ରାୟ ୮୮.୬ କୋଟି ଲୋକ ଅସୁରକ୍ଷିତ ଖାଦ୍ୟ ଗ୍ରହଣ ଯୋଗୁଁ ଅସୁସ୍ଥ ହେଉଛନ୍ତି। ଏହି ସଂଖ୍ୟା ସୂଚାଇ ଦିଏ ଯେ ବିଶ୍ୱ ଖାଦ୍ୟ ସୁରକ୍ଷା ମାନଦଣ୍ଡରେ ଏବେ ବି ଯଥେଷ୍ଟ ଉନ୍ନତି ଆବଶ୍ୟକ।

ଡବ୍ଲୁଏଚ୍‌ଓ ଏହାକୁ ସାମ୍ପ୍ରତିକ ସମୟର ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜ ମଧ୍ୟରୁ ଗୋଟିଏ ବୋଲି କହିଛି। ଏହି ରିପୋର୍ଟର ସବୁଠାରୁ ଚିନ୍ତାଜନକ ଦିଗ ହେଉଛି ଏହାର ପ୍ରଭାବ ପିଲାମାନଙ୍କ ଉପରେ ଅଧିକ ରହିଛି। ରିପୋର୍ଟରେ କୁହାଯାଇଛି ଯେ, ପାଞ୍ଚ ବର୍ଷରୁ କମ୍ ବୟସର ପିଲାମାନେ ଅନ୍ୟ ବୟସ ଗୋଷ୍ଠୀ ତୁଳନାରେ ଦୂଷିତ ଖାଦ୍ୟରୁ ପ୍ରାୟ ତିନି ଗୁଣା ଅଧିକ ଅସୁସ୍ଥ ହୋଇଥାନ୍ତି। ପିଲାମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଥିବାରୁ, ଜୀବାଣୁ ଏବଂ ଭାଇରସ ସେମାନଙ୍କୁ ଶୀଘ୍ର ଆକ୍ରମଣ କରନ୍ତି। ଅନେକ କ୍ଷେତ୍ରରେ ଏହା ପ୍ରାୟତଃ ଘାତକ ପ୍ରମାଣିତ ହୋଇଥାଏ। ଏହି ଖାଦ୍ୟ ସୁରକ୍ଷା ସଙ୍କଟ ସାରା ବିଶ୍ୱରେ ସମାନ ନୁହେଁ। ରିପୋର୍ଟ ଅନୁଯାୟୀ, ଆଫ୍ରିକା ଏବଂ ଦକ୍ଷିଣ ପୂର୍ବ ଏସିଆ ସବୁଠାରୁ ଅଧିକ ପ୍ରଭାବିତ। ଏହି ଦୁଇଟି ଅଞ୍ଚଳରେ ସାରା ବିଶ୍ୱରେ ହେଉଥିବା ଖାଦ୍ୟଜନିତ ରୋଗର ୭୫ ପ୍ରତିଶତ ଘଟିଥାଏ। ସେହିପରି ବିଶ୍ୱରେ ଘଟୁଥିବା ମୃତ୍ୟୁର ୬୦ ପ୍ରତିଶତ ଏହି ଅଞ୍ଚଳରେ ହୋଇଥାଏ। ଏହି ଅଞ୍ଚଳଗୁଡ଼ିକରେ ପରିମଳ ଅଭାବ ଏବଂ ଖରାପ ଖାଦ୍ୟ ସଂରକ୍ଷଣକୁ ମୁଖ୍ୟ କାରଣ ଭାବରେ ବିବେଚନା କରାଯାଇଥାଏ। ଅଧ୍ୟୟନରୁ ଜଣାପଡିଛି ଯେ, ଅଧିକାଂଶ ରୋଗ ପାଇଁ ଜୀବାଣୁ ଏବଂ ଭାଇରସ ଭଳି ଜୈବିକ କାରଣ ଦାୟୀ। ତେବେ ଅପରିଷ୍କାର ପରିସ୍ଥିତି ଏକମାତ୍ର କାରଣ ନୁହେଁ, ଖାଦ୍ୟରେ ଆର୍ସେନିକ୍ ଏବଂ ସୀସା ଭଳି କ୍ଷତିକାରକ ରାସାୟନିକ ପଦାର୍ଥ ମଧ୍ୟ ବହୁ ସଂଖ୍ୟକ ଗୁରୁତର ରୋଗ ଏବଂ ମୃତ୍ୟୁର କାରଣ ସାଜୁଛି। ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ, ପରିବର୍ତ୍ତନଶୀଳ ପାଗ ଏବଂ ଜଳବାୟୁ ପରିବର୍ତ୍ତନ ଏହି ସଙ୍କଟକୁ ଆହୁରି ସଙ୍କଟ ଜନକ କରୁଛି। ବୃଦ୍ଧି ପାଉଥିବା ତାପମାତ୍ରା ଖାଦ୍ୟକୁ ପ୍ରଦୂଷିତ କରୁଛି। ଏହା ବ୍ୟତୀତ, ଆଣ୍ଟିବାୟୋଟିକ୍ସ ପ୍ରତି ବଢୁଥିବା ପ୍ରତିରୋଧ ଏକ ନୂତନ ସମସ୍ୟା ପାଲଟିଛି। ଯାହା ଦୂଷିତ ଖାଦ୍ୟ ଦ୍ୱାରା ହେଉଥିବା ସଂକ୍ରମଣର ଚିକିତ୍ସାକୁ ପୂର୍ବ ତୁଳନାରେ ଅଧିକ କଷ୍ଟକର କରିଦେଇଛି। ଅସୁରକ୍ଷିତ ଖାଦ୍ୟର ପ୍ରଭାବ କେବଳ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ସୀମିତ ନୁହେଁ। ରିପୋର୍ଟ ଅନୁଯାୟୀ, ୨୦୨୧ ମସିହାରେ ଖାଦ୍ୟଜନିତ ରୋଗ ବିଶ୍ୱ ଅର୍ଥନୀତିକୁ ପ୍ରାୟ ୬୪୭ ବିଲିୟନ ଡଲାର କ୍ଷତି ପହଞ୍ଚାଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିର୍ଦ୍ଦେଶକ-ଜେନେରାଲ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟସସ୍ ଗୁରୁତ୍ୱାରୋପ କରିଛନ୍ତି ଯେ, ସୁରକ୍ଷିତ ଖାଦ୍ୟ ସମସ୍ତଙ୍କର ଅଧିକାର, ଏବଂ ଏହାକୁ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ଦେଶର ସରକାରମାନଙ୍କୁ ଦୃଢ଼ ପଦକ୍ଷେପ ନେବାକୁ ପଡିବ।

ରେଳବାଇରେ ଚାକିରି ଦେବା ନାଁରେ ଠକେଇ

ଦୁଇ ପେଶାଦାର ଠକଙ୍କୁ ଜେଲ ପଠାଗଲା

ଭୁବନେଶ୍ୱର(ନିପ୍ର): ରେଳବାଇରେ ଚାକିରି କରାଇ ଦେବା ନାଁରେ ଜଣେ ଚା' ଦୋକାନୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ଦୁଇଜଣ ପେଶାଦାର ଠକଙ୍କୁ ଗିରଫ କରିଛି। ଗିରଫ ଠକ ଦ୍ୱୟ ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଭୀମଟାଙ୍ଗୀ ଏଲବି-୯୩ର ବିନୋଦାନନ୍ଦ ପାତ୍ର (୪୯) ଓ ଗଞ୍ଜାମ ଭଞ୍ଜନଗରର ବିରେନ କୁମାର ସ୍ୱାଇଁ (୫୩)। ଏନେଇ ବିଦ୍ୟାଧର ଦାସ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ୟୁନିଟ-୧ ମାର୍କେଟ ଅଞ୍ଚଳରେ ଏକ ଚା' ଦୋକାନ ଚଳାନ୍ତି। ସେ ଅଭିଯୁକ୍ତ ବିନୋଦାନନ୍ଦ ପାତ୍ରଙ୍କ ସଂସ୍ପର୍ଶରେ ଆସିଥିଲେ, ଯିଏ ନିଜର କିଛି ସହଯୋଗୀଙ୍କ ମାଧ୍ୟମରେ ରେଲୱେ ବିଭାଗରେ ଚାକିରି କରାଇ ଦେଇପାରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବେକାର ଯୁବକ ଓ ସେମାନଙ୍କ ପରିବାରର ଆଶା ଓ ବିଶ୍ୱାସର ସୁଯୋଗ ନେଇ ଅଭିଯୁକ୍ତମାନେ ରେଳବାଇରେ ଚାକିରି କରାଇ ଦେବା ନାମରେ ବିଭିନ୍ନ ବ୍ୟକ୍ତିଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ବିଶ୍ୱାସ ଜନ୍ମାଇବା ପାଇଁ ସେମାନେ କିଛି ବ୍ୟକ୍ତିଙ୍କୁ ନିଜ ସହଯୋଗୀ ଭାବେ ପରିଚୟ କରାଇବା ସହ ରେଲୱେ ବିଭାଗର ପରିଚୟପତ୍ର ଏବଂ ଅନ୍ୟାନ୍ୟ ଦସ୍ତାବିଜ ଦେଖାଉଥିଲେ। ଅଭିଯୁକ୍ତମାନଙ୍କ କଥାକୁ ସତ ବୋଲି ବିଶ୍ୱାସ କରି ଅଭିଯୋଗକାରୀ ଓ ଅନ୍ୟାନ୍ୟ ଚାକିରି ଆଶାୟୀ ବ୍ୟକ୍ତିମାନେ ସେମାନଙ୍କ ଏବଂ ସେମାନଙ୍କ ସହଯୋଗୀଙ୍କ ବ୍ୟାଙ୍କ ଖାତାକୁ ବହୁ ପରିମାଣର ଟଙ୍କା ପଠାଇଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ, ରେଲୱେ ବିଭାଗରେ ଚାକିରି କରାଇ ଦେବା ଆଳରେ ବିନୋଦାନନ୍ଦ ପାତ୍ର, ବୀରେନ କୁମାର ସ୍ୱାଇଁ, ସୁକାନ୍ତ ବିଶୋୟୀ, ଜାନକୀ ବିଶୋୟୀ ଓ ଅନ୍ୟମାନଙ୍କ ଖାତାକୁ ବହୁ ପରିମାଣର ଟଙ୍କା ଜମା କରାଯାଇଥିଲା। ଏପରିକି ଚାକିରି ପୂର୍ବ ପ୍ରଶିକ୍ଷଣ ନାମରେ ପୀଡ଼ିତମାନଙ୍କୁ ଦିଲ୍ଲୀ, ଭୁସାୱାଲ, ଉତ୍ତରପ୍ରଦେଶ, ମୁମ୍ବାଇ ଏବଂ ବେଙ୍ଗାଲୁରୁ ଭଳି ସ୍ଥାନକୁ ମଧ୍ୟ ପଠାଯାଇଥିଲା। ମାତ୍ର ଟଙ୍କା ନେବା ପରେ ମଧ୍ୟ କାହାକୁ ରେଲୱେ ବିଭାଗରେ ଚାକିରି ମିଳିନଥିଲା। ତଦନ୍ତ ସମୟରେ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇଥିଲା ଏବଂ ବିଭିନ୍ନ ବ୍ୟାଙ୍କ କାରବାର ସମ୍ପର୍କିତ ଦସ୍ତାବିଜ, ପୂର୍ବ ମଧ୍ୟ ରେଳବାଇ ନାମରେ ପ୍ରସ୍ତୁତ ଜାଲ ନିଯୁକ୍ତିପତ୍ର ଏବଂ ତଥାକଥିତ ପ୍ରଶିକ୍ଷଣ ସମ୍ବନ୍ଧୀୟ ଦସ୍ତାବିଜ ଜବତ କରାଯାଇ ଯାଞ୍ଚ କରାଯାଇଥିଲା। ତଦନ୍ତରୁ ସ୍ପଷ୍ଟ ହୋଇଥିଲା ଯେ, ଅଭିଯୁକ୍ତମାନେ ଅନ୍ୟ ସହଯୋଗୀମାନଙ୍କ ସହ ମିଶି ଏକ ସଙ୍ଗଠିତ ଠକେଇ ନେଟୱର୍କ ଗଠନ କରି ରେଲୱେ ବିଭାଗରେ ଚାକିରି କରାଇ ଦେବା ପ୍ରଲୋଭନ ଦେଖାଇ ଲୋକଙ୍କଠାରୁ ବିପୁଳ ଅର୍ଥ ଆଦାୟ କରି ତାହାର ଆତ୍ମସାତ କରୁଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରିବା ସହ ଦୁଇଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନଙ୍କୁ ଗିରଫ କରିବା ଲାଗି ବିଭିନ୍ନ ସମୟରେ ଚଢ଼ାଉ ଜାରି ରଖିଛି।

ଏସ୍‌ସିବି ସର୍ଜରୀ ୱାର୍ଡରେ ଅଗ୍ନିକାଣ୍ଡ

କେବୁଲ ସର୍ଟସର୍କିଟ୍‌ରୁ ଲାଗିଲା ନିଆଁ

କଟକ(ନିପ୍ର): ଏସ୍‌ସିବି ପିଛା ଛାଡୁନି ଅଗ୍ନିକାଣ୍ଡ । ଥରକୁ ଥର ଏସ୍‌ସିବିର ବିଭିନ୍ନ ବିଭାଗରେ ଅଗ୍ନିକାଣ୍ଡ ଘଟୁଥିବା ଦେଖିବାକୁ ମିଳୁଛି। ଯାହା ହସ୍ପିଟାଲର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଗୁରୁବାର କଟକ ଏସ୍‌ସିବି ମେଡିକାଲ ସର୍ଜରୀ ୱାର୍ଡରେ ଅଗ୍ନିକାଣ୍ଡ ଘଟିଥିବା ଦେଖିବାକୁ ମିଳିଛି । ବିଦ୍ୟୁତ ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ଜଣାପଡିଛି । ତେବେ ସେପରି କୌଣସି ବଡ଼ ଅଘଟଣକୁ ରୋକାଯାଇପାରିଛି । ୱାର୍ଡ ଭିତରେ ଥିବା ବିଦ୍ୟୁତ କେବୁଲରେ ସର୍ଟ ସର୍କିଟ୍ ହେବା କାରଣରୁ ଲାଗିଥିଲା ନିଆଁ । ତେବେ ଏସ୍‌ସିବି କର୍ମଚାରୀ ଏବଂ ସୁରକ୍ଷାକର୍ମୀଙ୍କ ତ୍ୱରିତ ପଦକ୍ଷେପ କାରଣରୁ ନିଆଁ ଆୟତ୍ତ ହୋଇପାରିଛି । ଅବଶ୍ୟ ଖବରପାଇ ଦମକଳ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେତେବେଳକୁ ନିଆଁ ଆୟତ୍ତ ହୋଇସାରିଥିବାରୁ କୌଣସି ପ୍ରକାରର କ୍ଷୟକ୍ଷତି ହୋଇନାହିଁ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ବିଦ୍ୟୁତ କେବୁଲ ଉପରେ ଅତ୍ୟଧିକ ଚାପ ପଡୁଥିବା କାରଣରୁ ଏପରି ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି ।

ଜମି ବିକ୍ରି କରିବା ନାଁରେ ୬୨ ଲକ୍ଷ ଠକେଇ

୯ ବର୍ଷ ପରେ ଠକକୁ ବାନ୍ଧିଲା ପୋଲିସ

ଭୁବନେଶ୍ୱର(ନିପ୍ର): ନିଜକୁ ଏକ ଜମିର ମାଲିକ ବୋଲି ପରିଚୟ ଦେଇ ଅଭିଯୋଗକାରୀଙ୍କ ଠାରୁ ଗତ ୯ ବର୍ଷ ତଳେ ୬୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗୁରୁବାର ଜଣେ ଠକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଠକର ନାମ ଅମୀୟ କୁମାର ମହାନ୍ତି (୫୦) ଓ ତାଙ୍କ ଘର ସ୍ଥାନୀୟ ଥାନା ଅନ୍ତର୍ଗତ ପଟିଆ ରଥଗଡା ସାହିରେ ବୋଲି ଜଣାପଡିଛି। ଏନେଇ ମେସର୍ସ ପଟ୍ଟନାୟକ ଆସୋସିଏଟ୍ସ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଅମିୟ କୁମାର ମହାନ୍ତି ନିଜକୁ ପଟିଆ ମୌଜାରେ ଅବସ୍ଥିତ ଏକ ଜମିର ମାଲିକ ଏବଂ ସାଧାରଣ ପାୱାର ଅଫ୍ ଅଟର୍ଣ୍ଣି (ଜିପିଏ) ଧାରକ ବୋଲି ପରିଚୟ ଦେଇଥିଲେ। ସେ ଉକ୍ତ ଜମିର ମୋଟ ଏକର ୦.୫୨ ଡେସିମିଲ ମଧ୍ୟରୁ ଏକର ୦.୩୩ ଡେସିମିଲ ଜମିକୁ ୧ କୋଟି ୪୦ ଲକ୍ଷ ଟଙ୍କା ମୂଲ୍ୟରେ ବିକ୍ରି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଅଭିଯୁକ୍ତଙ୍କ କଥାକୁ ବିଶ୍ୱାସ କରି ଅଭିଯୋଗକାରୀ ୨୦୧୧ ମସିହା ଜୁଲାଇ ୧୯ ତାରିଖରୁ ୨୦୧୫ ମସିହା ଜୁନ ୧ ପର୍ଯ୍ୟନ୍ତ ଆକାଉଣ୍ଟ ପେୟୀ ଚେକ୍ ମାଧ୍ୟମରେ ମୋଟ ୬୨ ଲକ୍ଷ ୬୦ ହଜାର ଟଙ୍କା ଅଗ୍ରୀମ ଭାବେ ଦେଇଥିଲେ। ଅଭିଯୁକ୍ତ ଉକ୍ତ ଟଙ୍କା ପାଇବା ପରେ ମନି ରିସିପ୍ଟ ଦେବା ସହ ସେଲ୍ ଡିଡ୍ କରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଅଭିଯୋଗକାରୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଅଭିଯୁକ୍ତ ସେଲ୍ ଡିଡ୍ କାର୍ଯ୍ୟକାରୀ କରିନଥିଲେ କିମ୍ବା ନେଇଥିବା ଅଗ୍ରିମ ଟଙ୍କା ଫେରାଇନଥିଲେ। ପରେ ୨୦୧୭ ମେ ୫ ତାରିଖରେ ଅଭିଯୁକ୍ତ ଏକ ଏଗ୍ରିମେଣ୍ଟ କରି ୬୨ ଲକ୍ଷ ୬୦ ହଜାର ଟଙ୍କା ନେଇଥିବା କରିଥିବା ସ୍ୱୀକାର କରିଥିଲେ ଏବଂ ଜମି ସେଲ୍ ଡିଡ୍ କରିବେ କିମ୍ବା ଟଙ୍କା ଫେରାଇବେ ବୋଲି ରାଜି ହୋଇଥିଲେ। ତଦନ୍ତରୁ ଆହୁରି ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ନିଜର ମୃତ ମା'ଙ୍କ ଜିପିଏ ଧାରକ ଭାବରେ କାର୍ଯ୍ୟ କରୁଥିବାବେଳେ ଅନ୍ୟ ଛଅ ଜଣ ଲିଗାଲ୍ ହେୟାର ଥିବା ତଥ୍ୟ ଲୁଚାଇ ରଖିଥିଲେ ଏବଂ ଉକ୍ତ ସମ୍ପତ୍ତି ଟ୍ରାନ୍ସଫର କରିବା ପାଇଁ ତାଙ୍କ ପାଖରେ କ୍ଷମତା ନଥିଲା। ଅଭିଯୋଗକାରୀ ବାରମ୍ବାର ଦଲିଲ କାର୍ଯ୍ୟକାରୀ କିମ୍ବା ଟଙ୍କା ଫେରାଇବା ପାଇଁ ଦାବି କରିଥିଲେ ମଧ୍ୟ ଅଭିଯୁକ୍ତ ତାଙ୍କୁ ଏଡ଼ାଇ ଚାଲୁଥିଲେ ଏବଂ ସ୍ଥାନୀୟ ସହଯୋଗୀମାନଙ୍କ ମାଧ୍ୟମରେ ଧମକ ଦେଉଥିବା ମଧ୍ୟ ଜଣାପଡ଼ିଥିଲା। ତଦନ୍ତ ସମୟରେ ସମ୍ପୃକ୍ତ ବ୍ୟାଙ୍କ ଖାତା ବିବରଣୀ, ମନି ରିସିପ୍ଟ, ଚୁକ୍ତିନାମା ଏବଂ ଜମି ସମ୍ବନ୍ଧୀୟ ଅନ୍ୟାନ୍ୟ ଦସ୍ତାବିଜ ଜବତ କରାଯାଇ ଯାଞ୍ଚ କରାଯାଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ଏବଂ ଯାଞ୍ଚ ସମୟରେ ସଂଗୃହୀତ ପ୍ରମାଣରୁ ଅଭିଯୁକ୍ତଙ୍କ ଠକେଇ ଉଦ୍ଦେଶ୍ୟ ପ୍ରମାଣିତ ହୋଇଥିଲା। ଅଧିକ ଯାଞ୍ଚରୁ ଅଭିଯୁକ୍ତ ପୂର୍ବରୁ ମୈତ୍ରୀବିହାର ଥାନାରେ ଏକ ଅନ୍ୟ ମାମଲାରେ ସମ୍ପୃକ୍ତ ଥିବା ଜଣାପଡିଛି।

ସ୍କୁଟି ଚୋରକୁ ଜେଲ୍ ପଠାଗଲା

ଭୁବନେଶ୍ୱର(ନିପ୍ର): ଧଉଳି ଥାନା ପୋଲିସ ଗୁରୁବାର ଜଣେ ସ୍କୁଟି ଚୋରକୁ ଗିରଫ କରି ଜେଲ ପଠାଇଛି। ଗିରଫ ସ୍କୁଟି ଚୋର ଜଣଙ୍କ ହେଉଛନ୍ତି, ନିର୍ମଳ ଦାସ ଓରଫ ପପୁ (୨୫) ଓ ତାଙ୍କ ଘର ଧଉଳି ଥାନା ଅନ୍ତର୍ଗତ ରଘୁନାଥପୁର ଭୋଇସାହିରେ ବୋଲି ଜଣାପଡିଛି। ଏନେଇ ବିକ୍ରମ କେଶରୀ ପ୍ରଧାନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଗୁରୁବାର ଅଭିଯୋଗକାରୀ ତାଙ୍କ ହୋଣ୍ଡା ଆକ୍ଟିଭା ସ୍କୁଟିକୁ ନିଜ ଘର ବାରଣ୍ଡା ସମ୍ମୁଖରେ ପାର୍କିଂ କରି ରଖିଥିଲେ। ଦିନ ପ୍ରାୟ ୧ଟା୩୦ ସମୟରେ ତାଙ୍କ ଭଡ଼ାଟିଆ ଜଣେ ଅଜଣା ବ୍ୟକ୍ତିଙ୍କୁ ଉକ୍ତ ସ୍କୁଟିକୁ ରାସ୍ତାରେ ଗଡ଼ାଇ ନେଉଥିବା ସମ୍ପର୍କରେ ତାଙ୍କୁ ସୂଚନା ଦେଇଥିଲେ। ଏହାପରେ ଅଭିଯୋଗକାରୀ ସ୍ଥାନୀୟ ଲୋକଙ୍କ ସହାୟତାରେ ତୁରନ୍ତ ଘଟଣାସ୍ଥଳକୁ ଯାଇ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚୋରି ହୋଇଥିବା ସ୍କୁଟି ସହ କାବୁ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଧଉଳି ଥାନାରେ ଏତଲା ଦେଇଥିଲେ। ତଦନ୍ତ ସମୟରେ ଚୋରି ହୋଣ୍ଡା ଆକ୍ଟିଭା ସ୍କୁଟିକୁ ଅଭିଯୁକ୍ତଙ୍କ ହେପାଜତରୁ ଜବତ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ଆଖପାଖରେ ଲୋକଙ୍କ ଉପସ୍ଥିତି ନଥିବାର ସୁଯୋଗ ନେଇ ଏବଂ ସ୍କୁଟିର ହ୍ୟାଣ୍ଡେଲ ଲକ୍ ଲାଗି ନଥିବା ଦେଖି ଚୋରି ଉଦ୍ୟମ କରିଥିଲେ। ମାତ୍ର ଅଭିଯୋଗକାରୀ ଏବଂ ସ୍ଥାନୀୟ ଲୋକମାନେ ତାଙ୍କୁ ଫେରାର ହେବା ପୂର୍ବରୁ କାବୁ କରିଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତ ନିଜ ଅପରାଧ ସ୍ୱୀକାର କରିଛନ୍ତି।

ମହିଳାଙ୍କ ମୃତଦେହ ଉଦ୍ଧାର: ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ

ନୟାଗଡ(ନିପ୍ର): ନୟାଗଡ ଜିଲ୍ଲା ଦଶପଲ୍ଲା ଥାନା ଅଧିନ ଘୋଳାହାଣ୍ଡି ପଞ୍ଚାୟତ ନିକଟରୁ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ ଘନିଭୂତ ହୋଇଛି। ଅଭିଯୋଗ ଅନୁଯାୟୀ ଦଶପଲ୍ଲା ଥାନା ଅନ୍ତର୍ଗତ ଘୋଳାହାଣ୍ଡି ପଞ୍ଚାୟତ ନିକଟରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତ ମହିଳା ଜଣକ ହେଲେ ନିରୁପମା ସ୍ୱାଇଁ (୩୫) ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୃତଦେହଟି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବାରୁ, କେହି ଜଣେ ତାଙ୍କୁ ହତ୍ୟା କରି ଏଠାରେ ଫିଙ୍ଗି ଦେଇଥିବା ସ୍ଥାନୀୟ ଲୋକେ ପ୍ରାଥମିକ ଭାବେ ଅନୁମାନ କରିଛନ୍ତି । ଖବରପାଇ ଘଟଣା ସ୍ଥଳରେ ଦଶପଲ୍ଲା ପୋଲିସ ପହଂଚି ଡଗ ସ୍କ୍ୱାଡ ଓ ସାଇଣ୍ଟିଫିକ ଟିମ ମାଧ୍ୟମରେ ଅଧିକ ତଦନ୍ତ ଜାରି ରଖିଛି ।

ପରିତ୍ୟକ୍ତ ସ୍ଥାନରୁ ମହିଳାଙ୍କ ମୃତଦେହ ଉଦ୍ଧାର

ଆସିକା(ନିପ୍ର): ଆସିକା ଥାନା ଅନ୍ତର୍ଗତ ଖଣ୍ଡଦେଉଳି ଗ୍ରାମର ଆମ୍ବୁଆବାଡ଼ି ଯିବା ରାସ୍ତାର ବେଙ୍ଗୋଇବନ୍ଧ ସନିକଟ ବିଲ ନିକଟ ଏକ ପରିତ୍ୟକ୍ତ ସ୍ଥାନରୁ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତ ମହିଳା ଜଣଙ୍କ ହେଲେ ଖଣ୍ଡଦେଉଳି ଗ୍ରାମର ଅନୋଜ ପ୍ରଧାନଙ୍କ ସ୍ତ୍ରୀ ରିତୁ ପ୍ରଧାନ (୩୭)। ଗୁରୁବାର ସକାଳେ ଗ୍ରାମର ମହିଳାମାନେ ସ୍ନାନ କରିବାକୁ ଗଲାବେଳେ ଏହି ମହିଳା ଜଣଙ୍କ ପଡ଼ିଥିବା ଦେଖିବାକୁ ପାଇଥିଲେ । ଗ୍ରାମବାସୀ ପକ୍ଷରୁ ଏହି ଖବର ଆସିକା ପୋଲିସ ଦିଆଯାଇଥିଲା । ଘଟଣା ସ୍ଥଳକୁ ଆସିକା ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନ, ଥାନା ଅଧିକାରୀ ସୁଧୀର କୁମାର ସାହୁ ପ୍ରମୁଖ ପହଞ୍ଚିଥିଲେ । ପୋଲିସ ଛତ୍ରପୁରରୁ ସାଇଣ୍ଟିଫିକ ଟିମର ସହାୟତା ନେଇଥିଲେ । ମୃତଙ୍କ ପରିବାର ପକ୍ଷରୁ ଅଭିଯୋଗକୁ ଭିତ୍ତିକରି ଥାନା କେସ୍ ନମ୍ବର ୧୭/୨୬ରେ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି । ପାରିବାରିକ କଳହରୁ ଆତ୍ମହତ୍ୟା କରିଥିବା ପ୍ରାଥମିକ ଭାବେ ସନ୍ଦେହ କରାଯାଉଛି । ଗତକାଲି ସଂଧ୍ୟା ପ୍ରାୟ ୪ ଘଣ୍ଟା ସମୟରୁ ନିଜ ଘରୁ ରିତୁ କେଉଁଆଡେ ଚାଲିଯାଇଥିଲା ବୋଲି ଅଭିଯୋଗକାରି ପ୍ରକାଶ କରିଛନ୍ତି । ପୋଲିସ ଶବକୁ ଆସିକା ମେଡିକାଲରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ପୋଲିସ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ଅପରପକ୍ଷେ ମୃତ ରିତୁର ଏକ ପୁତ୍ର ସନ୍ତାନ ଅଜା ଘରେ ରହି ଅଧ୍ୟୟନ କରୁଥିବା କୁହାଯାଉଛି । ମା ଚାଲିଗଲା ପରେ ଉକ୍ତ ଶିଶୁର ଭାଗ୍ୟ ଭବିଷ୍ୟତ ଉପରେ ଏକ ପ୍ରକାର ପ୍ରଶ୍ନବାଚୀ ସୃଷ୍ଟି ହେଉଛି ।

ବେଆଇନ ବାଲି ଚାଲାଣ କରି ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ବେଆଇନ ବାଲି ଚାଲାଣ କରୁଥିବା ଅଭିଯୋଗରେ ଧଉଳି ଥାନା ପୋଲିସ ଗୁରୁବାର ଜଣେ ଟ୍ରାକ୍ଟର ଚାଳକଙ୍କୁ ଗିରଫ କରିଛି। ଗିରଫ ଟ୍ରାକ୍ଟର ଚାଳକଙ୍କ ନାମ ତ୍ରିଲୋଚନ ବେହେରା ଓରଫ ଟୁନିଆ (୪୦) ଓ ତାଙ୍କ ଘର ପୁରୀ ଡେଲାଙ୍ଗରେ ବୋଲି ଜଣାପଡିଛି। ଏନେଇ ଧଉଳି ଥାନାର ଏଏସ୍‌ଆଇ ମନ୍ମଥ କୁମାର ବେହେରା ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଗୁରୁବାର ରାତି ୧୨ଟା୫୦ ମିନିଟ୍ ସମୟରେ ଧଉଳି ଥାନା ପୋଲିସ ଟିମ୍ ଟିକରପଡ଼ା ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ ଓ ଗାଡ଼ି ଯାଞ୍ଚ କରୁଥିବା ବେଳେ ବାଲି ବୋଝେଇ ଏକ ଟ୍ରାକ୍ଟରକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଚାଳକ ତ୍ରିଲୋଚନ ବେହେରା ବାଲି ପରିବହନ ସମ୍ବନ୍ଧୀୟ କୌଣସି ବୈଧ ଦସ୍ତାବିଜ, ମାଇନିଂ ପରମିଟ୍, ଟ୍ରାଞ୍ଜିଟ୍ ପାସ୍ କିମ୍ବା କ୍ଷୁଦ୍ର ଖଣିଜ ପଦାର୍ଥ ପରିବହନ ପାଇଁ ଆବଶ୍ୟକ 'ୱାଇ' ଫର୍ମ ଦାଖଲ କରିପାରିନଥିଲେ। ଫଳରେ ଉକ୍ତ ବାଲି ବୋଝେଇ ଟ୍ରାକ୍ଟର ଓ ଟ୍ରଲିକୁ ଜବତ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ କୌଣସି ବୈଧ ଅନୁମତି, ଲାଇସେନ୍ସ କିମ୍ବା ପରମିଟ୍ ବିନା ବେଆଇନ ଭାବେ ବାଲି ପରିବହନ କରୁଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତ ପ୍ରକାଶ କରିଥିଲେ ଯେ, ଟ୍ରାକ୍ଟରର ପଞ୍ଜୀକୃତ ମାଲିକଙ୍କ ସ୍ୱାମୀ ଅଶ୍ୱିନୀ ମଙ୍ଗରାଜଙ୍କ ନିର୍ଦ୍ଦେଶରେ ସେ ବାଲି ପରିବହନ କରୁଥିଲେ ଏବଂ ଏପରି ବେଆଇନ ବାଲି ପରିବହନ ପୂର୍ବରୁ ମଧ୍ୟ ଏକାଧିକ ଥର କରାଯାଇଥିଲା। ତଦନ୍ତରୁ ଆହୁରି ସ୍ପଷ୍ଟ ହୋଇଥିଲା ଯେ, ଏପରି ବେଆଇନ ଖନନ ଓ ପରିବହନ ଯୋଗୁଁ ସରକାରୀ ରାଜସ୍ୱର କ୍ଷତି ଘଟୁଥିଲା। ଅଭିଯୁକ୍ତଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହେବାରୁ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

ବେରୁଆ ତାଡି ଦୁଇଘରୁ ସୁନା ସହ ଟଙ୍କା ଚୋରି

କାଶୀନଗର(ନିପ୍ର): କାଶୀନଗର ଥାନା ଅନ୍ତର୍ଗତ ଭୂପତି ଲକ୍ଷ୍ମୀପୁର ଗ୍ରାମରେ ଏକ ବଡ଼ ଧରଣ ଚୋରି ହୋଇଛି । ଗତକାଲି ରାତିରେ ସେହି ଗ୍ରାମ ନିବାସୀ କର୍ଣ୍ଣମ ରାମୁ ସବୁଦିନ ଭଳି ଘରର ସ୍ଲାପ ଉପରେ ଶୋଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ତାଙ୍କ ଘରେ ପଶି ଗୋଡ଼ରେଜ ବେରୁଆ ତାଡି ପ୍ରାୟ ଦୁଇ ତୋଳା ସୁନା ଗହଣା ଚୋରିକରି ସ୍ଲାପ ଉପର ପାରାଫିଟ କାନ୍ଥ ଡେଇଁ ପଡିଶା ଘରେ ପଶିଥିଲେ । ଦୁର୍ବୃତ୍ତ ମାନେ ପଡୋଶୀ ଦଡ଼ି ରବି ଘର ଭିତରେ ପ୍ରବଳ ଗରମ ହେଉଥିବାରୁ ସେମାନେ ଦାଣ୍ଡପିଣ୍ଡାରେ ଶୋଇଥିଲେ । ଯାହାର ସୁଯୋଗ ନେଇ ତାଙ୍କର ମଧ ଗଡ଼ରେଜ ବେରୁଆ ତାଡି ସାତ ତୋଳା ସୁନା ସହ ୨୬ ହଜାର ଟଙ୍କା ଚୋରିକରି ଚମ୍ପଟ ମାରିଥିଲେ । କାଶୀନଗର ଥାନା ଅଧିକାରୀ ସୂଚନା ପାଇ ତୁରନ୍ତ ସେହି ଗ୍ରାମରେ ପହଂଚି ଅନୁସନ୍ଧାନ ଜାରି ରଖିବା ସହ ସାଇଣ୍ଟିଫିକ ଟିମ୍ ଅଫିସର ସୌମ୍ୟ ମହାପାତ୍ରଙ୍କ ସହଯୋଗରେ ଅଧିକା ତଦନ୍ତ ଚାଲୁ ରଖିଥିବା ଥାନା ଅଧିକାରୀ ଶ୍ରୀ ସେଠୀ ସୂଚନା ଦେଇଛନ୍ତି ।

କାଳଷଣ୍ଡପୁରଠାରେ ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ଆସିକା(ନିପ୍ର): ଆସିକା ଥାନା ଖଣ୍ଡଦେଉଳି ନୂଆଗାଁ ଗ୍ରାମର ରବୀନ୍ଦ୍ର ଦାସ (୪୩) ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଆସିକା ଥାନା କେସ ନମ୍ବର ୧୮/୨୬ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଥାଉକି ଗୁରୁବାର ଆସିକା ଥାନା ଖଣ୍ଡଦେଉଳି ନୂଆଗାଁ ଗ୍ରାମର ରବୀନ୍ଦ୍ର ଦାସ କୌଣସି ଏକ କାମରେ ଦିନ ୧୧ଘଣ୍ଟ ସମୟରେ ନିଜ ଶ୍ୱଶୁର ଘର ଡାକବାଜି ଗ୍ରାମକୁ ଯାଉଥିବା ସମୟରେ କାଳଷଣ୍ଡପୁର ଆରିୟାନ ପବ୍ଲିକସ୍କୁଲ ଠାରେ ହେଉଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ହଠାତ ଅଚେତ ହୋଇ ପଡିଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କ ମୃତ୍ୟୁ ଘୋଷଣା କରିଥିଲେ। ଏନେଇ ରବୀନ୍ଦ୍ର ଦାସଙ୍କ ପୁଅ ଓମଶ୍ରୀ ଦାସ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଆସିକା ପୋଲିସ ମାମଲା ରୁଜୁକରି ଶବ ଜବତ କରି ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି।

ସାପ କାମୁଡ଼ାରେ ଯୁବକ ଗୁରୁତର

ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳି ଥାନା ସୋମପୁର ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ସାପ କାମୁଡ଼ାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣଙ୍କ ହେଲେ ହିଞ୍ଜିଳି ଥାନା ସୋନପୁର ରୁଖି ସାହିର ପବିତ୍ର କୁମାର ଗୌଡ (୪୭) । ପରିବାର ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବର ଲେଖା ହେବା ସୁଦ୍ଧା ଆହତ ଯୁବକ ଜଣଙ୍କ ହିଞ୍ଜିଳିକାଟୁ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ସାପ ଓ ଜୀବଜନ୍ତୁ ଭୟରେ ଯୁବକ ଜଣଙ୍କ ଗୁରୁବାର ସନ୍ଧ୍ୟାରେ ଘର ସମ୍ମୁଖରେ ଥିବା ଅନବନା ଘାସ ଓ ଗଛଗୁଡ଼ିକୁ ସଫା କରୁଥିଲେ। ସେହି ସମୟରେ ଏକ ସାପ ଆସି ଯୁବକଙ୍କ ଗୋଡ଼କୁ କାମୁଡି ଦେଇଥିଲା। ଯୁବକଙ୍କ ଚିତ୍କାର ଶୁଣି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

କାଠଯୋଡିରୁ ମିଳିଲା ଡାକ୍ତରୀ ଛାତ୍ରୀଙ୍କ ମୃତଦେହ

ବ୍ରିଜ୍ ଉପରୁ ମିଳିଲା ବ୍ୟାଗ୍ ଓ ଚପଲ

କଟକ(ନିପ୍ର): କାଠଯୋଡିରୁ ମିଳିଛି ଜଣେ ଯୁବତୀଙ୍କ ମୃତଦେହ । କଟକ ତ୍ରିଶୁଳିଆ ସୁଭାଷ ସେତୁ ନିକଟ କାଠଯୋଡ଼ିରୁ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ବାଲେଶ୍ୱର ସରକାରୀ ମେଡିକାଲ କଲେଜର ଶେଷ ବର୍ଷର ଛାତ୍ରୀ। ମୃତକଙ୍କ ଘର ମୟୂରଭଞ୍ଜ ଜିଲ୍ଲା ଉଦଳା ଅଂଚଳରେ ବୋଲି ଜଣାପଡିଛି । ଖବର ଅନୁଯାୟୀ, ସେତୁ ଉପରେ ବ୍ୟାଗ ଓ ଚପଲ ପଡ଼ିଥିବା ସକାଳୁ ମର୍ଣ୍ଣିଂୱାକ୍ କରୁଥିବା ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ବାରଙ୍ଗ ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଯୁବତୀଙ୍କ ମୃତଦେହ ଉଦ୍ଧାରକରି କଟକ ବଡ଼ମେଡ଼ିକାଲ ପଠାଇଥିଲେ । ତାଙ୍କ ବ୍ୟାଗରୁ ମିଳିଥିବା ଡକ୍ଟର ପ୍ରେସକ୍ରିପସନରୁ ସେ ଚନ୍ଦ୍ରିକା ହେମ୍ବ୍ରମ ଏବଂ ତାଙ୍କ ବୟସ ୨୮ ବର୍ଷ ବୋଲି ଜଣାପଡିଥିଲା। ବ୍ୟାଗରୁ ପୋଲିସ ଗୋଟିଏ ମୋବାଇଲ ପାଇ ମୃତକଙ୍କ ପରିବାର ସହ ଯୋଗାଯୋଗ କରିଥିଲା। ସେତୁ ଉପରୁ ଯୁବତୀ ଜଣକ ନଦୀ ପାଣିକୁ ଡେଇଁ ପଡ଼ିଥିବା ଲୋକେ କହୁଥିବା ବେଳେ ଯୁବତୀ ଜଣଙ୍କ ସେତୁରୁ ଡେଉଁ ପଡିଛନ୍ତି ନାଁ କେହି ତାଙ୍କୁ ମାରି ଫିଙ୍ଗି ଦେଇଛି ଉଭୟ ଦିଗକୁ ନେଇ ତଦନ୍ତ କରୁଛି ପୋଲିସ। ତେବେ କେଉଁ ପରିସ୍ଥିତିରେ ଯୁବତୀ ଜଣକ ଏଠାକୁ ଆସିଲେ ଓ ଯଦି ଆତ୍ମହତ୍ୟା କରୁଥିବେ ଏହି ସ୍ଥାନକୁ କାହିଁକି ବାଛିଲେ ଏପରି ଅନେକ ଦିଗକୁ ନେଇ ପୋଲିସ ଅନୁସନ୍ଧାନ ଚଳାଇଛି । ତେବେ ପ୍ରେମ ବ୍ୟାପାରକୁ ନେଇ ଏଭଳି ଘଟଣା ଘଟି ଥାଇପାରେ ବୋଲି ସନ୍ଦେହ କରାଯାଉଛି। ତେବେ ମୃତକଙ୍କ ପରିବାର ପକ୍ଷରୁ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି।

ନାବାଳିକା ଅପହରଣ ଅଭିଯୋଗ

ପିପିଲି(ନିପ୍ର): ବଲଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ବଜାରକୁ ଡ୍ରେସ୍ ସିଲେଇ କରିବାକୁ ଯାଇଥିବା ଜଣେ ନାବାଳିକାକୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଥାନାରେ ୧୭୦/୨୬ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି । ସୂଚନା ମୁତାବକ ଗତ ମାସ ୯ ତାରିଖ ଦିନ ନାବାଳିକା ଜଣଙ୍କ ଘର ନିକଟରେ ଥିବା ଛକକୁ ଡ୍ରେସ୍ ସିଲେଇ କରିବାକୁ ଯାଇ ଆଉ ଘରକୁ ଫେରିନଥିଲା। ପରିବାର ଲୋକେ ବହୁତ ଖୋଜାଖୋଜି କରି ନିରାଶ ହେଇଥିଲେ। ଗତ କିଛିଦିନ ତଳେ ନାବାଳିକା ଜଣଙ୍କ ଘରକୁ ଫୋନକରି ସେ ବାଲେଶ୍ୱର ଜିଲ୍ଲାକୁ ଆସିଥିବା ବେଳେ ସେ ରହୁଥିବା ଗାଁର ନାମ ଜାଣିନଥିବା କହିବା ସହ ଏଠାରୁ ତାକୁ ଉଦ୍ଧାର କରିବାକୁ କହିଥିଲେ । ପରେ ପରିବାର ଲୋକେ ସ୍ଥାନୀୟ ସରପଞ୍ଚଙ୍କ ସହିତ ଜୟନ୍ତଙ୍କ ଘରେ ପହଞ୍ଚିବା ପରେ ଜୟନ୍ତ ତାଙ୍କ ଝିଅକୁ ଭଲ ପାଇ ବିବାହ କରିବାକୁ ନେଇ ଆସିଛି ବୋଲି କହିଥିଲା। ଜୟନ୍ତଙ୍କ ପରିବାର ୪ଦିନ ପରେ ସେମାନେ ନାବାଳିକାକୁ ଆଣି ପରିବାର ଲୋକଙ୍କ ଘରେ ଛାଡ଼ିଦେବେ ବୋଲି କହିଥିଲେ। ପରିବାର ଲୋକେ ସେଠାରୁ ଆସିବା ପରେ ନାବାଳିକା ତାଙ୍କ ଘରେ ନ ଥିବା ନେଇ ଫୋନ ଯୋଗେ ନାବାଳିକା ପରିବାରକୁ କହିଥିଲେ। ନାବାଳିକା ଜୀବନ ପ୍ରତି ବିପଦ ଥିବା ଓ ତାକୁ ଉଦ୍ଧାର ପାଇଁ ନାବାଳିକର ବାପା ଥାନାରେ ଅଭିଯୋଗ କରିଛନ୍ତି।

ଫର୍ମ ନଂ. INC-୨୬

(କମ୍ପାନୀ (ନିବନ୍ଧନ) ନିୟମାବଳୀ, ୨୦୧୪ ର ନିୟମ ୩୦ ଅନୁଯାୟୀ)

କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟକୁ ଏକ ରାଜ୍ୟରୁ ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର ପାଇଁ ଖବରକାଗଜରେ ପ୍ରକାଶ କରାଯିବାକୁ ଥିବା ବିଜ୍ଞାପନ

କେନ୍ଦ୍ର ସରକାରଙ୍କ ସମ୍ମୁଖରେ
ଦକ୍ଷିଣ-ପୂର୍ବାଞ୍ଚଳ କ୍ଷେତ୍ର

କମ୍ପାନୀ ଅଧିନିୟମ, ୨୦୧୩ ର ଧାରା ୧୩(୪)
ଏବଂ କମ୍ପାନୀ (ନିବନ୍ଧନ) ନିୟମାବଳୀ, ୨୦୧୪ର
ନିୟମ ୩୦(୬)(କ) ସମ୍ବନ୍ଧରେ

ଏବଂ

"୭୯ PM LOZICX PRIVATE LIMITED" କମ୍ପାନୀ ସମ୍ବନ୍ଧରେ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ରୟାଲ ଲାଗୁନ, ଟି-୧, ଫ୍ଲାଟ୍ ନଂ.୧୧୦୪, ରଘୁନାଥପୁର, ନିୟୁ ନନ୍ଦନକାନନ ରୋଡ, ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା, ଭାରତ-୭୫୧୦୨୪ ଠାରେ ଅବସ୍ଥିତ, ଆବେଦନକାରୀ।

ଏତଦ୍ୱାରା ସାଧାରଣ ଜନସାଧାରଣଙ୍କୁ ସୂଚିତ କରାଯାଉଛି ଯେ, କମ୍ପାନୀଟି କମ୍ପାନୀ ଅଧିନିୟମ, ୨୦୧୩ ର ଧାରା ୧୩ ଅନୁଯାୟୀ ତାହାର ସଂଘ ସ୍ମାରକପତ୍ର (Memorandum of Association) ରେ ସଂଶୋଧନ ଅନୁମୋଦନ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିବାକୁ ପ୍ରସ୍ତାବ ରଖିଛି। ଏହି ସଂଶୋଧନ ୨୫ ମେ, ୨୦୨୬ ରେ ଅନୁଷ୍ଠିତ ଅସାଧାରଣ ସାଧାରଣ ସଭାରେ ଗୃହୀତ ବିଶେଷ ପ୍ରସ୍ତାବ ଅନୁଯାୟୀ କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟକୁ "ଓଡ଼ିଶା ରାଜ୍ୟରୁ ରାଜସ୍ଥାନ ରାଜ୍ୟକୁ" ସ୍ଥାନାନ୍ତର କରିବା ପାଇଁ କରାଯାଉଛି।

ପ୍ରସ୍ତାବିତ ଏହି ସ୍ଥାନାନ୍ତର ଦ୍ୱାରା ଯେକୌଣସି ବ୍ୟକ୍ତିଙ୍କ ସ୍ୱାର୍ଥ ପ୍ରଭାବିତ ହେବାର ସମ୍ଭାବନା ଥାଇଥିଲେ, ସେ ତାଙ୍କର ସ୍ୱାର୍ଥର ପ୍ରକୃତି ଏବଂ ବିରୋଧର ଆଧାର ଉଲ୍ଲେଖ କରି ସପଥପତ୍ର (Affidavit) ସହିତ ତାଙ୍କର ଆପତ୍ତି ପ୍ରକାଶ କରିପାରିବେ। ଏହି ଆପତ୍ତି ଏହି ବିଜ୍ଞପ୍ତି ପ୍ରକାଶନ ତାରିଖରୁ ଚଉଦ (୧୪) ଦିନ ମଧ୍ୟରେ ରେଜିଷ୍ଟର୍ଡ ପୋଷ୍ଟ ମାଧ୍ୟମରେ ନିମ୍ନଲିଖିତ ଠିକଣାରେ ଥିବା ଆଞ୍ଚଳିକ ନିର୍ଦ୍ଦେଶକଙ୍କ ନିକଟକୁ ପଠାଇବେ ଏବଂ ଏହାର ଏକ ପ୍ରତି କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟକୁ ମଧ୍ୟ ପଠାଇବେ:

ଆଞ୍ଚଳିକ ନିର୍ଦ୍ଦେଶକ
ତୃତୀୟ ମହଲା, କର୍ପୋରେଟ୍ ଭବନ,
ସେଣ୍ଟ୍ରାଲ୍ ୱାଟର ବୋର୍ଡ ନିକଟରେ,
ବଣ୍ଡଲାଗୁଡା, ଥାଟି ଅନ୍ନାରାମ ଗ୍ରାମ,
ହାୟନ୍‌ଗର ମଣ୍ଡଳ, ନାଗୋଲେ,
ହାଇଦ୍ରାବାଦ – ୫୦୦୦୬୮, ତେଲେଙ୍ଗାନା
(ଦକ୍ଷିଣ-ପୂର୍ବାଞ୍ଚଳ କ୍ଷେତ୍ର)

ଆବେଦନକାରୀଙ୍କ ପକ୍ଷରୁ ଓ ନିମନ୍ତେ
୭୯PM LOZICX PRIVATE LIMITED
ପୁଷ୍ପେନ୍ଦ୍ର ଖଣ୍ଡେଲୱାଲ
(ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ)
DIN: ୦୯୮୨୫୬୮୫

ତାରିଖ: ୦୪-୦୬-୨୦୨୬
ସ୍ଥାନ: ଭୁବନେଶ୍ୱର

'ରାଜ୍ୟସ୍ତରୀୟ ଉପକୂଳ ସୁରକ୍ଷା ସମ୍ମିଳନୀ-୨୦୨୬'

ଉପକୂଳ ସୁରକ୍ଷାକୁ ଆହୁରି କଡ଼ାକଡ଼ି କରାଯିବ: ଡିଜିପି

ଭୁବନେଶ୍ୱର(ନିପ୍ର): ଓଡ଼ିଶା ପୋଲିସର ଉପକୂଳ ସୁରକ୍ଷା ଶାଖା ପକ୍ଷରୁ ଗୁରୁବାର ପୋଲିସ ଭବନଠାରେ "ରାଜ୍ୟସ୍ତରୀୟ ଉପକୂଳ ସୁରକ୍ଷା ସମ୍ମିଳନୀ-୨୦୨୬" ଆୟୋଜିତ ହୋଇଯାଇଛି। "ଉପକୂଳ ସୁରକ୍ଷା ବ୍ୟବସ୍ଥା: ସମସ୍ୟା, ସମାଧାନ ଓ ଆଗାମୀ ପଦକ୍ଷେପ" ଶୀର୍ଷକକୁ ନେଇ ଆୟୋଜିତ ଏହି ସମ୍ମିଳନୀରେ ଉପକୂଳ ସୁରକ୍ଷା ବ୍ୟବସ୍ଥାର ବର୍ତ୍ତମାନ ସ୍ଥିତି, ପ୍ରମୁଖ ଚ୍ୟାଲେଞ୍ଜ, ସମ୍ଭାବ୍ୟ ସମାଧାନ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ସମ୍ମିଳନୀକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ନିଜ ଅଭିଭାଷଣରେ ସେ କହିଥିଲେ ଯେ, ଉପକୂଳ ସୁରକ୍ଷା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ। ରାଜ୍ୟର ଅର୍ଥନୈତିକ ବିକାଶ, ସାମୁଦ୍ରିକ ବାଣିଜ୍ୟ ଏବଂ ଜନସୁରକ୍ଷା ସହ ଏହା ନିବିଡ଼ ଭାବେ ସମ୍ପୃକ୍ତ। ଓଡ଼ିଶାର ୫୭୪.୭ କିଲୋମିଟର ଦୀର୍ଘ ଉପକୂଳ ଏବଂ ପାରାଦୀପ, ଧାମରା ଓ ଗୋପାଳପୁର ଭଳି ପ୍ରମୁଖ ବନ୍ଦରଗୁଡ଼ିକ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାରୁ ଉପକୂଳ ଅଞ୍ଚଳର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି ବୋଲି ସେ ମତପ୍ରକାଶ କରିଥିଲେ। ଡିଜିପି ଶ୍ରୀ ଖୁରାନିଆ କହିଥିଲେ ଯେ, ଉପକୂଳ ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ପୋଲିସ ଗତ କିଛି ବର୍ଷ ମଧ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ବର୍ତ୍ତମାନ ଉପକୂଳ ଅଞ୍ଚଳରେ ଥିବା ୧୮ଟି ମେରାଇନ ପୋଲିସ ଥାନାରେ ୭୦୦ରୁ ଅଧିକ ପୋଲିସ କର୍ମଚାରୀ ନିୟୋଜିତ ଅଛନ୍ତି। ଏହାସହ ୧୫ଟି ଫାଷ୍ଟ ଇଣ୍ଟରସେପ୍ଟର ବୋଟ୍, ୫ଟି ଡ୍ରୋନ୍ ଏବଂ ୫ଟି ଭଡ଼ା ଟ୍ରଲର ମାଧ୍ୟମରେ ସାମୁଦ୍ରିକ ପାଟ୍ରୋଲିଂକୁ ସୁଦୃଢ଼ କରାଯାଇଛି। ଭୁବନେଶ୍ୱରରେ ଅବସ୍ଥାପିତ ଥିବା କମାଣ୍ଡ, କଣ୍ଟ୍ରୋଲ ଓ ଟ୍ରେନିଂ ସେଣ୍ଟର ଉପକୂଳ ସୁରକ୍ଷା କାର୍ଯ୍ୟକଳାପର ସମନ୍ୱୟ ଏବଂ ନିରୀକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ସେହିପରି 'ନାଭାମିତ୍ର' ଆପ୍ ମାଧ୍ୟମରେ ମାଛଧରା ଡଙ୍ଗାଗୁଡ଼ିକର ଗତିବିଧି ଉପରେ ନଜର ରଖାଯାଉଛି ଏବଂ ଅବସରପ୍ରାପ୍ତ ନୌସେନା ଓ ତଟରକ୍ଷୀ ବାହିନୀର ଅଧିକାରୀମାନଙ୍କ ସେବାକୁ ମଧ୍ୟ ଏହି ବ୍ୟବସ୍ଥାରେ ସାମିଲ କରାଯାଇଛି। ସେ ଆହୁରି ସୂଚନା ଦେଇଥିଲେ ଯେ, ଆଗାମୀ ଦିନରେ ଉପକୂଳ ସୁରକ୍ଷାକୁ ଅଧିକ ଆଧୁନିକ ଓ ପ୍ରଭାବଶାଳୀ କରିବା ନିମନ୍ତେ ୧୦ଟି ନୂତନ ଫାଷ୍ଟ ଇଣ୍ଟରସେପ୍ଟର ବୋଟ୍, ଅତିରିକ୍ତ ଟ୍ରଲର, ମିନି କଣ୍ଟ୍ରୋଲ ସେଣ୍ଟର, ମାଛଧରା ବନ୍ଦର ଏବଂ ଫିଶ୍ ଲ୍ୟାଣ୍ଡିଂ ସେଣ୍ଟରଗୁଡ଼ିକରେ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା, ମଡ୍ୟୁଲାର ଜେଟି ଏବଂ ଆଧୁନିକ ଆଣ୍ଟି-ଡ୍ରୋନ୍ ପ୍ରଣାଳୀ ସ୍ଥାପନ କରାଯିବ। ସେ କହିଥିଲେ ଯେ, ଉପକୂଳ ସୁରକ୍ଷାକୁ ଆହୁରି ମଜବୁତ କରିବା ପାଇଁ ବିଭିନ୍ନ ସଂସ୍ଥା ମଧ୍ୟରେ ଉତ୍ତମ ସମନ୍ୱୟ, ଆଧୁନିକ ପ୍ରଯୁକ୍ତିର ଦକ୍ଷ ବ୍ୟବହାର ଏବଂ ମତ୍ସ୍ୟଜୀବୀ ସମୁଦାୟଙ୍କ ସକ୍ରିୟ ସହଯୋଗ ଅତ୍ୟନ୍ତ ଆବଶ୍ୟକ। କାର୍ଯ୍ୟକ୍ରମରେ ଡିଜିପି (କାରାଗାର ଓ ସଂସ୍କାର ସେବା) ସୁଶାନ୍ତ କୁମାର ନାଥ, ଡିଜିପି (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିରିକ୍ତ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସମ୍ମିଳନୀର ଉଦ୍ଦେଶ୍ୟ, ସମୁଦ୍ର ଏବଂ ତଟବର୍ତ୍ତୀ ଅଞ୍ଚଳର ସୁରକ୍ଷା ସମ୍ବେଦନଶୀଳ ସ୍ଥାନଗୁଡ଼ିକର ଚିହ୍ନଟ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଏଆଇଜି(ଉପକୂଳ ସୁରକ୍ଷା) ସତ୍ୟଜିତ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସୁରକ୍ଷା ଏବଂ ପ୍ରଶାସନିକ ସଂସ୍ଥାର ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ପୂର୍ବାହ୍ନ ଅଧିବେଶନରେ ଗୃହ ମନ୍ତ୍ରଣାଳୟ, ନୂଆଦିଲ୍ଲୀର କୋଷ୍ଟାଲ୍ ସିକ୍ୟୁରିଟି ଏବଂ ବର୍ଡର ମ୍ୟାନେଜମେଣ୍ଟ ବିଭାଗର କମାଣ୍ଡାଣ୍ଟ ଉଦୟ କୁମାର ଚୌଧୁରୀ ଭାରତର ଉପକୂଳ ସୁରକ୍ଷା ବ୍ୟବସ୍ଥାର ବର୍ତ୍ତମାନ ସ୍ଥିତି ଓ ନୀତିଗତ ଦିଗ ଉପରେ ଆଲୋଚନା କରିଥିଲେ। ସେହିପରି ଇଣ୍ଟେଲିଜେନ୍ସ ବ୍ୟୁରୋ, ନୂଆଦିଲ୍ଲୀର ଯୁଗ୍ମ ଉପ-ନିର୍ଦ୍ଦେଶକ ଶ୍ରୀ ମନୀଷ କୁମାର ବର୍ମା ଉପକୂଳ ସୁରକ୍ଷା କ୍ଷେତ୍ରର ପ୍ରମୁଖ ଚ୍ୟାଲେଞ୍ଜ ଏବଂ ଆଗାମୀ କାର୍ଯ୍ୟପନ୍ଥା ଉପରେ ମତବ୍ୟକ୍ତ କରିଥିଲେ। ଅପରାହ୍ନ ଅଧିବେଶନରେ ଭାରତୀୟ ତଟରକ୍ଷୀ ବାହିନୀର ପୂର୍ବ-ଉତ୍ତର ଆଞ୍ଚଳିକ ମୁଖ୍ୟାଳୟ, କୋଲକାତାର ଡିଆଇଜି ଏବଂ ଚିଫ୍ ଷ୍ଟାଫ୍ ଅଫିସର ପଙ୍କଜ ବର୍ମା ଆଧୁନିକ ପ୍ରଯୁକ୍ତି ଓ ଇଲେକ୍ଟ୍ରୋନିକ୍ ନିରୀକ୍ଷଣ ପ୍ରଣାଳୀ ମାଧ୍ୟମରେ ଉପକୂଳ ସୁରକ୍ଷାକୁ କିପରି ଅଧିକ ସୁଦୃଢ଼ କରାଯାଇପାରିବ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ସିଆଇଏସଏଫ୍, କୋଚିର ଉପ-କମାଣ୍ଡାଣ୍ଟ ସିଦ୍ଧାର୍ଥ ପଲ ବନ୍ଦର ଏବଂ ଏସ୍‌ପିଏମ୍ ସୁରକ୍ଷା ସମ୍ବନ୍ଧୀୟ ବିପଦ ଓ ପରିଚାଳନାଗତ ଚ୍ୟାଲେଞ୍ଜ ଉପରେ ଆଲୋକପାତ କରିଥିଲେ। କେରଳ ପୋଲିସର ଇନ୍ସପେକ୍ଟର ଶ୍ରୀ ଭିବିନ ମତ୍ସ୍ୟଜୀବୀ ସମୁଦାୟଙ୍କୁ ଉପକୂଳ ସୁରକ୍ଷା ବ୍ୟବସ୍ଥାରେ ସାମିଲ କରିବା ସମ୍ବନ୍ଧୀୟ କେରଳ ରାଜ୍ୟର ଅନୁଭୂତି ଏବଂ ସଫଳ ଅଭ୍ୟାସଗୁଡ଼ିକ ଉପସ୍ଥାପନ କରିଥିଲେ। ସମ୍ମିଳନୀରେ ଉପସ୍ଥାପିତ ବିଭିନ୍ନ ପ୍ରସ୍ତାବ, ଅନୁଭୂତି ଓ ସୁପାରିଶଗୁଡ଼ିକ ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଦକ୍ଷ, ସମନ୍ୱିତ ଓ ପ୍ରଭାବଶାଳୀ କରିବାରେ ସହାୟକ ହେବ ବୋଲି ଆଶା ପ୍ରକାଶ କରାଯାଇଥିଲା।

ସୂର୍ଯ୍ୟମନ୍ଦିର ଓ ବ୍ୟାଖ୍ୟାନ କେନ୍ଦ୍ର ବୁଲିଲେ ବ୍ରିକ୍ସ ପ୍ରତିନିଧି ମଣ୍ଡଳୀ

କୋଣାର୍କ,୪/୬ : ଗୁରୁବାର ଅପରାହ୍ନରେ ବ୍ରିକ୍ସ ଦେଶର ପ୍ରତିନିଧି ମଣ୍ଡଳୀ କୋଣାର୍କ ଆଇଓଏଫ ବ୍ୟାଖ୍ୟାନ କେନ୍ଦ୍ର ଓ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି । ଋଷ, ଭାରତ, ଚୀନ, ବ୍ରାଜିଲ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ଇଣ୍ଡୋନେସିଆ ଆଦି ଦେଶର ପ୍ରତିନିଧିମାନେ ଗୁରୁବାର ଅପରାହ୍ନରେ ଏଠାରେ ପହଂଚିବା ପରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପରେ ସମସ୍ତ ବିଦେଶୀ ପ୍ରତିନିଧି ସୂର୍ଯ୍ୟ ମନ୍ଦିର ବୁଲିଥିଲେ । ସ୍ୱୀକୃତିପ୍ରାପ୍ତ ଗାଇଡ ବିଶେଶ୍ୱର ଦାଶ, ପ୍ରଦୀପ୍ତ ମଲ୍ଲ, ଆଭାସ ମହାନ୍ତି ସୂର୍ଯ୍ୟ ମନ୍ଦିର ଇତିହାସ ସମ୍ପର୍କରେ ବୁଝାଇଥିଲେ । ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ, ଉପ ଜିଲ୍ଲାପାଳ ରାଜକିଶୋର ଜେନା, ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, କୋଣାର୍କ ଆଇଆଇସି ପ୍ରଶାନ୍ତ କୁମାର ପଢିୟାରୀ, ବିଭିନ୍ନ ବିଭାଗୀୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

ସ୍ନାନ ପୂର୍ଣ୍ଣିମାର ଯଥେଷ୍ଟ ପୂର୍ବରୁ ଉଠିଲା ତିନି ରଥର ଚାରି ନାହାକ

ପୁରୀ, ୪।୬(ନିପ୍ର): ଚଳିତବର୍ଷ ରଥ ନିର୍ମାଣ କାର୍ଯ୍ୟ ବେଶ ଆଗୁଆ ଚାଲିଛି । ସ୍ନାନ ପୂର୍ଣ୍ଣିମାର ଯଥେଷ୍ଟ ପୂର୍ବରୁ ଉଠିଛି ତିନି ରଥର ଚାରି ନାହାକ । ରଥର ଦଣ୍ଡା ଉପରେ କଣ୍ଟା ବାଡ଼ିଆ ପରେ ଗରଗରା ଓ ପୋଲ ଗୟଳ ପଡିଥିଲା । ଏଥିସହ ଜଳଯନ୍ତ୍ର ଓ ଗୁଜ ସ୍ଥାପନ ସରିବା ପରେ ମହାରଣାଙ୍କ ନିର୍ଦ୍ଦେଶରେ ଭୋଇ ସେବକମାନେ ଗୁରୁବାର ଅପରାହ୍ନରେ ତିନି ରଥର ଚାରି ନାହାକ ଉଠାଇଛନ୍ତି । ଏଥିସହ ତୃତୀୟ ହରିବୋଲ ପକାଇଛନ୍ତି ଭୋଇ ସେବକ । ରଥଯାତ୍ରାର ଯଥେଷ୍ଟ ପୂର୍ବରୁ ତିନିରଥ ପ୍ରସ୍ତୁତ ହୋଇଯିବ ବୋଲି ଆଶା ରଖିଛନ୍ତି ରଥ ନିର୍ମାଣ କାରୀ । ଦେବସ୍ନାନ ପୂର୍ଣ୍ଣିମା ନ ଆସୁଣୁ ତିନି ରଥର ଅର୍ଦ୍ଧାଧିକ କାମ ସରିବାକୁ ବସିଲାଣି । ଲକ୍ଷ୍ୟ ଥାଏ ଦେବସ୍ନାନ ପୂର୍ଣ୍ଣିମା ଦିନ ତିନି ରଥର ଚାରିନାହାକ ଉଠିବ । କିନ୍ତୁ ଆଜି ଅପରାହ୍ନରେ ଭୋଇ ସେବକମାନେ ମହାରଣାଙ୍କ ନିର୍ଦ୍ଦେଶରେ ତିନି ରଥର ଚାରି ନାହାକ ଉଠାଇବା ସହ ତୃତୀୟ ହରିବୋଲ ପକାଇଛନ୍ତି । ପବିତ୍ର ଶ୍ରୀକ୍ଷେତ୍ର ଉଉଁରୀ ଅବସରରେ ତିନି ରଥର ଛଅଟି ଚକ ସହିତ ତିନୋଟି ଅଖ ସଂଯୋଗ କରାଯାଇଥିବା ବେଳେ ଶୀତଳଷଷ୍ଠୀ ର ଯଥେଷ୍ଟ ପୂର୍ବରୁ ତିନି ରଥର ୩୬ ଟି ଚକ ସହ ୧୮ଟି ଅଖ ସଂଯୋଗ ହୋଇ ଡେରା ଯାଇଥିଲା । ତେବେ ଚାରିନାହାକ ଉଠିବା ପରେ ଗୁଜ, ଜଳଯନ୍ତ୍ର ସ୍ଥାପନ ଚାଲିଛି । ଏହାପରେ ଛନ୍ଦା ଗୟଳ ପକାଇ ତୀଖ ଗୁଜ ଓ ସାଲଗୁଜ ସଂଯୋଗ କରାଯାଇ ଚଉଦ ନାହାକା ଉଠାଯିବ ବୋଲି ଭୋଇ ସେବକ କହିଛନ୍ତି ।

ବଜ୍ରାଘାତ:୯ ଗାଈ ମୃତ ୧୧ଆହତ

କୃଷ୍ଣପ୍ରସାଦ, ୪/୬(ନିପ୍ର): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ପରଳା ଗ୍ରାମ ଚିଲିକା କୂଳରେ ବଜ୍ରାଘାତ ଘଟି ଏକ ଅଭାବନୀୟ ଘଟଣା ଘଟିଛି । ଅସହ୍ୟ ଗରମ ଯୋଗୁଁ ଗାଈ ବାଛୁରୀ ମାନେ ଗାଁ ମୁଣ୍ଡ ଏକ ବରଗଛ ତଳେ ଆଶ୍ରୟ ନେଇଥିଲେ । ହଠାତ ସନ୍ଧ୍ୟା ୬ ଟା ସମୟରେ ଆକାଶକୁ କଳାମେଘ ଢାଙ୍କିଥିଲା । ଅଳ୍ପ ବର୍ଷା ଆରମ୍ଭ ହୋଇଥିବା ବେଳେ ଏକ ବଜ୍ରାଘାତ ହୋଇଥିଲା । ବଜ୍ରାଘାତରେ ଘଟଣା ସ୍ଥଳରେ ୯ଟି ଗାଈଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧ଟି ଗାଈ ବାଛୁରୀ ଆହତ ହୋଇ ଘଟଣା ସ୍ଥଳରୁ କେଉଁ ଆଡ଼େ ଦୌଡ଼ି ଚାଲି ଯାଇଛନ୍ତି । ପରଳା ଗ୍ରାମର ବାଲୁଙ୍କି ମହାନ୍ତି, ଲକ୍ଷ୍ମୀଧର ପ୍ରଧାନ, ଭ୍ରମର ବର ପ୍ରଧାନ, ସୁରେନ୍ଦ୍ର ପଣ୍ଡା,ଯୋଗେନ୍ଦ୍ର ପ୍ରଧାନ, ବାସୁଦେବ ପ୍ରଧାନ, ଦୈତାରୀ ମହାନ୍ତି, ବୁଲାମଣି ପ୍ରଧାନଙ୍କ ଗାଈ ମୃତ୍ୟୁ ହୋଇଥିବା ଜଣାଅପଡ଼ିଛି । ଖବର ପାଇ ଘଟଣା ସ୍ଥଳରେ ମାଲୁଦରୁ ଅଗ୍ନିଶମ ବାହିନୀ ପହଞ୍ଚିଥିବା ଜଣା ପଡିଛି । ବଜ୍ରାଘାତରେ ମୃତ୍ୟୁ ହୋଇଥିବା ଗାଇ ଚାଷୀଙ୍କୁ କ୍ଷତି ପୂରଣ ଦେବା ପାଇଁ ଦାବି ହେଉଛି ।

ବଜ୍ରାଘାତରୁ ଅଳ୍ପକେ ବର୍ତ୍ତିଲେ ୫ ସଦସ୍ୟ

ହିଞ୍ଜିଳିକାଟୁ,୪/୬(ନିପ୍ର): କାଳ ବୈଶାଖୀ ପ୍ରଭାବରେ ଗୁରୁବାର ହିଞ୍ଜିଳିକାଟୁ ଅଞ୍ଚଳରେ ଅପରାହ୍ନ ସମୟରେ ପବନ ଜୋରରେ ବହିବା ସହିତ ଘଡ଼ଘଡ଼ି ଓ ଅସରାଏ ବର୍ଷା ଅନୁଭୂତ ହୋଇଥିଲା । ୫୯ ନଂ ଜାତୀୟ ରାଜପଥର ହିଞ୍ଜିଳି ମଣ୍ଡଳ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଛର ଡାଳ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା । ଫଳରେ ଯାନ ବାହନ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା । ସ୍ଥାନୀୟ ଥାନା ନୂଆଁ ବୁରୁପଡ଼ାରେ ଥିବା ଏକ ଦୁଇ ମହଲା ବିଶିଷ୍ଟ କୋଠାରେ ପ୍ରବଳ ବଜ୍ରାଘାତ ହୋଇଥିଲା । ଫଳରେ ଘରର ବିଦ୍ୟୁତ ସରଞ୍ଜାମ ଜଳି ଯାଇଥିଲା । ସେତେବେଳେ ଘରେ ରହିଥିବା ୪ ଜଣ ସଦସ୍ୟ ଏବଂ ଅନ୍ୟ ଜଣେ ବୟସ୍କା ମହିଳା ବଜ୍ରାଘାତର ପ୍ରଭାବରେ ଅସୁସ୍ଥତା ଅନୁଭବ କରିଥିଲେ । ସେମାନେ ହେଲେ ଝୁନୁ ଖଣ୍ଡୁଆଳ(୫୪), ମାମୁନି ପରିଡ଼ା (୩୨), ସ୍ମୃତି ପରିଡ଼ା (୧୫), ଶ୍ରୀକ୍ରିଷ୍ଣା ପରିଡ଼ା (୧୦) ଓ ଶିବ ପରିଡା (୫) । ଆହତଙ୍କୁ ସାହି ପଡ଼ୋଶୀ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡ଼ାକ୍ତର ପୀଡ଼ିତଙ୍କୁ ପ୍ରାଥମିକ ଚିକିତ୍ସା ଆରମ୍ଭ କରି ଆବଶ୍ୟକୀୟ ସେବା ପ୍ରଦାନ କରିଥିଲେ । ବର୍ତ୍ତମାନ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡିଛି ।

ଏନସିଆରଟିଇର ସିଇଇ-୨୦୨୬ ପାଇଁ ଅନଲାଇନ୍ ଆବେଦନ ବୃଦ୍ଧି

ଭୁବନେଶ୍ୱର, ୪/୬(ପିଆଇବି): ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ (ଏନ୍ସିଇଆର୍ଟି) ପକ୍ଷରୁ ଆୟୋଜିତ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ)-୨୦୨୬ ପାଇଁ ଅନଲାଇନ୍ ପଞ୍ଜୀକରଣ ଓ ଆବେଦନପତ୍ର ଦାଖଲର ଶେଷ ତାରିଖ ବୃଦ୍ଧି କରାଯାଇଛି । ଆଗ୍ରହୀ ପ୍ରାର୍ଥୀମାନେ ୭ ଜୁନ୍ ୨୦୨୬ ରାତି ୧୧ଟା ୫୫ ମିନିଟ୍ ପର୍ଯ୍ୟନ୍ତ ଅନଲାଇନ୍ ପଞ୍ଜୀକରଣ ସମ୍ପୂର୍ଣ୍ଣ କରି ନିଜର ଆବେଦନପତ୍ର ଦାଖଲ କରିପାରିବେ । ଏନସିଆରଟିଇ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ପରିଚାଳିତ ବିଭିନ୍ନ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମରେ ନାମଲେଖା ପାଇଁ ସିଇଇ-୨୦୨୬ ଆୟୋଜିତ ହେଉଛି । ଅଧିକ ସଂଖ୍ୟକ ଯୋଗ୍ୟ ପ୍ରାର୍ଥୀଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରିବା ସହ ଯେଉଁମାନେ ଏପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ସମାପ୍ତ କରିପାରିନାହାନ୍ତି ସେମାନଙ୍କୁ ଅତିରିକ୍ତ ସୁଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ସମୟସୀମା ବୃଦ୍ଧି କରାଯାଇଛି । ଏନ୍ସିଇଆର୍ଟି ପକ୍ଷରୁ ଘୋଷଣା କରାଯାଇଛି ଯେ, ୮ ଜୁନ୍ ୨୦୨୬ ଠାରୁ ୯ ଜୁନ୍ ୨୦୨୬ ରାତି ୧୧ଟା ୫୫ ମିନିଟ୍ ପର୍ଯ୍ୟନ୍ତ ଆବେଦନପତ୍ରରେ ସଂଶୋଧନ ପାଇଁ ବିଶେଷ ସୁବିଧା ଉପଲବ୍ଧ ରହିବ । ଏହି ଅବଧି ମଧ୍ୟରେ ପ୍ରାର୍ଥୀମାନେ ଅନଲାଇନ୍ ଆବେଦନପତ୍ରରେ ଦାଖଲ କରିଥିବା ବ୍ୟକ୍ତିଗତ ସୂଚନା ଯାଞ୍ଚ କରି ଆବଶ୍ୟକ ସଂଶୋଧନ କରିପାରିବେ । ଏଥିପାଇଁ ସେମାନଙ୍କୁ ନିଜର ଲଗ୍-ଇନ୍ ବିବରଣୀ ବ୍ୟବହାର କରି ସିଇଇ-୨୦୨୬ ପୋର୍ଟାଲରେ ପ୍ରବେଶ କରିବାକୁ ପଡ଼ିବ । ଯେଉଁ ପ୍ରାର୍ଥୀମାନେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରିଥିଲେ ମଧ୍ୟ ଆବେଦନପତ୍ରର ଅନ୍ତିମ ଦାଖଲ ପ୍ରକ୍ରିୟା ସମାପ୍ତ କରିନାହାନ୍ତି, ସେମାନଙ୍କୁ ସଂଶୋଧିତ ଶେଷ ତାରିଖ ପୂର୍ବରୁ ଆବେଦନ ପ୍ରକ୍ରିୟା ପୂରଣ କରିବାକୁ ପରାମର୍ଶ ଦିଆଯାଇଛି । ନିର୍ଦ୍ଧାରିତ ସମୟସୀମା ଅତିକ୍ରମ ହେବା ପରେ ପଞ୍ଜୀକରଣ କିମ୍ବା ଆବେଦନପତ୍ର ଦାଖଲ ସମ୍ପର୍କିତ କୌଣସି ଅନୁରୋଧ ଗ୍ରହଣ କରାଯିବ ନାହିଁ ।



ନୂତନ ଓ ଅଭିନବ ସମ୍ପତ୍ତି ମୁଦ୍ରୀକରଣ ମାଧ୍ୟମରେ ପୂର୍ବତଟ ରେଳପଥର ଅଣ-ଭଡ଼ା ରାଜସ୍ୱରେ ଉଲ୍ଲେଖନୀୟ ଅଭିବୃଦ୍ଧି

ଭୁବନେଶ୍ୱର,୪/୬(ପିଆଇବି): ଆର୍ଥିକ ସ୍ୱାବଲମ୍ବନ ଏବଂ ଯାତ୍ରୀ-କୈନ୍ଦ୍ରିକ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପୂର୍ବତଟ ରେଳପଥ ଏହାର ସମଗ୍ର ନେଟୱାର୍କରେ ରେଳ ସମ୍ପତ୍ତିର ଅଭିନବ ଏବଂ ବିବିଧ ଉପାୟ ବ୍ୟବହାର କରି ଅଣ-ଭଡ଼ା ରାଜସ୍ୱ ଆୟରେ ଉଲ୍ଲେଖନୀୟ ବୃଦ୍ଧି ହାସଲ କରିଛି । ପାରମ୍ପରିକ ଯାତ୍ରୀ ଏବଂ ମାଲ୍ ପରିବହନ ଆୟରୁ ଊର୍ଦ୍ଧ୍ୱକୁ ଯାଇ, ରେଳବାଇ ଏହାର ଅନେକ ସ୍ୱଳ୍ପ-ବ୍ୟବହୃତ ସମ୍ପତ୍ତି ଏବଂ ସେବା କ୍ଷେତ୍ରକୁ ସଫଳତାର ସହ ଆକର୍ଷଣୀୟ ରାଜସ୍ୱ ଉପାର୍ଜନକାରୀ ମାଧ୍ୟମରେ ରୂପାନ୍ତରିତ କରିଛି; ଯାହା ଯାତ୍ରୀମାନଙ୍କ ସୁବିଧା, ସ୍ଥାନୀୟ ନିଯୁକ୍ତି ସୃଷ୍ଟି ଏବଂ ପରିବେଶ ସ୍ଥିରତାରେ ମଧ୍ୟ ଯୋଗଦାନ ଦେଉଛି । ଏହି ସଫଳତା ପୂର୍ବତଟ ରେଳପଥର ସେହି ଦୂରଦୃଷ୍ଟିକୁ ପ୍ରତିଫଳିତ କରେ ଯେଉଁଠାରେ ରେଳ ଭିତ୍ତିଭୂମିକୁ କେବଳ ପରିବହନ ସମ୍ପତ୍ତି ଭାବରେ ନୁହେଁ, ବରଂ ଗୋଷ୍ଠୀ-କେନ୍ଦ୍ରିକ ସ୍ଥାନ ଭାବରେ ବିକଶିତ କରାଯାଉଛି, ଯାହା ଯାତ୍ରା ଅଭିଜ୍ଞତାକୁ ସୁଧାରିବା ସହ ଅର୍ଥନୈତିକ ସୁଯୋଗ ସୃଷ୍ଟି କରୁଛି । ସବୁଠାରୁ ଦୃଶ୍ୟମାନ ଓ ଲୋକପ୍ରିୟ ପଦକ୍ଷେପଗୁଡ଼ିକ ମଧ୍ୟରେ ଖୋର୍ଦ୍ଧା ରୋଡ୍, ପୁରୀ, ରାୟଗଡ଼ା, ଟିଟିଲାଗଡ଼, ମୁନିଗୁଡ଼ା ଏବଂ ହୀରାକୁଦ ଷ୍ଟେସନରେ କାର୍ଯ୍ୟକାରୀ ହୋଇଥିବା 'ରେଳ କୋଚ୍ ରେଷ୍ଟୁରାଣ୍ଟ' ଅନ୍ତର୍ଭୁକ୍ତ । ସୃଜନଶୀଳ ଭାବେ ପୁନଃବ୍ୟବହୃତ ଏହି କୋଚ୍‌ଗୁଡ଼ିକ ଲୋକପ୍ରିୟ ଭୋଜନସ୍ଥଳୀ ଭାବେ ପରିଚିତ ହୋଇଉଠିଛି । ଏଗୁଡ଼ିକ ଷ୍ଟେସନ ପରିସରର ସୌନ୍ଦର୍ଯ୍ୟବର୍ଦ୍ଧନ, ପର୍ଯ୍ୟଟନର ପ୍ରୋତ୍ସାହନ ଓ ସ୍ଥାନୀୟ ନିଯୁକ୍ତି ସୃଷ୍ଟିରେ ସହାୟକ ହେବା ସହିତ ୧,୩୬, ୭୦,୩୬୯ ଟଙ୍କା ରାଜସ୍ୱ ଆଦାୟ କରିଛି ।

ସରକାରୀ ବ୍ୟବହାର ପାଇଁ ଭଡ଼ାରେ ଆସିବ ଇଭି ଭେଇକିଲ, ଧାର୍ଯ୍ୟ ହେଲା ମାସିକ ଭଡ଼ା ଦେୟ

- ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳ ସଦସ୍ୟଙ୍କ ଯାଏଁ ମାସିକ ଭଡ଼ା ଧାର୍ଯ୍ୟ
- ବ୍ଲକ୍ ଓ ତହସିଲ୍ ସ୍ତରରେ ସରକାରୀ କର୍ମଚାରୀଙ୍କ ମାସିକ ଭଡ଼ା ଧାର୍ଯ୍ୟ
- ଓଆରଇଡିଏରେ ସର୍ବାଧିକ ୩୦୦ଟି ଇଭି ଭଡ଼ାରେ ଯୋଗାଇବା ବ୍ୟବସ୍ଥା

ଭୁବନେଶ୍ୱର, ୪।୬ : ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ଇନ୍ଧନ ସମସ୍ୟା ସୃଷ୍ଟି ହୋଇଛି । ଇନ୍ଧନ ବ୍ୟୟର ଆର୍ଥିକ ଭାରକୁ ଦୃଷ୍ଟିରେ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ବାଧ୍ୟତାମୂଳକ ଭାବେ ବୈଦ୍ୟୁତିକ ଯାନ ଭଡାରେ ନିୟୋଜନ କରାଯିବ । ଭଡାରେ ନିୟୋଜିତ ବୈଦ୍ୟୁତିକ ଯାନର ଭଡ଼ା ଦେୟ ସରକାର ଧାର୍ଯ୍ୟ କରିଛନ୍ତି । ବ୍ଲକ୍ , ତହସିଲ ସ୍ତରରେ ମାସିକ ୪୪,୦୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । (ପ୍ରଶାସନିକ ବିଭାଗ , ବିଭାଗୀୟ ମୁଖ୍ୟ,ସ୍ୱତନ୍ତ୍ର ସଚିବ , ନିର୍ଦ୍ଦେଶକ (ଗ) ଜିଲ୍ଲା ସ୍ତର ପାଇଁ ୪୪ ହଜାର ଧାର୍ଯ୍ୟ କରାଯାଇଛି । ସେହିପରି ଜିଲ୍ଲା ଜଜ୍, ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପାଇଁ ୧୦ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବ , ପ୍ରମୁଖ ଶାସନ ସଚିବ , କମିଶନର-ତଥା- ଶାସନ ସଚିବ ଏବଂ ସେହି ସମାନ ପାହ୍ୟାର ଅଧିକାରୀ ୧୪ ହଜାର ଟଙ୍କା ଇଭି ଭେଇକିଲ ଭଡା ପାଇଁ ଦିଆଯିବ । ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର , କୃଷି ଉତ୍ପାଦନ କମିଶନର ପାଇଁ ୧୦ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି । ରାଜ୍ୟପାଳ , ମୁଖ୍ୟମନ୍ତ୍ରୀ, ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି , ଅନ୍ୟ ବିଚାରପତି , ମନ୍ତ୍ରୀଙ୍କ ପାଇଁ ୨୫ ହଜାର ଟଙ୍କା ଇଭି ଭେଇକିଲ ଭଡା ଦେୟ ସ୍ଥିର କରାଯାଇଛି । ତେବେ ଭଡ଼ା ଦେୟ ମଧ୍ୟରେ ଚାର୍ଜି ଖର୍ଚ୍ଚ ଅନ୍ତର୍ଭୁକ୍ତ ହେବନାହିଁ । ସେବା ପ୍ରଦାନକାରୀ ସଂସ୍ଥାମାନଙ୍କୁ ବୈଦୁତିକ ଯାନ ଚାର୍ଜି ବାବଦରେ ପ୍ରତି କିଲୋମିଟର ପିଛା ୨ ଟଙ୍କା ହାରରେ ଦେୟ ପ୍ରଦାନ କରାଯିବ । ଯେଉଁ କ୍ଷେତ୍ରରେ ରାଜ୍ୟ ସରକାର ଚାର୍ଜଙ୍ଗ ବାବଦ ଖର୍ଚ୍ଚ ବହନ କରିବେ, ସେଠାରେ ଯାନ ଯୋଗାଇଥିବା ସଂସ୍ଥାକୁ ଚାର୍ଜିଂ ବାବଦରେ ଦେୟ ପ୍ରଦାନ କରାଯିବ ନାହିଁ । ଏହି ଦର ଦୁଇ ବର୍ଷ ପାଇଁ ପ୍ରଯୁଜ୍ୟ ହେବ ଏବଂ ଏହା ପରେ ଏହାର ପୁନର୍ବିଚାର କରାଯିବ । ଏହା ବ୍ୟତୀତ ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକ ଓଆରଇଡିଏ ମାଧ୍ୟମରେ ବୈଦ୍ୟୁତିକ ଯାନ ଭଡ଼ା ସୂତ୍ରରେ ଆଣିପାରିବେ । ଭଡା ଦେୟ ଟେଣ୍ଡର ମାଧ୍ୟମରେ ଧାର୍ଯ୍ୟ ହୋଇଥିବା ଦରରେ ଢଜରଉଇ କୁ ପ୍ରଦାନ କରିବେ । ଓଆରଇଡିଏ ସର୍ବାଧିକ ୩୦୦ଟି ବୈଦ୍ୟୁତିକ ଯାନ ଭଡ଼ା ସୂତ୍ରରେ ପ୍ରଦାନ କରିପାରିବ । ସରକାରୀ କାର୍ଯ୍ୟାଳୟ ତଥା ଉଚ୍ଚ ପଦସ୍ଥ ଅଧିକାରୀଙ୍କ ବ୍ୟବହାର ପାଇଁ ଭଡା ସୂତ୍ରରେ କେବଳ ବୈଦୁତିକ ଯାନକୁ ନିୟୋଜିତ କରାଯିବ ।

୩୫ ବ୍ୟାଗ୍ କାଠ କୋଇଲା ଜବତ

ଆଠଗଡ଼,୪।୬(ନିପ୍ର): ଆଠଗଡ଼ ବନଖଣ୍ଡ ଅଧିନସ୍ଥ ଖୁଣ୍ଟୁଣୀ ରେଞ୍ଜ ପକ୍ଷରୁ ଖଣ୍ଡୁଆଳୀ କଲୋନୀ ସାହିର ଏକ ପରିତ୍ୟକ୍ତ ସ୍କୁଲ ପରିସରରୁ ବୁଧବାର ରାତ୍ରି ୪ଟା ସମୟରେ ୩୫ ବ୍ୟାଗ୍ କାଠ କୋଇଲା ଜବତ କରାଯାଇଛି । ଏଠାରେ କେହି ଗିରଫ ହୋଇନଥିବା ଖୁଣ୍ଟୁଣୀ ରେଞ୍ଜର ସୂଚନା ଦେଇଛନ୍ତି । ଏହି ଜବତ କାର୍ଯ୍ୟକ୍ରମରେ ବନପାଳ କୃଷ୍ଣ ସ୍ୱାଇଁଙ୍କ ସହ ବନ ବିଭାଗ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ । କେହି ଗିରଫ ନହେବା ଘଟଣାକୁ ନେଇ ସାଧାରଣରେ ଏହା ଧର୍ମକୁ ଆଖିଠାର ବୋଲି ଚର୍ଚ୍ଚା ହେଉଛି । ଏହା ପୂର୍ବରୁ ଆଠଗଡ଼ ବନାଞ୍ଚଳରେ ଗଛଲଗାରେ ଦୁର୍ନୀତିକୁ ଅଭିଯୋଗକୁ ନେଇ ଦୁର୍ନୀତି ନିବାରଣ ବିଭାଗର ୯ ଜଣିଆ ଟିମ୍ ପକ୍ଷରୁ ଗଛ ଗଣତି ଚାଲିଥିଲା ।

୮ ବର୍ଷ ପରେ ବଳାତ୍କାର ଅଭିଯୁକ୍ତ ଗିରଫ

କଟକ, ୪/୬(ନିପ୍ର): ଜଗତପୁର ଥାନା ପୋଲିସ ବଳାତ୍କାର ଓ ହତ୍ୟା ଧମକ ଦେବା ଅଭିଯୋଗରେ ଘଟଣାର ୮ ବର୍ଷ ପରେ ଅଭିଯୁକ୍ତକୁ ଝାଡ଼ଖଣ୍ଡରୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ସ୍ଥାନୀୟ ପଦ୍ମପୁର ମୁତାରିଫର ସେକ ନଜମୁଲ ଅରଫିନ ଓରଫ ମୁନା ଓରଫ ହାଫିଜି (୪୫) । ମିଳିଥିବା ସୂଚନା ଅନୁଯାୟୀ ଅଭିଯୁକ୍ତ ୨୦୧୮ ମସିହା ଜୁଲାଇ ମାସରେ ଜଣେ ମହିଳାଙ୍କୁ ଦୁଷ୍କର୍ମ କରିବା ସହ ଏନେଇ ବାହାରେ ପ୍ରକାଶ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ମାତ୍ର ପୀଡିତା ଏ ନେଇ ୨୦୧୮ ଜୁଲାଇ ୨୭ ତାରିଖରେ ଥାନାରେ ଅଭିଯୋଗ କରିଥିଲେ । ଅଭିଯୁକ୍ତ ଗିରଫଦାରୀ ଏଡେଇବା ପାଇଁ ଘଟଣା ଘଟାଇବା ପରେ ଫେରାର ହୋଇଯାଇଥିଲା । ପୋଲିସ ସେବେଠାରୁ ତଦନ୍ତ ଜାରି ରଖିଥିଲା । ଅଭିଯୁକ୍ତ ଝାଡ଼ଖଣ୍ଡରେ ଥିବା ଖବର ପାଇବା ମାତ୍ରେ ପୋଲିସ ସେଠାରେ ଚଢ଼ାଉ କରି ଗିରଫ କରି ଓଡିଶା ଆଣିଥିଲା । ତାକୁ କୋର୍ଟଚାଲାଣ କରାଯାଇଛି ।

ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା, ଜଣେ ଗୁରୁତର

କୁଚିଣ୍ଡା,୪/୬(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ରଙ୍ଗିଆଟିକିରା ପଞ୍ଚାୟତ ରେଙ୍ଗାପଡ଼ାଠାରେ ଗୁରୁବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଜଣେ ବାଇକ୍ ଆରୋହୀ ସମ୍ବାରୁ କିଶାନ(୪୫) ଗୁରୁତର ଆହତ ହୋଇଥିଲେ । ଚିକିତ୍ସା ପାଇଁ ପ୍ରଥମେ ତାଙ୍କୁ ଗୋବିନ୍ଦପୁର ମେଡ଼ିକାଲକୁ ନିଆଯାଇଥିଲା । ହେଲେ ଡାକ୍ତର ତାଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମେଡ଼ିକାଲକୁ ରେଫର କରିଥିଲେ । ସୂଚନା ଅନୁଯାୟୀ, ଗୁରୁବାର ପୂର୍ବାହ୍ନ ୯ଟା ସମୟରେ ତୁରିପଡ଼ା ଗ୍ରାମର ସମ୍ବାରୁ କିଷାନ ରେଙ୍ଗାପଡ଼ାରୁ ଏକ ବାଇକ୍ ଯୋଗେ ବାଦପଡ଼ାକୁ ଯାଉଥିଲେ, ହେଲେ ରେଙ୍ଗାପଡ଼ା ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ତାଙ୍କ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣାରେ ତାଙ୍କ ଡାହାଣ ଗୋଡ଼ ଭାଙ୍ଗି ଯିବାରୁ ସେ ଗୁରୁତର ଆହତ ହୋଇଥିଲେ ।

ଭାପୁରରୁ ୬ ପିଇଓଙ୍କ ବଦଳି

ଭାପୁର, ୪/୬(ନିପ୍ର): ନୟାଗଡ଼ ଜିଲ୍ଲାରେ ପିଇଓ ମାନଙ୍କର ଏକ ବଡ଼ ଧରଣର ଅଦଳବଦଳ ହୋଇଛି । ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଏହି ଅଦଳବଦଳ କରିଥିବାବେଳେ ଭାପୁର ବ୍ଲକର ବିଭିନ୍ନ ପଂଚାୟତରେ କାର୍ଯ୍ୟରତ ୬ ଜଣ ପିଇଓଙ୍କ ବଦଳି ହୋଇଛି । ଭାପୁର ବ୍ଲକରେ କାର୍ଯ୍ୟରତ ପିଇଓ ଅନିଲ କୁମାର ଦାସ ,ବିଶ୍ୱଜିତ ଭୂୟାଁ,ରମେଶ ଚନ୍ଦ୍ର ବେହେରା ଏବଂ ପଦ୍ମ ଚରଣ ବିଶ୍ୱାଳଙ୍କୁ ରଣପୁର ବ୍ଲକ,ହେମଲତା ସେଠିଙ୍କୁ ଖଣ୍ଡପଡା ବ୍ଲକ,ରାଧାରମଣ ଦଳବେହେରାଙ୍କୁ ଓଡ଼ଗାଁ ବ୍ଲକ ବଦଳି ହୋଇଛି ।

AFFIDAVIT

By virtue of an affidavit The Executive Magistrate, Talcher dtd 14.05.2026, I Niranjan Barik S/o-Late Gouranga Barik At/Po-Hensmul, Ps-Talcher, Dist-Angul, Pin-759103 do hereby declare that I have change my son's name from Soumyakanta Barik to Soumyakant Barik. Henceforth he will be known as Soumyakant Barik.

Sd/-Niranjan Barik

AFFIDAVIT

By virtue of an affidavit sworn before The Executive Magistrate, Panchpir, Karanjia, Mayurbhanj, affidavit no.1800 dtd.14.05.2026, I Manjulata Hanhaga D/o-Krushna Chandra Hanhaga, At-Dumbi Sahi, Po-Nedhuapal, Ps-Karanjia, Dist-Mayurbhanj, Odisha, Pin-757038 do hereby declare that I have changed my name from Manju Hanhaga to Manjulata Hanhaga. Henceforth I shall be known as Manjulata Hanhaga for all purposes.

Sd/-Manjulata Hanhaga

ଆଇଜିଆଇଟି ସରାଙ୍ଗକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରସ୍ତାବ

ଭୁବନେଶ୍ୱର, ୪।୬(ନିପ୍ର): ଢେଙ୍କାନାଳ ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ 'ଇନ୍ଦିରା ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି' (ଆଇଜିଆଇଟି), ସରାଙ୍ଗକୁ ଏକ ସ୍ୱତନ୍ତ୍ର ଏକକ ବିଶ୍ୱବିଦ୍ୟାଳୟ ଭାବେ ଅପଗ୍ରେଡ୍ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏସ ନେଇ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି । ଶ୍ରୀ ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ସରକାରଙ୍କ ବଜେଟ୍ ୨୦୨୬-୨୭ରେ ବୁର୍ଲାର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ଏବଂ ଭୁବନେଶ୍ୱରର ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର)କୁ ବିଶ୍ୱସ୍ତରୀୟ ବୈଷୟିକ ବିଶ୍ୱବିଦ୍ୟାଳୟରେ ପରିବର୍ତ୍ତନ କରିବା ପାଇଁ ନିଆଯାଇଥିବା ନିଷ୍ପତ୍ତି ପ୍ରଶଂସନୀୟ । ଏହି କ୍ରମରେ ଆଇଜିଆଇଟି, ସରାଙ୍ଗକୁ ମଧ୍ୟ ସମାନ ଭାବେ ଉନ୍ନତ କରାଯିବା ଆବଶ୍ୟକ ବୋଲି ସେ ପ୍ରସ୍ତାବ ଦେଇଛନ୍ତି । ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି, ୧୯୮୨ ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନର ପ୍ରାୟ ୪୫ ବର୍ଷର ଏକ ସମୃଦ୍ଧ ସେବା ଓ ଗୌରବର ଇତିହାସ ରହିଛି । ଏହା ବର୍ତ୍ତମାନ ୟୁଜିସି ଦ୍ୱାରା ସ୍ୱୟଂଶାସିତ ମାନ୍ୟତା ପ୍ରାପ୍ତ, ଏଆଇସିଟିଇ ଦ୍ୱାରା ଅନୁମୋଦିତ ଏବଂ ଏନବିଏ ଦ୍ୱାରା ସ୍ୱୀକୃତିପ୍ରାପ୍ତ ମଧ୍ୟ । ଏହା ସହିତ ଏହି ଅନୁଷ୍ଠାନ ବୈଷୟିକ ଶିକ୍ଷା ଗୁଣବତ୍ତା ସୁଧାର କାର୍ଯ୍ୟକ୍ରମ (ଟିଇକ୍ୟୁଆଇପି) ଦ୍ୱାରା ମଧ୍ୟ ସହାୟତା ପ୍ରାପ୍ତ, ଯାହା ଏହାର ଶିକ୍ଷାଗତ ବିଶ୍ୱସନୀୟତା ଓ ସାଂଗଠନିକ ଦକ୍ଷତାକୁ ଦର୍ଶାଉଛି । ଏହି ପ୍ରତିଷ୍ଠିତ ଅନୁଷ୍ଠାନରେ ପିଏଚ.ଡି, ଏମ.ଟେକ, ଏମସିଏ, ବି.ଟେକ, ବ୍ୟାଚଲର ଅଫ୍ ଆର୍କିଟେକଚର , ଏମ.ଏସସି ଏବଂ ଡିପ୍ଲୋମା ଭଳି ବିଭିନ୍ନ ଉଚ୍ଚକୋଟୀର ପାଠ୍ୟକ୍ରମର ସୁବିଧା ରହିଛି । ଏସବୁ ଯୋଗ୍ୟତାସମ୍ପନ୍ନ ଓ ଅଭିଜ୍ଞ ଅଧ୍ୟାପକ ତଥା ଦୃଢ଼ ଏକାଡେମିକ ଭିତ୍ତିଭୂମି ଦ୍ୱାରା ପରିଚାଳିତ ହେଉଛି । ଛାତ୍ରଛାତ୍ରୀଙ୍କ ଉନ୍ନତ ଭବିଷ୍ୟତ ପାଇଁ ଏହି ଅନୁଷ୍ଠାନ ଆଇଆଇଟି, ବମ୍ବେ ସହ ଏହାର 'ଭର୍ଚୁଆଲ ଲ୍ୟାବ୍' କାର୍ଯ୍ୟକ୍ରମ ପାଇଁ ଏବଂ ଭାରତୀୟ ପାଣିପାଗ ବିଭାଗ (ଆଇଏଡି) ସହ ଇଣ୍ଟର୍ନସିପ୍ ସୁଯୋଗ କ୍ଷେତ୍ରରେ ସଫଳତାର ସହ ଭାଗିଦାରୀ ରଖିଛି । ଆଇଜିଆଇଟି ସରାଙ୍ଗ, ଢେଙ୍କାନାଳ ଏବଂ ଅନୁଗୋଳର ବୃହତ ଶିଳ୍ପାଞ୍ଚଳ ମଧ୍ୟରେ ଅବସ୍ଥିତ ଥିବାରୁ ଏହା ଶିଳ୍ପ ଆଧାରିତ ଜ୍ଞାନ, ଗବେଷଣା, ଇନୋଭେସନ ମାଧ୍ୟମରେ ସ୍ଥାନୀୟ ଶିଳ୍ପ ପରିସଂସ୍ଥାନକୁ ଅଧିକ ବ୍ୟାପକ କରାଇବାର ମଧ୍ୟ ସମ୍ଭାବନା ରଖିଛି । ଏହାକୁ ଏକକ ବିଶ୍ୱବିଦ୍ୟାଳୟ ରୂପେ ଗଢ଼ିତୋଳିଲେ ଅନୁଷ୍ଠାନର ଏକାଡେମିକ ସ୍ୱାୟତ୍ତତା ବୃଦ୍ଧି ପାଇବ, ଉନ୍ନତ ଗବେଷଣା ଓ ଇନୋଭେସନକୁ ପ୍ରୋତ୍ସାହନ ମିଳିବ । ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ମିଳିବା ସହ ଦକ୍ଷ ପ୍ରଫେସରମାନଙ୍କୁ ଏଠାକୁ ଆସିବା ପାଇଁ ଆକୃଷ୍ଟ କରିବ । ଅନୁଷ୍ଠାନକୁ ଅଧିକ ପାଣ୍ଠି ମିଳିବା ସହ ଭାଗିଦାରୀ ମଧ୍ୟ ବଢିବାର ସମ୍ଭାବନା ରହିଛି । ଆଇଜିଆଇଟି, ସରାଙ୍ଗକୁ ଏକକ ବିଶ୍ୱବିଦ୍ୟାଳୟ ଭାବେ ଉନ୍ନତ କଲେ, ଏହା କେବଳ ଓଡ଼ିଶାର ବୈଷୟିକ ଶିକ୍ଷା ଦୃଶ୍ୟପଟ୍ଟକୁ ମଜଭୁତ୍ କରିବ ନାହିଁ, ବରଂ ରାଜ୍ୟର ଶିଳ୍ପ ଅଭିବୃଦ୍ଧି, ଗବେଷଣା ଏବଂ ଉଦ୍ଭାବନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ ।

GOVERNMENT OF ODISHA, DEPARTMENTOF WATER RESOURCES 32001/322/2627
Office of the Addl. Chief Engineer, Mechanical Circle, Bhubaneswar
Email Address: semechcircle104@gmail.com
e-Procurement Notice- Bid Identification No.- ACEM/MDC-08/2026-27

1.	Name of the Work	: Mechanical Gate Works
2.	No. of Works	: 01 (One)
3.	Category of executors	: SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4.	Bid Identification No.	: ACEM/MDC-08/2026-27
5.	Estimated Cost	: Rs. 12,19,989 /-
6.	Period of Completion	: 01 (One) calendar month.
7.	Date & time of availability of bid documents in the Portal	: From dt.06.06.2026(10.00 AM) to dt.19.06.2026(5.30 PM)
8.	Last date/ time for receipt of bid in the Portal	: dt.19.06.2026 (up to 5.30 PM)
9.	Date and Place of opening of Bid	: dt.20.06.2026(11.00 AM onwards in the O/O the undersigned)
10.	Name of the Officer inviting bid	: Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Addl. Chief Engineer,
Mechanical Circle Bhubaneswar

OIPR 32001/32405/1/26-27/0009

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ